RNI REGD NO: 42041/83 ◆ www.sakalaepaper.com ◆ /sakalanews ◆ /sakalanews ◆ www.thesakala.in

ଧ୍ୟାୟେ ନିତ୍ୟଂ ମହେଶଂ ରଜତଗିରିନିଭଂ ଚାରୁଚନ୍ଦ୍ରାବତଂସଂ,
ରତ୍ନାକଳ୍ପୋଜ୍ଜ୍ୱଳାଙ୍ଗଂ ପରଶୁମୃଗବରାଭୀତିହସ୍ତଂ ପ୍ରସନ୍ନଂ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-230 ◆SUNDAY ◆15 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୩୦ ◆ରବିବାର ◆୧୫ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)

## ପ୍ରମୋଦ ଭଗତଙ୍କୁ ୬ଷ୍ଠ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍



■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବିଶ୍ୱ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଚାମ୍ପିଅନ ହୋଇଛନ୍ତି। ପୁରୁଷ ବ୍ୟାଡ୍‌ମିଣ୍ଟନର ଏସଏଲ୍-୩ ବର୍ଗର ଫାଇନାଲରେ ପ୍ରମୋଦ ୨୧-୧୨, ୨୧-୧୮ ସିଧାସଳଖ ଗେମରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩୭ ବର୍ଷୀୟ ପ୍ରମୋଦଙ୍କ ଏହା କ୍ରମାଗତ ୪ର୍ଥ ଓ ମୋଟ୍ ଉପରେ ୬ଷ୍ଠ ପାରା ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍। ଏସଏଲ୍-୩ ବର୍ଗରେ ପ୍ରଭାବ ବିସ୍ତାର କରିଥିବା ପ୍ରମୋଦ ଏଥିପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଷଷ୍ଠ ବିଶ୍ୱ ଟାଇଟଲ୍ ସହ ପ୍ରମୋଦ ଚୀନର କିମ୍ବଦନ୍ତୀ ଖେଳାଳି ଲିନ୍ ଡାନଙ୍କୁ ଟପିଛନ୍ତି। ଲି ତାଙ୍କ କ୍ୟାରିୟରରେ ପାଞ୍ଚଥର ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍ ହାସଲ କରିଥିଲେ। ଅପରପକ୍ଷରେ ସୁକାନ୍ତ କଦମଙ୍କୁ ସାଥୀ କରି ପ୍ରମୋଦ ଏଠାରେ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଫଳରେ ଏହି ପାରା ବିଶ୍ୱ ଚାମ୍ପିଅନସିପରେ ପ୍ରମୋଦ ଦୁଇଟି ଟାଇଟଲ୍ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି।

ଟି-୨୦ ବିଶ୍ୱକପ୍

## ଭାରତ-ପାକିସ୍ତାନ ହାଇ-ଭୋଲଟେଜ୍ ଟକ୍କର ଆଜି

■ କଲମ୍ବୋ, ୧୪।୨ (ଏଜେନ୍ସି): ଶ୍ରୀଲଙ୍କାର କଲମ୍ବୋସ୍ଥିତ ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍‌ର ମହାମୁକାବିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଯାଉଛି। ଗ୍ରୁପ୍-ଏ'ରେ ଖେଳାଯିବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଜିତି ମହାଲଢ଼େଇ ଲାଗି ପ୍ରସ୍ତୁତ ହୋଇଯାଇଛନ୍ତି। ଭାରତର ତାରକା ଖଚିତ ବିସ୍ଫୋରକ ବ୍ୟାଟର ଓ କଲମ୍ବୋର ମନ୍ଥର ପିଚ୍‌ରେ ପ୍ରଭାବ ବିସ୍ତାର କରିଥିବା ପାକିସ୍ତାନୀ ସ୍ପିନରଙ୍କ ମଧ୍ୟରେ ଜୋରଦାର ମୁକାବିଲା ହେବାର ସମ୍ଭାବନା ରହିଛି। ଏହି ମ୍ୟାଚ୍‌କୁ ନେଇ ସାରା ବିଶ୍ୱର କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ଟି-୨୦ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଭାରତ ଓ ପାକିସ୍ତାନ ମୋଟ୍ ୮ଥର ଭେଟାଭେଟି ହୋଇଥିଲା ବେଳେ




ଏଥିମଧ୍ୟରୁ ଭାରତ ୭ଟିରେ ଜିତିଥିଲା ବେଳେ ପାକିସ୍ତାନ ମାତ୍ର ଗୋଟିଏ ମ୍ୟାଚ୍ ଜିତିଛି। ତେବେ ଆସନ୍ତାକାଲି ମ୍ୟାଚକୁ ନେଇ ପାଣିପାଗ ▸ପୃଷ୍ଠା-୭

ବ୍ରିଟେନ ଓ ୟୁରୋପୀୟ ନେତାଙ୍କ ଦାବି

## ବିରୋଧୀ ଦଳ ନେତାଙ୍କୁ ବିଷ ଦେଇ ମାରିଥିଲେ ପୁଟିନ



### ଜେଲ୍‌ରେ ଦିଆ ଯାଇଥିଲା 'ଡାର୍ଟ ଫ୍ରଗ୍ ଟକ୍ସିନ'

■ ଲଣ୍ଡନ, ୧୪।୨ (ଏଜେନ୍ସି): ରୁଷର ବିରୋଧୀ ଦଳ ନେତା ଆଲେକ୍ସି ନଭଲେନିଙ୍କୁ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଜେଲ୍‌ରେ ହତ୍ୟା କରାଇ ଥିଲେ। ନଭଲେନିଙ୍କୁ ମାରିବା ପାଇଁ ଜେଲ୍‌ରେ ତାଙ୍କୁ ଏକ ବିଷ ଇଞ୍ଜେକ୍ସନ ଦିଆଯାଇଥିଲା। ଏହି ବିଷକୁ ଦକ୍ଷିଣ ଆମେରିକାରେ ଦେଖା ଯାଉଥିବା ବିଷାକ୍ତ 'ଡାର୍ଟ ଫ୍ରଗ'ଠାରୁ ବିକଶିତ କରାଯାଇଥିଲା। ବ୍ରିଟେନ ଏବଂ ଏହାର ୟୁରୋପୀୟ ସହଯୋଗୀଙ୍କ ପକ୍ଷରୁ ଏଭଳି ଦାବି କରାଯାଇଛି। ଏହା ପୁଣି ରୁଷ ରାଷ୍ଟ୍ରପତିଙ୍କ କ୍ରୁର ରୂପକୁ ପଦାରେ ପକାଇ ଦେଇଛି। ନଭଲେନିଙ୍କ ମୃତ୍ୟୁର ଦୁଇ ବର୍ଷ ପରେ ପୁଣି ଏହି ପ୍ରସଙ୍ଗ ତାଜା ହୋଇଯାଇଛି। ନିଜ ବିରୋଧୀଙ୍କୁ ରୁଷ ରାଷ୍ଟ୍ରପତି କେମିତି ରାସ୍ତାରୁ ହଟାଇ ଦିଅନ୍ତି ଏହା ତାହାର ଜ୍ୱଳନ୍ତ ଉଦାହରଣ ପାଲଟି ଯାଇଛି। ସୂଚନା ଅନୁଯାୟୀ, ଦୁଇ ବର୍ଷ ତଳେ ସାଇବର ପେନାଲ କଲୋନୀ ଜେଲ୍‌ରେ ଥିବାବେଳେ ନଭଲେନିଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ବି ତାଙ୍କୁ ଡାର୍ଟ୍ ଫ୍ରଗ ବିଷ ଦେଇ ହତ୍ୟା କରାଯାଇଥିବା ଦାବି କରାଯାଇଥିଲା। ଏହାକୁ ନେଇ ସାରା ଦେଶରେ ▸ପୃଷ୍ଠା-୭

# ସେଚ ବିକାଶକୁ କ୍ୟାବିନେଟ ମୋହର

■ ଭୁବନେଶ୍ୱର, ୧୪।୨ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବ ମଧ୍ୟରେ ୩ଟି ଜଳସମ୍ପଦ ବିଭାଗର ପ୍ରସ୍ତାବ ଥିବା ବେଳେ ଅନ୍ୟଟି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ଅନ୍ତର୍ଭୁକ୍ତ ରହିଛି। ଜଳସମ୍ପଦ ବିଭାଗର ୩ଟି ପ୍ରସ୍ତାବ ଦ୍ୱାରା ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନରେ ସାଳନ୍ଦୀ ବାମ ମୁଖ୍ୟ କେନାଲରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ୩ଟି ପ୍ୟାକେଜ ନିର୍ମାଣକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ବାଲେଶ୍ୱର ଜିଲ୍ଲାର ମୋଟ ୧୫୮୬୭ ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇପାରିବ। ଏଥିପାଇଁ ୩୫୯ କୋଟି ୭୭ ଲକ୍ଷ ୧୨ ହଜାର ୬୪୬ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି।

ବୈଠକ ଶେଷ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଏକ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀ ର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ▸ପୃଷ୍ଠା-୭

**୪ ପ୍ରସ୍ତାବକୁ ମଞ୍ଜୁରୀ**

- ସାଳନ୍ଦୀ ବାମ ମୁଖ୍ୟ କେନାଲରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ନିର୍ମାଣ ହେବ ୩ ବିତରଣ ପ୍ରଣାଳୀ
- ଖର୍ଚ୍ଚ ହେବ ୩୫୯ କୋଟି ୭୭ ଲକ୍ଷ ଟଙ୍କା
- ବାଲେଶ୍ୱର ଜିଲ୍ଲାର ୧୫୮୬୭ ହେକ୍ଟର ଜମିରେ ପହଞ୍ଚିବ ପାଣି
- ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା (ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ଅନୁମୋଦନ

**ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ**

## ବଜେଟ ଆକାର ଟପିବ ୩.୧୦ ଲକ୍ଷ କୋଟି !

■ ଭୁବନେଶ୍ୱର, ୧୪।୨ (ସମିସ): ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ପ୍ରାୟ ୩.୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।


**୨୦ରେ ବଜେଟ, ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଧେୟକ**

ଆସନ୍ତା ୧୭ ତାରିଖରୁ ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ଏଥିସହ ମାର୍ଚ୍ଚ ୩୧ ତାରିଖରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ ହେବା ସହ ▸ପୃଷ୍ଠା-୭

ଅଧିକାରୀଙ୍କ ଉପରେ କେନ୍ଦ୍ର ଲଗାଇବ ଅଙ୍କୁଶ

## ଅବସରର ୨୦ ବର୍ଷ ଯାଏଁ ଛାପି ପାରିବେନି ପୁସ୍ତକ

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ଏମଏମ୍ ନରବାଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ଭାରତୀୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ର ସରକାର ଅବସରପ୍ରାପ୍ତ ଅଧିକାରୀଙ୍କ ପୁସ୍ତକ ପ୍ରକାଶନ ନେଇ ନୂଆ ଗାଇଡଲାଇନ୍ସ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି। ତିନି ଦିନ ତଳେ ପ୍ରତିରକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ବୈଠକରେ ଏସଂପର୍କରେ ବିଚାରବିମର୍ଶ ହୋଇଛି। ଜଣେ ଅଧିକାର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ସେନା ଅଧିକାରୀମାନେ ଅବସର ନେବାର ୨୦ ବର୍ଷ ପର୍ଯ୍ୟନ୍ତ ପୁସ୍ତକ ପ୍ରକାଶ କରିବା ଉପରେ କଟକଣା ଜାରି କରାଯାଇପାରେ। ଏବେ ଏଭଳି କୌଣସି ଗାଇଡଲାଇନ୍ସ ନଥିବା ବେଳେ ଜାତୀୟ ସୁରକ୍ଷା ଓ ସେନାବାହିନୀର ସ୍ୱାର୍ଥ ଦୃଷ୍ଟିରୁ ଏହା ଜରୁରୀ ହୋଇପଡ଼ିଛି। ଏଭଳି ଯୋଜନା ନେଇ ପ୍ରାଥମିକ ସ୍ତରରେ ଆଲୋଚନା ହୋଇଛି। ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଏହା ଉପରେ ଅଧିକ ବିଚାରବିମର୍ଶ କରାଯିବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କର ଆଉଜଣେ ଅଧିକାରୀ କହିଛନ୍ତି ଯେ ସେନା- ଧିକାରୀଙ୍କ ଭଳି କେନ୍ଦ୍ର ସରକାରଙ୍କ ବରିଷ୍ଠ ପଦପଦବୀରେ ଥିବା ଅଧିକରୀ ପାଇଁ ମଧ୍ୟ ଏଭଳି ଗାଇଡଲାନ୍ସ ପ୍ରସ୍ତୁତ କରାଯିବ। ଅବସର ପରେ ପୁସ୍ତକ ପ୍ରକାଶନ ଉପରେ ୨୦ ବର୍ଷର 'କୁଲିଂ-ଅଫ୍- ପିରିୟଡ୍' ଲାଗୁ କରିବାକୁ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ଅଫିସିଆଲ ସିକ୍ରେଟ୍ ଆଇନରେ ଆବଶ୍ୟକ ସଂଶୋଧନ କରାଯିବ। ଅବସରପ୍ରାପ୍ତ ସେନା ▸ପୃଷ୍ଠା-୭




ଟେକ୍ସଟାଇଲ୍ ପାର୍କ, ବିପର୍ଯ୍ୟୟ ପୁନରୁଦ୍ଧାର ଡାଟାସେଣ୍ଟର୍ ପାଇଁ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

## କେନ୍ଦୁଝର ହେବ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ

■ କେନ୍ଦୁଝର, ୧୪।୨ (ସମିସ): ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ହେବ କେନ୍ଦୁଝର। ବଳଭଦ୍ରପୁରଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ିଛନ୍ତି। ସେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର୍‌ର ଶିଳାନ୍ୟାସ କରିଛନ୍ତି। ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରାଯିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ।

ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି, ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରିଥାଏ। ସେ ଆହୁରି କହିଥିଲେ ଯେ ଗତବର୍ଷ ଜୁଲାଇରେ ଭୁବନେଶ୍ୱରରେ ଅନୁଷ୍ଠିତ ଟେକ୍ସଟାଇଲ୍ କନକ୍ଲେଭ୍ ସମୟରେ ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ତାହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି।



ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗିର, ଗଞ୍ଜାମ, କଟକ ଏବଂ ଜଗତସିଂହପୁରଠାରେ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର୍ ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟର୍‌ର ଏକ ବ୍ୟାକ-ଅପ୍ ଭାବେ କାର୍ଯ୍ୟ କରିବ। ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର୍ ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ଏହା ନିରବଚ୍ଛିନ୍ନ ବିତରଣ ଜାରି ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଚୋର ସନ୍ଦେହରେ ଯୁବକଙ୍କୁ ହତ୍ୟା



### ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତି ସାରା ପିଟିଲେ

### ୨୦ ଗିରଫ, ଗାଁରେ ପୁଲିସ ମୁତୟନ

■ ଭଞ୍ଜନଗର, ୧୪।୨ (ସମିସ): ମରିଗଲା ମାନବିକତା। ଚୋର ସନ୍ଦେହରେ ଯୁବକଙ୍କୁ ଗାଁ ଦାଣ୍ଡରେ ଯୁବକଙ୍କୁ ପିଟିପିଟି ମାରିଦେଲେ। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧୀନ ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏପରି ଏକ ଲୋମଟାଙ୍କୁରା ଘଟଣା ଘଟିଛି। ମୃତକ ହେଲେ, ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଗାଁର ବେଣୁଧର ପ୍ରଧାନ (୫୪)। ଗାଁ ଲୋକେ ବେଣୁଧରଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତି ସାରା ନିସ୍ତୁକ ମାଡ଼ ମାରିଥିଲେ। ଆଜି ସକାଳୁ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଭଞ୍ଜନଗର ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ ୧୪୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ୩୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଉଠାଇ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ ଗିରଫ ▸ପୃଷ୍ଠା-୭

ସହରୀ ଭିତ୍ତିଭୂମି ବିକାଶକୁ କେନ୍ଦ୍ର କ୍ୟାବିନେଟ୍‌ର ମୋହର

## ଲକ୍ଷେ କୋଟିର ସହାୟତା ପାଣ୍ଠି

■ ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ) ଶୁଭାରମ୍ଭକୁ ମଞ୍ଜୁରି ମିଳିଛି। ଏହା ମାଧ୍ୟମରେ କେନ୍ଦ୍ର ସରକାର ଲକ୍ଷେ କୋଟି ଟଙ୍କାର ସହାୟତା ପ୍ରଦାନ କରିବେ। ମାର୍କେଟ-ଲିଙ୍କ୍‌ଡ ସହରୀ ଭିତ୍ତିଭୂମି ବିକାଶ ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ୪ ଲକ୍ଷ କୋଟିର ପାଣ୍ଠି ନିବେଶକୁ ପ୍ରୋତ୍ସାହନ ଦେବା ଏହାର ଲକ୍ଷ୍ୟ। ଏବେ ବିକାଶ ପାଇଁ ଆଉ ମଞ୍ଜୁରିପ୍ରାପ୍ତ ବଜେଟକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପ୍ରକଳ୍ପ ମୂଲ୍ୟର ସର୍ବନିମ୍ନ ୫୦ ପ୍ରତିଶତ ବଜାରରୁ ସଂଗ୍ରହ କରାଯାଇଥିଲେ, ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ ପାଇଁ କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯିବ। ଏହି ପାଣ୍ଠି ଜରିଆରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳରେ ମୋଟ ୪ ଲକ୍ଷ କୋଟି ନିବେଶ କରାଯିବ। ଏହା ଅନୁଦାନ-ଆଧାରିତ ଆର୍ଥିକ ସହାୟତାରୁ ବଜାର ଆଧାରିତ, ସଂସ୍କାର-ମୁଖୀ ଏବଂ ପରିଣାମ ଅଭିମୁଖୀ ଭିତ୍ତିଭୂମି ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ।

ୟୁସିଏଫ ଉଚ୍ଚମାନର ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ ପାଇଁ ବଜାର ଅର୍ଥ, ଘରୋଇ ଅଂଶଗ୍ରହଣ ଏବଂ ନାଗରିକ-କୈନ୍ଦ୍ରିକ ସଂସ୍କାରକୁ ଉପଯୋଗ କରିବ। ସ୍ଥିର, ▸ପୃଷ୍ଠା-୭




ସମ୍ବଲପୁରରେ 'ଏମ୍‌ସ' ପ୍ରତିଷ୍ଠା ପ୍ରସଙ୍ଗ

# ସରକାରଙ୍କ 'ନ ଯିବା ଗାଁକୁ ବାଟ କୋଉଟା' ନୀତି

■ ସମ୍ବଲପୁର, ୧୪।୨ (ସମିସ): ସମ୍ବଲପୁରରେ ଦ୍ୱିତୀୟ ଏମ୍‌ସ ସ୍ଥାପନ ପ୍ରସଙ୍ଗ ଏବେ ଭିନ୍ନ ମୋଡ଼ ନେଇଛି। ୨୦୨୪ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ବିଭିନ୍ନ ଫୋରମ୍‌ରେ ଏ ନେଇ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ପ୍ରଥମ ଏକବର୍ଷ ଧରି ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକ୍ରିୟା ଚାଲିଛି ବୋଲି ମଧ୍ୟ କହିଥିଲେ। ତେବେ ଏହାପରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ପ୍ରଶ୍ନକୁ ଏଡ଼ାଇଯାଇ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିବା କହିଥିବାବେଳେ କିଛିଦିନ ତଳେ ଶାସକ ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ଏମ୍‌ସ ପାଇଁ ୧ ହଜାର ଏକର ଜମି ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି। ମାତ୍ର ୧୦୦ ଏକରରେ ଭୁବନେଶ୍ୱର ଏମ୍‌ସ ଏବଂ ୧୦୩ ଏକରରେ ରାୟପୁର ଏମ୍‌ସ ସ୍ଥାପନ ହୋଇଥିବାବେଳେ ସମ୍ବଲପୁରରେ ଏମ୍‌ସ ପାଇଁ ଦଶଗୁଣା ଜମି କାହିଁକି ଆବଶ୍ୟକ ବୋଲି ପ୍ରଶ୍ନ ଉଠୁଛି। ତେଣୁ ସିଧାସଳଖ ନା' କହିବା ବଦଳରେ 'ନ ଯିବା ଗାଁକୁ ବାଟ କୋଉଟା' ନୀତି ସରକାର ଆପଣାଉଛନ୍ତି ବୋଲି ଏବେ ସମ୍ବଲପୁରରେ ଚର୍ଚ୍ଚା ଜୋର୍ ଧରିଛି।

ପଶ୍ଚିମ ଓଡ଼ିଶାର କେନ୍ଦ୍ରସ୍ଥଳୀ ସମ୍ବଲପୁର। ସମ୍ବଲପୁରର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର) ଉପରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟର ଉପାନ୍ତ ଅଞ୍ଚଳର ରୋଗୀ ନିର୍ଭର କରିଥା'ନ୍ତି। ତେବେ, ତାହା ସ୍ୱୟଂସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବର୍ଷବର୍ଷ ଧରି ପଶ୍ଚିମ ଓଡ଼ିଶା ଅବହେଳିତ ହୋଇ ରହିଆସିଛି। ପଶ୍ଚିମ ଓଡ଼ିଶା ସକାଶେ ଏକ ଜାତୀୟସ୍ତରର ସ୍ପେଶାଲିଟି ହସ୍‌ପିଟାଲ୍‌ର ଆବଶ୍ୟକତା ରହିଛି। ଗତ ୨୦୨୪ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍‌ସ ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଚାର ପାଇଁ ଆସିଥିବା କେନ୍ଦ୍ରୀୟ ନେତୃମଣ୍ଡଳୀ ମଧ୍ୟ ଏଥିରେ ସହମତି ପ୍ରକାଶ କରିଥିଲେ। ରାଜ୍ୟ ଓ କେନ୍ଦ୍ରରେ ଡବଲ୍ ଇଞ୍ଜିନ ସରକାର ଆସିବା ପରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆସିବ ବୋଲି ସାଧାରଣ ଭୋଟର୍ ଆଶା କରିଥିଲେ। ରାଜ୍ୟରେ ବିଜେପି ସରକାର ଦୁଇବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଏପର୍ଯ୍ୟନ୍ତ ଜମି ଚିହ୍ନଟ ସକାଶେ କୌଣସି ନିର୍ଦ୍ଦେଶ ଆସିନାହିଁ। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ନେତୃବୃନ୍ଦ ଭ୍ରମାତ୍ମକ ମନ୍ତବ୍ୟ ଦେଉଛନ୍ତି। ଏପରିକି ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ବଜେଟ୍‌ରେ ୧୬ଟି ସ୍ଥାନରେ ଏମ୍‌ସ ପ୍ରତିଷ୍ଠା ପାଇଁ ▸ପୃଷ୍ଠା-୭





ସକାଳ
THE SAKALA
www.sakalaepaper.com

# କୋଲକାତା ବିମାନରେ ବୋମା ଆତଙ୍କ

କୋଲକାତା, ୧୪।୨(ଏଜେନ୍ସି): କୋଲକାତାର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୋମା ଆତଙ୍କ ଦେଖାଦେଇଥିଲା। ସିଲଂ ଅଭିମୁଖେ ଯାତ୍ରା କରିବାକୁ



ଥିବା ଇଣ୍ଡିଗୋ ବିମାନ (୬ଇ- ୭୩୦୪)ର ଶୌଚାଳୟ ଭିତରୁ ମିଳିଥିବା ଏକ ସନ୍ଦେହଜନକ ହାତଲେଖା ଚିଠିରେ ବୋମା ଧମକ ଦିଆଯାଇଥିଲା। ବିମାନଟି ସକାଳ ୯.୧୫ରେ କୋଲକାତାରୁ ଉଡ଼ାଣ ଭରିବାର କାର୍ଯ୍ୟକ୍ରମ ଥିଲା। ଉଡ଼ାଣ ପୂର୍ବରୁ ଯାଞ୍ଚ ସମୟରେ କ୍ରୁ ସଦସ୍ୟ ଏହି ଚିଠିକୁ ଦେଖିବାକୁ ପାଇଥିଲେ। ସୂଚନା ମିଳିବା ମାତ୍ରେ ତୁରନ୍ତ ବିମାନକୁ ଆଇସୋଲେସନ ବେ'କୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ବିମାନର କୋଣ ଅନୁକୋଣ ଯାଞ୍ଚ କରାଯାଇଥିଲା। ତେବେ କୌଣସି ବିସ୍ଫୋରକ ପଦାର୍ଥ ମିଳି ନଥିଲା। ଉଲ୍ଲେଖଥାଉ କି, ଗତ ଦୁଇ ସପ୍ତାହ ମଧ୍ୟରେ ଇଣ୍ଡିଗୋ ବିମାନରେ ଏଭଳି ବୋମା ଧମକ ସମସ୍ୟାର ସମ୍ମୁଖୀନ ହୋଇଥିଲା ଓ ଏହା କୁଏତରୁ ଦିଲ୍ଲୀ ଯାତ୍ରା କରିବାର ଥିଲା।

# ନୂଆ ଜେଲ୍‌କୁ ସ୍ଥାନାନ୍ତର ହେବେ ଇମ୍ରାନ

ଇସ୍‌ଲାମାବାଦ୍, ୧୪।୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଇସ୍‌ଲାମାବାଦ୍‌ର ଏକ ନୂଆ ଜେଲ୍‌କୁ ସ୍ଥାନାନ୍ତର କରାଯିବ। ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଓ ତାଙ୍କର ଦୃଷ୍ଟିଶକ୍ତି ହ୍ରାସ ପାଇବା ଭଳି ଗୁରୁତର ଖବର ସାମ୍ନାକୁ ଆସିବା ପରେ, ସରକାର ତାଙ୍କୁ ସୁବିଧାଜନକ ଜେଲ୍‌କୁ ସ୍ଥାନାନ୍ତର କରାଯିବ ବୋଲି ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭୀ କହିଛନ୍ତି। ଆଗାମୀ ଦୁଇ ମାସ ମଧ୍ୟରେ ଇସଲାମାବାଦ୍‌ରେ ନିର୍ମାଣାଧୀନ ଜେଲ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଇମ୍ରାନଙ୍କୁ ସେଠାକୁ ନିଆଯିବ ଓ ସେଠାରେ ଉନ୍ନତ ଚିକିତ୍ସା ସୁବିଧା ଉପଲବ୍ଧ ହୋଇପାରିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଇମ୍ରାନଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ପ୍ରାୟ ୮୫ ପ୍ରତିଶତ ହ୍ରାସ ପାଇଛି। ପାକିସ୍ତାନ ସୁପ୍ରିମକୋର୍ଟ ଫେବୃଆରୀ ୧୬ ସୁଦ୍ଧା ତାଙ୍କର ସମ୍ପୂର୍ଣ୍ଣ ଡାକ୍ତରୀ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କ ନିଜ ପିଲାମାନଙ୍କ ସହ କଥା ହେବାକୁ ଅନୁମତି ଦେଇଛନ୍ତି। ଉଲ୍ଲେଖଥାଉ କି, ଇମ୍ରାନ ୨୦୨୩ ଅଗଷ୍ଟ ୫ରୁ ଜେଲ୍‌ରେ ରହିଛନ୍ତି।

# କାନାଡ଼ାରେ ଆଉ ଜଣେ ଭାରତୀୟଙ୍କୁ ହତ୍ୟା

ଅମୃତସର, ୧୪।୨(ଏଜେନ୍ସି): କାନାଡ଼ାରେ ଆଉ ଜଣେ ଭାରତୀୟଙ୍କୁ ହତ୍ୟା କରାଯାଉଛି। ଅମୃତସରର ଜଣ୍ଡିଆଲା ଗୁରୁ ଅନ୍ତର୍ଗତ ଦେବୀଦାସପୁରା ଗ୍ରାମର ୨୪ ବର୍ଷୀୟ ସିମରନଜିତ ସିଂ ସିଦ୍ଧୁ ନାମକ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ପ୍ରାୟ ଏକ ମାସ ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଗୁରୁବାର ଦିନ ତାଙ୍କ ମୃତଦେହ ପଞ୍ଜାବରେ ପହଞ୍ଚିଛି ଓ ଶୁକ୍ରବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏହା ପରେ ହିଁ ଏହି ଘଟଣା ସାମ୍ନାକୁ ଆସିଛି। ସିମରନଜିତ ବ୍ରିଟିଶ କଲମ୍ବିଆର କମଲୁପ୍ସ



ସହରରେ ରହୁଥିଲେ। ଗତ ଜାନୁଆରୀ ୧୨ରେ ତାଙ୍କୁ ହତ୍ୟା କରାଯାଇଥିବା ବେଳେ ତାଙ୍କ ମୃତଦେହ ଏକ ଜନଶୂନ୍ୟ ବୁଦା ମୂଳରୁ ଉଦ୍ଧାର କରାଯାଇଥିଲା। ସେ ପ୍ରାୟ ଦୁଇମାସ ପୂର୍ବରୁ ୨ ଜଣ ଯୁବକ ଓ ଜଣେ ଯୁବତୀଙ୍କ ସହ ଏକ ନୂଆ ଘରକୁ ସିଫ୍ଟ ହୋଇଥିଲେ। ତାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସିମରନଜିତଙ୍କ ପାଖରେ ୧୦ ଲକ୍ଷ ଟଙ୍କା ଥିଲା ଓ ସେ ଭିଡ଼ିଓ କଲ ସମୟରେ ଦେଖାଇଥିଲେ। ସେହି ଟଙ୍କା ପାଇଁ ତାଙ୍କ ସହ ରହୁଥିବା ସାଙ୍ଗମାନେ ତାଙ୍କୁ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସେ ୨୦୨୩ରେ ଷ୍ଟଡ଼ି ଭିସାରେ କାନାଡ଼ା ଯାଇଥିଲେ। ତାଙ୍କୁ କାନାଡ଼ାରେ ୱାର୍କ ପରିମିଟ୍ ମିଳିସାରିଥିଲା ଓ ତାଙ୍କୁ ଆମେରିକାର ୧୦ ବର୍ଷିଆ ଭିସା ମିଳିଥିଲା। ପୁଅକୁ ବିଦେଶ ପଠାଇବା ପାଇଁ ବାପା ନିଜର ଜମି ବିକ୍ରି କରିଥିଲେ ଓ ଏବେ ତାଙ୍କୁ ପୁଅଙ୍କୁ ହରାଇବାକୁ ପଡ଼ିଛି।

# 'ବନ୍ଦେ ମାତରମ୍' ବାଧ୍ୟ କରାଗଲେ ସ୍କୁଲ ଛାଡ଼

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): କେନ୍ଦ୍ର ସରକାର ଗତ ଜାନୁଆରୀ ୨୮ରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'କୁ ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ନୂଆ ନିୟମ ଅନୁଯାୟୀ, ସରକାରୀ କାର୍ଯ୍ୟକ୍ରମ ଓ ସ୍କୁଲଗୁଡ଼ିକରେ ଏହି ଗୀତ ବୋଲାଯିବା ସହ ସମସ୍ତେ ଛିଡ଼ା ହେବା ବାଧ୍ୟତାମୂଳକ। ଏବେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ତେବେ ଉଜ୍ଜୟୀନର ଇମାମ ମୁଫତି ନଦଭୀ କହିଛନ୍ତି ଯେ, 'ବନ୍ଦେ ମାତରମ୍' ଗୀତର ଶବ୍ଦଗୁଡ଼ିକରେ ମାତୃଭୂମିର ବନ୍ଦନା କରାଯାଇଛି, ଏହା ଇସଲାମର ଏକେଶ୍ୱରବାଦର ବିରୋଧୀ। ଯେଉଁ ସ୍କୁଲ୍‌ରେ ଏହାକୁ ବାଧ୍ୟତାମୂଳକ କରାଯାଇଛି, ସେଠାରୁ ପିଲାମାନଙ୍କୁ ବାହାର କରିନେବାକୁ ସେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି କଂଗ୍ରେସ ବିଧାୟକ ଆରିଫ ମସୁଦ କହିଛନ୍ତି ଯେ, ସମ୍ବିଧାନ ଧାରା ୨୫ ଅନୁଯାୟୀ, ପ୍ରତ୍ୟେକ ନାଗରିକଙ୍କୁ ଧାର୍ମିକ ସ୍ୱାଧୀନତା ମିଳିଛି। 'ବନ୍ଦେ ମାତରମ୍' ପ୍ରତି ସମ୍ମାନ ଅଛି, କିନ୍ତୁ ଏହାର କିଛି ଧାଡ଼ି ଧାର୍ମିକ ବିଶ୍ୱାସ ସହ ସଂଘର୍ଷ କରୁଛି। ସେପଟେ ବିଦ୍ୟାଳୟ ଶିକ୍ଷାମନ୍ତ୍ରୀ ରାଓ ଉଦୟ ପ୍ରତାପ ସିଂ କହିଛନ୍ତି ଯେ, ଦେଶର ନିୟମ ସମସ୍ତଙ୍କ ପାଇଁ ସମାନ। ମାଦ୍ରାସା ହେଉ ବା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ, ସରକାରଙ୍କ ନିର୍ଦ୍ଦେଶ ମାନିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ। ଉଲ୍ଲେଖଥାଉ କି, 'ବନ୍ଦେ ମାତରମ୍'କୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୮୭୫ରେ ରଚନା କରିଥିଲେ ଓ ୧୮୮୨ରେ ତାଙ୍କ ଉପନ୍ୟାସ 'ଆନନ୍ଦମଠ'ରେ ଏହା ପ୍ରକାଶିତ ହୋଇଥିଲା।

# ଏସି ପ୍ରଥମ ଶ୍ରେଣୀ କୋଚ୍‌ରୁ ୩୧୧ ବିରଳ କଇଁଛ ଉଦ୍ଧାର



ଭୋପାଳ, ୧୪।୨(ଏଜେନ୍ସି): ଭୋପାଳର ସନ୍ଥ ହରିଦାରାମ ରେଳ ଷ୍ଟେସନଠାରେ ଏକ ବଡ଼ ଧରଣର ବନ୍ୟପ୍ରାଣୀ ଚୋରାଚାଲାଣ କାରବାରକୁ ପଣ୍ଡ କରିଛି ମଧ୍ୟପ୍ରଦେଶ ଷ୍ଟେଟ୍ ଟାଇଗର ଷ୍ଟ୍ରାଇକ ଫୋର୍ସ (ଏସ୍‌ଟିଏସ୍‌ଏଫ୍)। ପାଟନା- ଇନ୍ଦୋର ଏକ୍ସପ୍ରେସ୍‌ର ଏକ ଏସି ଫାର୍ଷ୍ଟକ୍ଲାସ କୋଚ୍‌ରୁ ୩୧୧ଟି ବିରଳ ଓ ସଙ୍କଟାପନ୍ନ ପ୍ରଜାତିର କଇଁଛ ଜବତ କରାଯାଇଛି। ଟ୍ରେନ୍‌ର କୋଚ୍ ଆଟେଣ୍ଡାଣ୍ଟ ଅଜୟ ସିଂ ରାଜପୁତ ଏହି ଚୋରାଚାଲାଣର କୋରିୟର ଭାବେ କାମ କରୁଥିଲେ। ସେ ମାତ୍ର ୨୫୦୦ ଟଙ୍କା ଲୋଭରେ ଏହି ବିରଳ କଇଁଛଗୁଡ଼ିକୁ ଦୁଇଟି ବ୍ୟାଗ୍‌ରେ ଭର୍ତ୍ତି କରି ନିଜ ସିଟ୍ ତଳେ ଲୁଚାଇଥିଲେ। ଏହି କଇଁଛଗୁଡ଼ିକୁ ଉତ୍ତରପ୍ରଦେଶର ଲକ୍ଷ୍ନୌରୁ ଆଣି ମଧ୍ୟପ୍ରଦେଶର ଦେୱାସ ଓ ଇନ୍ଦୋରରେ ଡେଲିଭରି ଦେବାର ଥିଲା। କଇଁଛଗୁଡ଼ିକ ଶ୍ୱାସରୁଦ୍ଧ ଅବସ୍ଥାରେ ଭର୍ତ୍ତି ଥିଲେ। ଏହି କଇଁଛଗୁଡ଼ିକ କ୍ରାଉନଡ ରିଭର ଟର୍ଟଲ, ଇଣ୍ଡିଆନ ଟେଣ୍ଟ ଟର୍ଟଲ ଓ ଇଣ୍ଡିଆନ ରୁଫ୍‌ଡ ଟର୍ଟଲ ପ୍ରଜାତିର ବୋଲି କୁହାଯାଇଛି। ଏଗୁଡ଼ିକୁ ଉତ୍ତରପ୍ରଦେଶର ଗଙ୍ଗା ଓ ଗୋମତୀ ନଦୀରୁ ଧରାଯାଇଥିଲା। ଏହି ପୂରା କାରବାରର ମୁଖ୍ୟ ଅଭିଯୁକ୍ତ ଆସିଫ ଖାନ୍‌କୁ ଗତ ୧୦ ତାରିଖରେ ଗିରଫ କରାଯାଇଥିଲା। ସେହିପରି ଲକ୍ଷ୍ନୌର ଜଣେ ୧୭ ବର୍ଷର କିଶୋରକୁ ମଧ୍ୟ ହେପାଜତକୁ ନିଆଯାଇଛି। ସେ ଏହି ଶିକାରୀ ନେଟୱାର୍କର ଅଂଶ ଥିଲା।

# ଭେନେଜୁଏଲାରେ ଗୁପ୍ତ ଅସ୍ତ୍ର ବ୍ୟବହାର କରାଯାଇଛି

ନ୍ୟୁୟର୍କ, ୧୪।୨(ଏଜେନ୍ସି): ଗତ ଜାନୁଆରୀ ୩ରେ ଭେନେଜୁଏଲାରେ ହୋଇଥିବା ସାମରିକ ଅଭିଯାନରେ ଆମେରିକା ଏକ ସ୍ୱତନ୍ତ୍ର ଗୁପ୍ତ ଅସ୍ତ୍ର ବ୍ୟବହାର କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ନେଇ ସ୍ପଷ୍ଟ କରିଛନ୍ତି। ଏହି ଅସ୍ତ୍ରର ପ୍ରୟୋଗ ନିର୍ଣ୍ଣାୟକ ଥିଲା ଓ ଏହି ଅସ୍ତ୍ର ଯୋଗୁଁ



ରୁଷ୍ ଓ ଚୀନର ଶକ୍ତିଶାଳୀ ଡିଫେନ୍ସ ସିଷ୍ଟମ ମଧ୍ୟ ବିଫଳ ହୋଇଥିଲା ବୋଲି ସେ କହିଛନ୍ତି। ଏହି ଅସ୍ତ୍ରର ନାମ 'ଡିସକମ୍ବୋବୁଲେଟର' ବୋଲି ଟ୍ରମ୍ପ କହିଛନ୍ତି। ଏହା ଶତ୍ରୁ ପକ୍ଷକୁ ଭ୍ରମିତ କରିବା ସହ ଅକାମୀ କରି ଦେଇଥାଏ। ଭେନେଜୁଏଲା ସେନା ପାଖରେ ଥିବା ରୁଷିଆ ଓ ଚୀନ୍ ଯନ୍ତ୍ରପାତି କାମ କରି ନଥିଲା, ଯାହା ଫଳରେ ସେମାନେ ଗୋଟିଏ ବି ଗୁଳି ଚଳାଇବାର ସୁଯୋଗ ପାଇ ନଥିଲେ। ଭେନେଜୁଏଲାରେ ହୋଇଥିବା ଏହି ସେନା ଅପରେସନରେ ପ୍ରାୟ ୧୫୦ରୁ ଅଧିକ ବିମାନ (ବମ୍ବର ଓ ଫାଇଟର ଜେଟ୍) ସାମିଲ ହୋଇଥିଲେ। ରାତିର ଅନ୍ଧକାରରେ ଆମେରିକୀୟ ସୈନିକମାନେ ହେଲିକପ୍ଟର ଯୋଗେ କାରାକାସ ଅଞ୍ଚଳରେ ପହଞ୍ଚି ତତ୍କାଳୀନ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଥିଲା। ତେବେ ନ୍ୟୁୟର୍କ ଟାଇମ୍ସ ଓ ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଏହି ଅପରେସନରେ ସୋନିକ କିମ୍ବା ଡାଇରେକ୍ଟେଡ୍ ଏନର୍ଜି ୱିପନ ପ୍ରୟୋଗ କରାଯାଇଥିବା ସନ୍ଦେହ କରାଯାଇଛି। ଏହି ଅସ୍ତ୍ର ଦ୍ୱାରା ସୋନିକ ଓ ହିଟ୍‌ରେ ପ୍ରଭାବ ରହିଥାଏ। ସୋନିକ ପ୍ରଭାବ ଦ୍ୱାରା ସୈନିକମାନଙ୍କୁ ଅତି ତୀବ୍ର ତରଙ୍ଗ ଦ୍ୱାରା ଆକ୍ରମଣ କରାଯାଇଥାଏ, ଯାହାଫଳରେ ସେମାନଙ୍କ ମୁଣ୍ଡ ବିନ୍ଧିବା ସହ ନାକରୁ ରକ୍ତ ବାହାରିଥାଏ। ସେହିପରି ହିଟ୍‌ରେ ଅଦୃଶ୍ୟ ଇଲେକ୍ଟ୍ରୋମ୍ୟାଗ୍ନେଟିକ ତରଙ୍ଗ ଛଡ଼ା ଯାଇଥାଏ। ଏହା ଚର୍ମରେ ଅତ୍ୟଧିକ ଗରମ ଅନୁଭବ କରାଏ, ଯାହା ଫଳରେ ସୈନିକମାନେ ପଛକୁ ହଟିବାକୁ ବାଧ୍ୟ ହୋଇଥାନ୍ତି।

# ଭାରତ ସହ ସଂପର୍କ ନେଇ ମୁହଁ ଖୋଲିଲେ ତାରିକ୍



ଢାକା, ୧୪।୨(ଏଜେନ୍ସି): ସାଧାରଣ ନିର୍ବାଚନ ପରେ ବାଂଲାଦେଶ ।।ନେସନାଲ ପାର୍ଟି (ବିଏନ୍‌ପି)ର ଐତିହାସିକ ବିଜୟ ପରେ, ପାର୍ଟିର ଅଧ୍ୟକ୍ଷ ତାରିକ ର।।ହେମାନ ଶନିବାର ପ୍ରଥମଥର ପାଇଁ ଗଣମାଧ୍ୟମ ସହ କଥା ହୋଇଛନ୍ତି। ସେ ଭାରତ ସହ ସମ୍ପର୍କ ଓ ଦେଶର ଭବିଷ୍ୟତକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ଭାରତ ସହ ସମ୍ପର୍କକୁ ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ।।ଯେ ବାଂଲାଦେଶର ସ୍ୱାର୍ଥକୁ ସବୁଠାରୁ ଉପରେ ରଖିବେ। ସେ 'ବାଂଲାଦେଶ ଫାଷ୍ଟ' ଏଜେଣ୍ଡା ତଥା ନୀତିକୁ ଗୁରୁତ୍ୱ ଦେଇଛନ୍ତି। ବାଂଲାଦେଶ ଭାରତ, ଚୀନ୍ ଓ ପାକିସ୍ତାନ ସହ ସମାନ ଦୂରତା ବଜାୟ ରଖିବା ସହ ପାରସ୍ପରିକ ସମ୍ମାନ ଆଧାରରେ ବନ୍ଧୁତା ଚାହୁଁଛନ୍ତି। 'ଆମେ ବନ୍ଧୁ ଚାହୁଁ, କିନ୍ତୁ କୌଣସି ପ୍ରଭୁ ଚାହୁଁନାହୁଁ'। ବାଂଲାଦେଶର ସ୍ୱାର୍ଥ ଓ ଜନସାଧାରଣଙ୍କ ଆଶା-ଆକାଂକ୍ଷା ହିଁ ଭାରତ ସହ ବୈଦେଶିକ ନୀତିର ମୂଳଦୁଆ ହେବ। ଭାରତ ଆମର ଏକ ଗୁରୁତ୍ୱପୂର୍ଣ୍ଣ ପଡୋଶୀ ଓ ନୂଆ ସରକାର ଗଠନ ପରେ ଯେଉଁ ଦେଶଗୁଡ଼ିକୁ ପ୍ରଥମେ ଗସ୍ତ କରାଯିବ, ସେଥିମଧ୍ୟରେ ଭାରତ ଅନ୍ୟତମ ହେବ। ନୂଆ ସରକାର ଦୁଇ ଦେଶ ମଧ୍ୟରେ ସାଧାରଣ ଜନତାଙ୍କ ସମ୍ପର୍କ ବୃଦ୍ଧି କରିବାକୁ, ବାଣିଜ୍ୟ ଓ ପୁଞ୍ଜିନିବେଶକୁ ଅଧିକ ଗୁରୁତ୍ୱ ଦେବ। ପାକିସ୍ତାନ

**ବାଂଲାଦେଶର ସ୍ୱାର୍ଥ ସର୍ବୋପରି**

ସହ ସମ୍ପର୍କକୁ ନେଇ ସେ କହିଛନ୍ତି ଯେ ଆଞ୍ଚଳିକ ସ୍ଥିରତା ପାଇଁ ସମସ୍ତଙ୍କ ସହ ସମ୍ପର୍କ ସ୍ୱାଭାବିକ ରଖିବା ଜରୁରୀ। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ତିକ୍ତତା କ୍ଷେତ୍ରରେ ବାଂଲାଦେଶ କୌଣସି ପକ୍ଷ ନେବ ନାହିଁ ବୋଲି ସେ କହିଛନ୍ତି।

ଦୀର୍ଘ ୧୫ ବର୍ଷର ଏକଛତ୍ରବାଦୀ ଶାସନ ପରେ ଆଜିଠାରୁ ଦେଶରେ ପ୍ରକୃତ ଅର୍ଥରେ ସ୍ୱାଧୀନତା ଓ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି ବୋଲି ତାରିକ କେତେକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଦେଶବାସୀଙ୍କୁ ଏକଜୁଟ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଆମର ବିଚାରଧାରା ଭିନ୍ନ ହୋଇପାରେ, କିନ୍ତୁ ଦେଶର ସ୍ୱାର୍ଥ ପାଇଁ ଓ ଅର୍ଥନୀତିକୁ ସଜାଡ଼ିବା ପାଇଁ ସମସ୍ତଙ୍କୁ ଏକଜୁଟ୍ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଭାରତ ବର୍ତ୍ତମାନର ସ୍ଥିତିକୁ 'ସତର୍କ ଆଶାବାଦ' ସହ ଦେଖୁଛି। ଯଦିଓ ପୂର୍ବରୁ ବିଏନ୍‌ପି ସରକାର ସମୟରେ କିଛି ସମସ୍ୟା ଥିଲା, କିନ୍ତୁ ବର୍ତ୍ତମାନର ଅର୍ଥନୈତିକ ବାସ୍ତବତାକୁ ଦେଖି ତାରିକ ଏକ ବ୍ୟବହାରିକ ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଭାରତ ଆଶା ରଖିଛି। ସୂଚନାଯୋଗ୍ୟ ଯେ, ନିର୍ବାଚନରେ ୨୯୯ଟି ଆସନରୁ ବିଏନ୍‌ପି ଓ ତା'ର ସହଯୋଗୀ ମେଣ୍ଟ ୨୧୨ଟି ଆସନ ହାସଲ କରିଛନ୍ତି। ସେହିପରି ଜମାତ-ଇ- ଇସଲାମୀ ୭୭ ଆସନ ଓ ଅନ୍ୟାନ୍ୟ ୧୦ଟି ଆସନ ଜିତିଛନ୍ତି।



ଆସାମ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ବିଚାରପତିମାନେ ନିଜର ସୀମା ଜାଣିବା ଉଚିତ

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ନୂଆଦିଲ୍ଲୀରେ ଆୟୋଜିତ ଏକାଦଶ 'କମନୱେଲଥ ଜୁଡ଼ିସିଆଲ ଏଜୁକେଟର୍ସ' (ସିଜେଇ) ବୈଠକରେ ଯୋଗ ଦେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ବିଚାର ବିଭାଗୀୟ ନେତୃତ୍ୱ ଓ ବିଚାରପତିମାନଙ୍କ କାର୍ଯ୍ୟଶୈଳୀ ଉପରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସେ କହିଛନ୍ତି ଯେ, ବିଚାରପତିମାନେ ନିଜକୁ ସର୍ବଗୁଣ ସମ୍ପନ୍ନ



ମନେ କରିବା ଅପେକ୍ଷା ନିଜର ଭୁଲରୁ ଶିକ୍ଷା କରିବା ଓ ନମ୍ରତା ବଜାୟ ରଖିବା ଆବଶ୍ୟକ। ସେ କହିଛନ୍ତି ଯେ, ଇତିହାସରେ ସେହି ବିଚାରପତିମାନେ ସବୁଠାରୁ ଅଧିକ ସମ୍ମାନୀତ ହୋଇଛନ୍ତି, ଯେଉଁମାନେ ନିଜର ଅପୂର୍ଣ୍ଣତାକୁ ସ୍ୱୀକାର କରିଛନ୍ତି। ବିଚାରପତିମାନେ ନିଜର ସୀମା ଜାଣିବା ଉଚିତ ଓ ଭୁଲ ହେବାର ସମ୍ଭାବନାକୁ ସ୍ୱୀକାର କରିବା ଉଚିତ। ଯଦି ଜଣେ ବିଚାରପତି ଅପୂର୍ଣ୍ଣ ହୁଅନ୍ତି, ତେବେ ନ୍ୟାୟିକ ନେତୃତ୍ୱ ଦୁର୍ବଳ ହୁଏ ନାହିଁ। କିନ୍ତୁ ଯେତେବେଳେ ବିଚାରପତି ନିଜକୁ ସମ୍ପୂର୍ଣ୍ଣ ମନେ କରନ୍ତି, ସେତେବେଳେ ଏହା ପ୍ରଭାବିତ ହୋଇଥାଏ। ପ୍ରତ୍ୟେକ ବିଚାରପତି ନମ୍ରତାର ଗୁଣ ଆପଣାଇବା ଉଚିତ। ଆଇନ୍ ହେଉଛି ଏକ ଗତିଶୀଳ ବ୍ୟବସ୍ଥା, ଯାହା ସମାଜ ସହ ପରିବର୍ତ୍ତନ ହୋଇଥାଏ। ତେଣୁ ବିଚାରପତିମାନେ କେବଳ ପୁରୁଣା ରାୟ ଉପରେ ନିର୍ଭର ନ କରି ଆଜିର ସମୟ ଅନୁସାରେ ନ୍ୟାୟ ପ୍ରଦାନ କରିବା ଉଚିତ। ପୁଣି ଅନେକ ଲୋକ ବିଚାର କରନ୍ତି ଯେ, ବିଚାରପତି ପଦରେ ନିଯୁକ୍ତି ପାଇବା ପରେ ଶିକ୍ଷାର ସମାପ୍ତି ଘଟେ, କିନ୍ତୁ ଏହା ଏକ ବଡ଼ ଭୁଲ। ବିଚାରପତିମାନେ ସବୁବେଳେ ନୂଆ ଜିନିଷ ଶିଖିବା ପାଇଁ ପ୍ରସ୍ତୁତ ରହିବା ଉଚିତ ବୋଲି ସେ କହିଛନ୍ତି। ଏଥିସହ ସେ କମନୱେଲଥ ଅର୍ଥାତ ରାଜ୍ୟଗୋଷ୍ଠୀରେ ସାମିଲ ଥିବା ଦେଶଗୁଡ଼ିକ ମଧ୍ୟରେ ଏକ ଅନୁଷ୍ଠାନ ଗଠନ କରିବାକୁ ପରାମର୍ଶ ଦେଇଛନ୍ତି, ଯାହା ବାର (ଓକିଲ), ବେଞ୍ଚ୍ (ବିଚାରପତି) ଓ ନ୍ୟାୟିକ ଶିକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବ।

# ପ୍ରେମିକାକୁ ହତ୍ୟା କରିବା ପରେ ଜୀବନ ହାରିଲେ ପ୍ରେମିକ

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଶୁକ୍ରବାର ଅର୍ଥାତ ଫେବୃଆରୀ ୧୪ରେ ସାରା ବିଶ୍ୱରେ ଭାଲେଣ୍ଟାଇନ ଡେ' ପାଳନ କରାଯାଉଛି। କିନ୍ତୁ ଏହି ଦିନ ନୋଏଡ଼ାର ସେକ୍ଟର-୩୯ ଅଞ୍ଚଳରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ନିଜ ପ୍ରେମିକାକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ସକାଳ ୧୧ଟାରେ ଏହି ଘଟଣା ଘଟିଛି। ଗୋଟିଏ କାର୍ ଭିତରୁ ପୁଲିସ ଏହି ଯୁବକ ଓ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟା ଓ ପରେ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଇଛି। ସ୍ଥାନୀୟ ଲୋକ ଗୁଳି ଫୁଟିବା ଶବ୍ଦ ଶୁଣି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଟାଟା ଆଲଟ୍ରୋଜ କାର୍‌ର କାଚ ଭାଙ୍ଗି ମୃତଦେହଗୁଡ଼ିକୁ ବାହରକୁ ବାହାର କରିଥିଲା। କାର୍‌ଟି ଭିତରପଟୁ ଲକ୍ କରାଯାଇଥିଲା। ମୃତ ଯୁବତୀ ହେଉଛନ୍ତି ରେଖା। ସେ ନୋଏଡ଼ାର ବାସିନ୍ଦା। ସେହିପରି ମୃତ ଯୁବକ ହେଉଛନ୍ତି ସୁମିତ ଓ ସେ ଦିଲ୍ଲୀର ବାସିନ୍ଦା। ସୁମିତଙ୍କ ହାତରେ ଏକ ପିସ୍ତଲ ଥିଲା ଓ କାର୍ ଭିତର ଦୁଇଟି ଖାଲି ଗୁଳି ଜବତ କରାଯାଇଛି। ପରିବାରର ଲୋକଙ୍କ କହିବା ଅନୁଯାୟୀ, ଦୁହେଁ ପରସ୍ପରକୁ ୧୫ ବର୍ଷ ହେବା ଜାଣିଥିଲେ ଓ ଖୁବଶୀଘ୍ର ବିବାହ କରିବାକୁ ଯୋଜନା କରୁଥିଲେ। ସୁମିତଙ୍କ ପରିବାର ଦାବି କରିଛି ଯେ ସେ ରେଖାଙ୍କ ପାଇଁ ପ୍ରାୟ ୧ କୋଟି ଟଙ୍କାର ଏକ ଫ୍ଲାଟ୍ ମଧ୍ୟ କିଣିଥିଲେ। ସୁମିତଙ୍କ ସମ୍ପର୍କୀୟ ଭାଇ ଅଭିଯୋଗ କରିଛନ୍ତି ଯେ ରେଖାଙ୍କ ପରିବାର ଲୋକ ରେଖାଙ୍କୁ ସୁମିତଙ୍କ ବିରୋଧରେ ଉସୁକାଉଥିଲେ ଓ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପୁଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଫୋରେନସିକ ଦଳ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିଛି।

# ମଧ୍ୟ ଭାରତରେ ପାରଦ ୩୦ ଡିଗ୍ରୀ ପାର

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଦେଶର ମଧ୍ୟ ଭାଗରେ ଥିବା ରାଜ୍ୟଗୁଡ଼ିକରେ ଗ୍ରୀଷ୍ମର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ୫ଟି ରାଜ୍ୟରେ ପାରଦ ୩୦ ଡିଗ୍ରୀ ପାର କରିଛି। ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶ, ଏହି ଦୁଇଟି ରାଜ୍ୟରେ ଅଧିକାଂଶ ସହରରେ ଦିନର ତାପମାତ୍ରା ୩୦ ଡିଗ୍ରୀ ଅତିକ୍ରମ କରିଛି। ୟୁପିର ବାନ୍ଦା ସହରରେ ସର୍ବାଧିକ ତାପମାତ୍ରା ୩୧.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଛତିଶଗଡ଼ରେ ତାପମାତ୍ରା ୧ରୁ ୨ ଡିଗ୍ରୀ ବୃଦ୍ଧି ପାଇଛି। ଜଗଦଲପୁରରେ ସବୁଠାରୁ ଅଧିକ ୩୨.୭ ସେଲସିୟସ ଅନୁଭୂତ ହୋଇଛି। କିନ୍ତୁ ଦେଶର ପଶ୍ଚିମ ହିମାଳୟ ଅଞ୍ଚଳରେ ଫେବୃଆରୀ ୧୩ରୁ ୧୬ ମଧ୍ୟରେ ଦୁଇଟି ପଶ୍ଚିମା ଝଡ଼ (ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ) ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ଦୁଇଦିନ ମଧ୍ୟରେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ବର୍ଷା ଓ ବରଫପାତ ହେବାର ସମ୍ଭାବନା ରହିଛି। ସେହିପରି ରାଜସ୍ଥାନର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତରାଖଣ୍ଡରେ କଠୋର ଶୀତ ଜାରି ରହିଛି। ମୁନସ୍ୟାରୀରେ ତାପମାତ୍ରା ବିୟୁକ୍ତ ୨୬ ଡିଗ୍ରୀକୁ ଖସିଥିବା ବେଳେ ଗଙ୍ଗୋତ୍ରୀରେ ବିୟୁକ୍ତ ୨୧ ଓ ବଦ୍ରିନାଥରେ ବିୟୁକ୍ତ ୧୯ ଡିଗ୍ରୀ ରହିଛି। କଶ୍ମୀର ଉଚ୍ଚ ଅଞ୍ଚଳଗୁଡ଼ିକରେ ବରଫପାତ ଯୋଗୁଁ 'ମୁଗଲ ରୋଡ଼' ବନ୍ଦ ରହିଛି। ଝାଡ଼ଖଣ୍ଡର ଚାରୋଟି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀରୁ କମ୍ ରହିଛି।

# ଭାରତରେ ୨୫,୦୦୧ ଲାଇସେନ୍ସପ୍ରାପ୍ତ ପାଇଲଟ ଅଛନ୍ତି

ନୂଆଦିଲ୍ଲୀ, ୧୪।୨(ଏଜେନ୍ସି): ଭାରତରେ ବର୍ତ୍ତମାନ ୨୫, ୦୦୧ ଜଣ ଲାଇସେନ୍ସପ୍ରାପ୍ତ ପାଇଲଟ ଅଛନ୍ତି, ଅର୍ଥାତ ସେମାନଙ୍କ ପାଖରେ ବୈଧ ଲାଇସେନ୍ସ ରହିଛି ବୋଲି ସରକାର ଲୋକସଭାରେ ସୂଚନା ଦେଇଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ କେତେଜଣ ଚାକିରି କରୁଛନ୍ତି ବା ନିଯୁକ୍ତି ଦିଆଯାଇଛି, ସେ ନେଇ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ରେକର୍ଡ ନାହିଁ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ କେବଳ ଲାଇସେନ୍ସର ହିସାବ ରଖେ, କିନ୍ତୁ ନିଯୁକ୍ତି ସ୍ଥିତିର ନୁହେଁ ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି। ଲାଇସେନ୍ସ ୩ ପ୍ରକାର ରହିଛି। ଏଟିପିଏଲ୍ (ଏୟାରଲାଇନ୍ ଟ୍ରାନ୍ସପୋର୍ଟ ପାଇଲଟ ଲାଇସେନ୍ସ), ସିପିଏଲ (କମର୍ସିଆଲ ପାଇଲଟ ଲାଇସେନ୍ସ) ଓ ପିପିଏଲ୍ (ପ୍ରାଇଭେଟ ପାଇଲଟ ଲାଇସେନ୍ସ)। ୧୦, ୨୬୧ ଜଣ ପାଇଲଟଙ୍କ ପାଖରେ ଏଟିପିଏଲ, ୧୨, ୪୮୦ ଜଣଙ୍କ ପାଖରେ ସିପିଏଲ ଏବଂ ୧, ୪୭୭ ଜଣଙ୍କ ପାଖରେ ପିପିଏଲ ଅଛି। ଏଟିପିଏଲ ହେଉଛି ସବୁଠାରୁ ଉଚ୍ଚସ୍ତରୀୟ ପ୍ରମାଣପତ୍ର ଓ ଏହା ବାଣିଜ୍ୟିକ ବିମାନର କମାଣ୍ଡ ସମ୍ଭାଳିବା ପାଇଁ ଆବଶ୍ୟକ ହୋଇଥାଏ।

# ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ହତ୍ୟା ଷଡ଼ଯନ୍ତ୍ର: ଭାରତୀୟ ନାଗରିକଙ୍କୁ ୨୪ ବର୍ଷ ଜେଲ୍

ନ୍ୟୁୟର୍କ, ୧୪।୨(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁକୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିବା ଅଭିଯୋଗରେ ଭାରତୀୟ ନାଗରିକ ନିଖିଲ ଗୁପ୍ତାଙ୍କୁ ୨୪ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଶୁକ୍ରବାର ଦିନ ନ୍ୟୁୟର୍କର ଏକ କୋର୍ଟରେ ହାଜର ହୋଇ ନିଖିଲ ନିଜର ଅପରାଧ ସ୍ୱୀକାର କରିଥିଲେ। ଆସନ୍ତା ମେ ମାସ ୨୯ ତାରିଖରେ ଏହି ଦଣ୍ଡାଦେଶର ଆନୁଷ୍ଠାନିକ ଘୋଷଣା କରାଯିବ। ଆମେରିକୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ମୁତାବକ, ଏହି ଷଡ଼ଯନ୍ତ୍ର ଜଣେ ଆମେରିକୀୟ ନାଗରିକଙ୍କୁ ହତ୍ୟା କରାଯିବା ପାଇଁ ରଚାଯାଇଥିଲା, ଯାହାକୁ ଆମେରିକାର ଏଜେନ୍ସିଗୁଡ଼ିକ ସମୟ ପୂର୍ବରୁ ହିଁ ବିଫଳ କରିଦେଇଥିଲେ। ନିଖିଲ ଗୁପ୍ତା ଓରଫ ନିକ୍ ହତ୍ୟା ପାଇଁ ଚୁକ୍ତି, ଏହାର ଷଡ଼ଯନ୍ତ୍ର ଓ ମନି ଲଣ୍ଡରିଂ ଭଳି



୩ଟି ଗୁରୁତର ଅଭିଯୋଗକୁ ସ୍ୱୀକାର କରିଛନ୍ତି। ପନ୍ନୁ ମୂଳତଃ ପଞ୍ଜାବର ଖାନକୋଟ ବାସିନ୍ଦା। ସେ ବର୍ତ୍ତମାନ ଆମେରିକାରେ ରହି 'ଶିଖ ଫର ଜଷ୍ଟିସ' (ଏସ୍‌ଜେଏଫ୍) ନାମକ ସଂଗଠନ ପରିଚାଳନା କରୁଛି। ତା ପାଖରେ ଆମେରିକା ଓ କାନାଡ଼ାର ଦ୍ୱୈତ ନାଗରିକତା ଅଛି। ଭାରତ ସରକାର ତାକୁ ୨୦୨୦ ଜୁଲାଇ ୧ରେ ୟୁଏପିଏ ଅଧୀନରେ ଆତଙ୍କବାଦୀ ଘୋଷଣା କରିଥିଲେ।

ଅଭିଯୋଗ ହୋଇଛି ଯେ ୨୦୨୩ ମେ'ରେ ବିକାଶ ଯାଦବ ନାମକ ଜଣେ ଭାରତୀୟ ଅଧିକାରୀ ନିଖିଲ ଗୁପ୍ତାଙ୍କୁ ଏହି କାର୍ଯ୍ୟ କରିବା ପାଇଁ ନିୟୋଜିତ କରିଥିଲେ। ମେ ୨୯ରେ ନିଖିଲ ଜଣେ ସୁପାରି କିଲର ଖୋଜିବା ଆରମ୍ଭ କରିଥିଲେ। କିନ୍ତୁ ସେ ଯାହାକୁ ଯୋଗାଯୋଗ କଲେ, ସେ ଜଣେ ଆମେରିକୀୟ ଅଣ୍ଡରକଭର ଏଜେଣ୍ଟ ଥିଲେ। ଜୁନ୍ ୯ରେ ହତ୍ୟା ପାଇଁ ଅଗ୍ରିମ ବାବଦରେ ୧୫ ହଜାର ଡଲାର (୧୨.୫ ଲକ୍ଷ ଟଙ୍କା) ପଠାଇଥିଲେ। ସମୁଦାୟ ଚୁକ୍ତି ଏକ ଲକ୍ଷ ଡଲାରରେ ହୋଇଥିଲା। ଜୁନ୍ ୧୮ରେ କାନାଡ଼ାରେ ଅନ୍ୟତମ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରକୁ ହତ୍ୟା କରାଯାଇଥିଲା। ନିଖିଲ ସେହି ହତ୍ୟାର ଭିଡ଼ିଓ ସମ୍ପୃକ୍ତ ସୁପାରି କିଲରଙ୍କୁ ପଠାଇ କହିଥିଲେ ଯେ, ଏହା ଏକ ଶୁଭ ଖବର, ଏବେ ଆଉ ଅପେକ୍ଷା କରିବାର ଆବଶ୍ୟକତା ନାହିଁ। ଜୁନ୍ ୩୦ରେ ନିଖିଲଙ୍କୁ ଚେକ ଗଣରାଜ୍ୟରୁ ଗିରଫ କରାଯାଇଥିଲା ଓ ପରେ ଆମେରିକାକୁ ହସ୍ତାନ୍ତର କରାଯାଇଥିଲା। ଏଫ୍‌ବିଆଇ କହିଛି ଯେ, ଭାରତୀୟ ଗୁଇନ୍ଦା ସଂସ୍ଥା (ଆରଏଡବ୍ଲ୍ୟୁ) ସହ ଜଡ଼ିତ ଥିବା ବିକାଶ ଯାଦବ ଏହି ପୂରା ଯୋଜନାର ମୁଖ୍ୟ ଥିଲେ। ତେବେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ନିଜର ସ୍ପଷ୍ଟୀକରଣ ଦେଇ କହିଛି ଯେ, ଅଭିଯୋଗପତ୍ରରେ ନାମ ଥିବା ବ୍ୟକ୍ତି ଏବେ ଆଉ ଭାରତ ସରକାରଙ୍କ କର୍ମଚାରୀ ନୁହନ୍ତି।

## ରାମତୀର୍ଥରେ ବୁଡ଼ି ନାବାଳକ ନିଖୋଜ



ରାଇରଙ୍ଗପୁର/କରଞ୍ଜିଆ, ୧୪।୨ (ସମିସ): ରାମତୀର୍ଥ ନିକଟ ନଦୀରେ ଜଣେ ନାବାଳକ ବୁଡ଼ି ନିଖୋଜ ହୋଇଯାଇଛି। ନାବାଳକଜଣଙ୍କ ସ୍ଥାନୀୟ ଅଞ୍ଚଳର। ସେ ଆଜି ରାମତୀର୍ଥ ବୁଲିବାକୁ ଆସିଥିବା ବେଳେ ଅସାବଧାନତାରୁ ଖଇରୀ-ଭଣ୍ଡନ ନଦୀକୁ ଖସି ପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ଉଦ୍ଧାର କରିପାରିନଥିଲେ। ତେବେ ସଂଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି। ଆସନ୍ତାକାଲି ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଅଗ୍ନିଶମ ବିଭାଗ କହିଛି।

**ଚୌଦ୍ୱାର ଜେଲ୍‌ରୁ ବିହାରୀ କଏଦୀ ଫେରାର୍ ମାମଲା**

# ବୃନ୍ଦାବନରୁ ଧରାହେଲା ମଧୁକାନ୍ତ

ଭୁବନେଶ୍ୱର, ୧୪।୨ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ରୁ ଚମ୍ପଟ ମାରିଥିବା ଦୁର୍ଦ୍ଦାନ୍ତ ବିହାରୀ କଏଦୀ ମଧୁକାନ୍ତ ରାଣା ପୁଲିସ ହାତରେ ଧରାପଡ଼ିଛି। ବୃନ୍ଦାବନର ଏକ ମଠରେ ସେ ଲୁଚିଥିଲା ବେଳେ ପୁଲିସ ଛଦ୍ମବେଶରେ ତାକୁ ଧରିଛି। ମଧୁକାନ୍ତ ଦିଲ୍ଲୀ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ମିଜୋରାମ, ନାଗାଲାଣ୍ଡ ଏବଂ ଆସାମ୍ ଭଳି ରାଜ୍ୟ ବୁଲିବା ପରେ ଉତ୍ତରପ୍ରଦେଶର ବୃନ୍ଦାବନରେ ଲୁଚିଥିଲା। ତେବେ ଜେଲ୍‌ରୁ ତା' ସହ ଫେରାର୍ ହୋଇଥିବା ଅନ୍ୟ ସହଯୋଗୀ ଅଭିଯୁକ୍ତ ରାଜା ସାହାଣୀ ଏବେ ବି ଫେରାର୍ ରହିଛି। ପୁଲିସ ସେବା ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର୍ ଡ. ଏସ୍. ଦେବଦତ୍ତ ସିଂ ଆଜି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

**ମଠରେ କେୟାର ଟେକର୍ ବେଶରେ ଲୁଚିଥିଲା**

**ଛଦ୍ମବେଶରେ ଯାଇ ମାଡ଼ିବସିଲା ପୁଲିସ**

**ନେପାଳକୁ ଖସି ଯାଇଛି ରାଜା**



୨୦୨୫ ମସିହାରେ ଯାଜପୁର ପାଣିକୋଇଲି ଥାନା ଅଞ୍ଚଳରେ ଘଟିଥିବା ଏକ ଡକାୟତି ମାମଲାରେ ଗିରଫ ହୋଇଥିବା ମଧୁକାନ୍ତ ଓ ରାଜା ଚୌଦ୍ୱାର ସର୍କଲ ଜେଲରେ ଥିଲେ। ଅକ୍ଟୋବର ୨ ତାରିଖରେ ଉଭୟ ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିଲା। ଏନେଇ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

ପୁଲିସ ସୂଚନା ମୁତାବକ, ଜେଲ୍‌ରୁ ଚମ୍ପଟ ମାରିବା ପରେ ଏହି ଦୁଇ ଅଭିଯୁକ୍ତ ଏକ ଜଳାଶୟରେ କିଛି ସମୟ ପାଇଁ ଲୁଚି ରହିଥିଲେ। କାହାରି ଯେପରି ସନ୍ଦେହ ନ ହେବ, ସେଥିପାଇଁ ପାଣି ଭିତରେ ବୁଡ଼ି ରହିଥିଲେ। ପରେ ଏକ ପାଦଚଲା ରାସ୍ତାରେ ନିକଟସ୍ଥ ରେଳ ଷ୍ଟେସନ୍‌କୁ ଯାଇଥିଲେ। ସେଠାରୁ ଟ୍ରେନ୍ ଯୋଗେ ସେମାନେ ପ୍ରଥମେ ପୁରୀ ପଳାଇଥିଲେ। ପୁରୀରେ ଗୋଟିଏ ଦିନ ରହିବା ପରେ ଦିଲ୍ଲୀ ପଳାଇଥିଲେ। ଦିଲ୍ଲୀରେ ପହଞ୍ଚିବା ପରେ ରାଜା ନେପାଳ ପଳାଇଥିବା ବେଳେ ମଧୁକାନ୍ତ ଦେଶର ଏକାଧିକ ସ୍ଥାନ ଘୂରି ବୁଲୁଥିଲା। ଏପଟେ, ଅଭିଯୁକ୍ତଦ୍ୱୟଙ୍କୁ ଧରିବା ପାଇଁ କମିସନରେଟ୍ ପୁଲିସ ଏକ ସ୍ୱତନ୍ତ୍ର ଅଣ୍ଡର-କଭର୍ ଟିମ୍ ଗଠନ କରିଥିଲା। ଏହି ଟିମ୍‌କୁ ଉତ୍ତର ଭାରତ ଶୈଳୀରେ ହିନ୍ଦୀ କହିବାକୁ ତାଲିମ୍ ଦିଆଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ହେଁ ସଫଳତା ମିଳି ନଥିଲା। ତେବେ ୧୫ ଦିନ ତଳେ ମଧୁକାନ୍ତ ବୃନ୍ଦାବନର ଏକ ମଠରେ କେୟାରଟେକର୍ ଭାବେ କାମ କରୁଥିବା ପୁଲିସକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତେଣୁ, ପୁଲିସ ତାକୁ ଧରିବାକୁ ଜାଲ ବିଛାଇଥିଲା। ଜଣେ ପୁଲିସ ଅଧିକାରୀ ଛଦ୍ମବେଶରେ ନିକଟସ୍ଥ ଏକ ମଠ ଭୋଜନାଳୟରେ କାମ କରିଥିଲେ। ସେଠାରେ ଲୋକଙ୍କ ସହ ମିଳାମିଶା କରିଥିଲେ। ପରେ ମଧୁକାନ୍ତ ରହୁଥିବା ମଠରେ ଚାକିରି କରିବାକୁ ଯୋଗାଯୋଗ କରିଥିଲେ। ଏଥିରେ ମଠ କର୍ମଚାରୀ ବି ରାଜି ହୋଇଯାଇଥିଲେ। ଛଦ୍ମବେଶରେ ଥିବା ପୁଲିସ କର୍ମଚାରୀଙ୍କୁ ମଧୁକାନ୍ତ ତାର ମଠକୁ ନେବା ପାଇଁ ଆସିଲା ବେଳେ ପୁଲିସ ତାକୁ ଚାରିଆଡ଼ୁ ଘେରିଯାଇଥିଲା। ମଧୁକାନ୍ତକୁ ପୁଲିସ ଗିରଫ କରି ଓଡ଼ିଶା ଆଣିଛି। ତାକୁ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ଆଣିବାକୁ କମିସନରେଟ୍ ପୁଲିସ ଯୋଜନା କରିଛି।

## ୫ ନକ୍ସଲ ସ୍ମାରକୀ ଧ୍ୱଂସ କଲେ ଯବାନ

ମାଲକାନଗିରି, ୧୪।୨ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀ ୫ ନକ୍ସଲ ସ୍ମାରକୀ ଭାଙ୍ଗି ନଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ଜିଲ୍ଲାର ତାରେମ ଥାନା ଅଞ୍ଚଳର ମାଣ୍ଡିମାର୍କା ଜଙ୍ଗଲରେ ସିଆରପିଏଫର ୧୬୮ ଏବଂ ୧୫୩ ବାଟାଲିୟନର ଏକ ମିଳିତ ଦଳ ମାଓ ଦମନ ପାଇଁ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ଯବାନମାନେ ନକ୍ସଲ ସ୍ମାରକୀ ଦେଖି ଏହାକୁ ଭାଙ୍ଗି ନଷ୍ଟ କରିଥିଲେ। ସେହିପରି ଉସୁର ଥାନା ଅଞ୍ଚଳର ମାରୁଧବାକା ଜଙ୍ଗଲରେ ମଧ ମାଓବାଦୀଙ୍କ ଦ୍ୱାରା ନିର୍ମିତ ଦୁଇଟି ସ୍ମାରକୀକୁ ଠାବ କରି ଏହାକୁ ଭାଙ୍ଗି ଦେଇଥିଲେ। ସେହିପରି ପୌରରଗୁଡ଼ା ଏବଂ ସିଙ୍ଗାନାପାଲି ଜଙ୍ଗଲ ଅଞ୍ଚଳରେ ଅନ୍ୟ ଦୁଇଟି ନକ୍ସଲ ସ୍ମାରକୀକୁ ନଷ୍ଟ କରାଯାଇଛି। ଦକ୍ଷିଣ ବସ୍ତର୍ ଅଞ୍ଚଳରେ ଚାଲିଥିବା ମାଓ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀର ଏହି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ମାଓ ଭୟକୁ ଦୂର କରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

**ରାଜସ୍ୱ ବିଭାଗର ନିର୍ଦ୍ଦେଶ**

# ମିଶନ୍ ମୋଡ୍‌ରେ କର ଜମିପଟ୍ଟା ସମ୍ବନ୍ଧୀୟ ସମସ୍ତ ସଂଶୋଧନ

ଭୁବନେଶ୍ୱର, ୧୪।୨ (ସମିସ): ରାଜ୍ୟର ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ (ଆର୍‌ଓଆର୍)ର ୨ ଖାନା (କଲମ-୨) ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସାରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି ରାଜ୍ୟ ସରକାର। ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ୍ ମୋଡ୍‌ରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଚିଠିରେ ଡ. ପାଢ଼ୀ କହିଛନ୍ତି ଯେ କଲମ-୨ ବା ଖତିଆନରେ ୨ ଖାନା ସଂଶୋଧନ କେବଳ ଏକ ସାଧାରଣ ସରକାରୀ ପ୍ରକ୍ରିୟା ନୁହେଁ; ଏହା ଜମି ମାଲିକାନାର ସୁରକ୍ଷା ଓ ସରକାରୀ ସେବା ପ୍ରଦାନ ସହ ସିଧାସଳଖ ଭାବେ ସମ୍ପୃକ୍ତ। ସଠିକ୍ ସଂଶୋଧନ ଓ ଚାଷୀ ପଞ୍ଜୀକରଣ ମାଧ୍ୟମରେ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଓ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନାର ସିଧାସଳଖ ସୁଫଳ ପାଇପାରିବେ। ମାତ୍ର, ଏଥିରେ ବିଳମ୍ବ ହେଲେ ନାଗରିକମାନେ ସିଧାସଳଖ ପ୍ରଭାବିତ ହେବେ ଏବଂ ପ୍ରଶାସନିକ କାର୍ଯ୍ୟ କୁଶଳତା ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ ଜାରି ହୋଇଥିବା ପ୍ରମୁଖ ନିର୍ଦ୍ଦେଶାବଳୀଗୁଡ଼ିକ ମଧ୍ୟରେ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେଇ ସମସ୍ତ ଅପେକ୍ଷିତ ବା ବଳକା ମାମଲାକୁ ମିଶନ୍ ମୋଡ୍‌ରେ ସଠିକ୍ ସମୟରେ ସାରିବାକୁ ଗୁରୁତ୍ୱ ଦିଆଯାଇଛି। ଅଧିକ ବଳକା ମାମଲା ଥିବା ତହସିଲଦାରମାନଙ୍କୁ ଚିହ୍ନଟ କରି ଆବଶ୍ୟକ ନିର୍ଦ୍ଦେଶ ତଥା ଚେତାବନୀ ଜାରି କରିବା ସହ ଅସନ୍ତୋଷଜନକ କାର୍ଯ୍ୟଦକ୍ଷତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଉପଜିଲ୍ଲାପାଳମାନେ ନିୟମିତ ନିରୀକ୍ଷଣ ପାଇଁ ଉତ୍ତରଦାୟୀ ରହିବା ସହ ବଳକା ମାମଲା ଶୀଘ୍ର ସାରିବା ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ ପାଇଁ ଡ୍ୟାସବୋର୍ଡ ବ୍ୟବସ୍ଥା ଆରମ୍ଭ ହେବ। ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ସଂଯୁକ୍ତ ରିପୋର୍ଟ ନିୟମିତ ଭାବେ ଦାଖଲ କରିବା ସହ ଏଥିସହ ସମ୍ପୃକ୍ତ ସମସ୍ୟାଗୁଡ଼ିକୁ ବିଭାଗକୁ ଅବଗତ କରାଇବା ପାଇଁ କୁହାଯାଇଛି। ଏହାକୁ ପ୍ରାଥମିକତା ଭାବେ ଗ୍ରହଣ କରି ଜିଲ୍ଲାସ୍ତରରେ କାର୍ଯ୍ୟକାରୀ କରିବାକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ଆର୍‌ଡିସିଙ୍କୁ ବ୍ୟକ୍ତିଗତ ଭାବେ ସମସ୍ତ କାର୍ଯ୍ୟ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୧୪ ଆଇଇଡି ସହ ବିପୁଳ ବିସ୍ଫୋରକ ଜବତ

ମାଲକାନଗିରି, ୧୪।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓ ଦମନ ଅଭିଯାନ ବେଳେ ମାଓବାଦୀମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ୧୪ ଆଇଇଡି ବୋମାକୁ ସୁରକ୍ଷାବାହିନୀ ଜବତ କରିବା ସହ ତାହାକୁ ନିଷ୍କ୍ରିୟ କରିଛନ୍ତି। ଘଟଣାସ୍ଥଳରୁ ବିପୁଳ ବିସ୍ଫୋରକ ସାମଗ୍ରୀ ସହ ଦୁଇଟି ମାଓଡମ୍ପ ମଧ ଠାବ କରାଯାଇଛି। ସୂଚନାନୁଯାୟୀ, ସିଆର୍‌ପିଏଫ୍ ଏବଂ କୋବ୍ରା ବାହିନୀର ମିଳିତ ଦଳ ତାଡପାଲା ପାହାଡ଼ ଅଞ୍ଚଳରେ ମାଓ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଲଗାଇଥିବା ୧୪ଟି ଆଇଇଡି ବୋମାକୁ ଠାବ କରି ଏହାକୁ ନିଷ୍କ୍ରିୟ କରିବା ସହ ଜବତ କରିଥିଲେ। ଅଞ୍ଚଳରେ ଅଧିକ ତଲାସି ସମୟରେ ମାଓବାଦୀମାନେ ମାଟି ତଳେ ଦୁଇଟି ସ୍ଥାନରେ ଲୁଚାଇ ରଖିଥିବା ବିପୁଳ ବିସ୍ଫୋରକ, ମାଓ ସାମଗ୍ରୀକୁ ମଧ ଜବତ କରିଥିଲେ।

## ଦୁଷ୍କର୍ମ ଅଭିଯୋଗରେ ଯୁବନେତା ଗିରଫ

ବାରିପଦା, ୧୪।୨(ସମିସ): ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ବାରିପଦା ସଦର ଥାନା ପୁଲିସ୍ ଜଣେ ଯୁବନେତାଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ବାରିପଦା ସଦର ଥାନା ଅନ୍ତର୍ଗତ ରାଣୀଭୋଳ ଗାଁର ଶିରୀଶ ଚନ୍ଦ୍ର ହେମ୍ବ୍ରମ(୩୨)। କୁଳିଅଣା ବ୍ଲକର ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ସଂପର୍କ ରଖିଥିଲେ। କିନ୍ତୁ ପରେ ସେ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ଯୁବତୀଜଣଙ୍କ ବାରିପଦା ସଦର ଥାନାରେ ଗତ ୧୨ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ ଗତରାତିରେ ଶିରୀଶଙ୍କୁ ଗିରଫ କରିଥିବା ବେଳେ ଆଜି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ମା' ଜଣେ ପ୍ରାକ୍ତନ ଲୋକପ୍ରତିନିଧି ହୋଇଥିବା ବେଳେ ଅଭିଯୁକ୍ତ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଆଶାୟୀ ରହିଆସିଥିଲେ। ଶିରୀଶ ଏହି ଅଭିଯୋଗକୁ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି।

**ଜାଗର ପୂର୍ବରୁ ଅବ୍ୟବସ୍ଥା ଜଳଜଳ**

## ଶ୍ରୀଲୋକନାଥ ମନ୍ଦିର ଘଣ୍ଟାଏ ଅନ୍ଧାର

ପୁରୀ,୧୪।୨(ସମିସ): ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ଏବେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ପଙ୍କୋଦ୍ଧାର ଏକାଦଶୀରେ ହଜାରହଜାର ଶ୍ରଦ୍ଧାଳୁ ମନ୍ଦିରକୁ ଆସି ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥିଲେ। ରବିବାର ମହାଶିବରାତ୍ରୀ। ଶ୍ରୀଲୋକାଥଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ହେଲେ ଏହାର ଅବ୍ୟବହିତ ପୂର୍ବରୁ ଶନିବାର ଦେଖିବାକୁ ମିଳିଛି ଅବ୍ୟବସ୍ଥା। ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଯୋଗୁଁ ସେବକମାନଙ୍କ କାର୍ଯ୍ୟ ସମ୍ପାଦନରେ ବାଧା ଉପୁଜିଛି। ଏପରିକି, ଇନ୍‌ଭର୍ଟର୍ ଥାଇ ମଧ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ ବ୍ୟାଘାତ ସମସ୍ୟା ଉପୁଜିଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ କରାଯାଉଥିଲେ ହେଁ ଭିତର ପାର୍ଶ୍ୱରେ ଉନ୍ନତୀକରଣ ପାଇଁ ସେଭଳି କୌଣସି ତତ୍ପରତା ଦେଖାଯାଉନାହିଁ। ମନ୍ଦିର ଭିତରେ ଉନ୍ନତୀକରଣ ନେଇ ପ୍ରାୟ ବର୍ଷେ ହେବ ପ୍ରସ୍ତାବ ପଠାଯାଇଛି। ପ୍ରତ୍ନତତ୍ତ୍ୱ ବିଭାଗକୁ ସର୍ବେକ୍ଷଣ ପାଇଁ ଚିଠି ହୋଇଛି। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ।

ଶ୍ରୀଲୋକନାଥ ମନ୍ଦିର ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ ପଣ୍ଡା କହିଛନ୍ତି, ମନ୍ଦିରର ଭିତର ପାର୍ଶ୍ୱ ଅବସ୍ଥା ଦୟନୀୟ। ଶନିବାର ଲାଇନ୍ କଟିଯିବାରୁ ସମସ୍ୟା ଉପୁଜିଲା। ପାଣି ପାଇଁ ସମସ୍ୟା ହେଲା। ଲାଇନ୍ ନ ଥିବାରୁ ଭିତର ପାର୍ଶ୍ୱରେ ଭକ୍ତମାନେ ପିଇବା ପାଣି ଟୋପେ ପାଇଲେ ନାହିଁ। ବାରମ୍ବାର ମନ୍ଦିର ଭିତରେ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଛୁ। କିଛି ଲାଭ ହେଉନାହିଁ। ବାହାର ପାର୍ଶ୍ୱ ଉନ୍ନତୀକରଣ ଆବଶ୍ୟକତା ରହିଛି। କିନ୍ତୁ, ମୁଖ୍ୟ ମନ୍ଦିର, ଭିତର ପାର୍ଶ୍ୱ ମରାମତି କାର୍ଯ୍ୟ ନେଇ ଯେତେ ପ୍ରସ୍ତାବ ଓ ନିବେଦନ କଲେ ମଧ ସେ ବାବଦରେ ଗୁରୁତ୍ୱ ଦିଆଯାଉନାହିଁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ପଣ୍ଡା।



ପୁରୀ ଲୋକନାଥ ମନ୍ଦିରରେ ବୃହତ୍ ଜଗତ ମଙ୍ଗଳ ଦୀପ

**ନବୀନ ନିବାସରେ ବ୍ୟାସନଗର ମ୍ୟୁନିସିପାଲିଟିର ମିଶନ ଶକ୍ତି ମା'**

## ଦୃଢ଼ ମନୋବଳ ସହ ନିଜର ଆର୍ଥିକ ଉନ୍ନତି ପାଇଁ କାମ ଜାରି ରଖ: ନବୀନ



ଭୁବନେଶ୍ୱର,୧୪।୨(ସମିସ): ଯାଜପୁର ବ୍ୟାସନଗର ମ୍ୟୁନିସିପାଲଟି ଅଞ୍ଚଳର ମିଶନ ଶକ୍ତି ମାମାନେ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସବୁ ଆହ୍ୱାନର ସାମ୍ନା କରି ଦୃଢ଼ ମନୋବଳ ସହ ନିଜର ଆର୍ଥିକ ଉନ୍ନତି ପାଇଁ କାମ ଜାରି ରଖିବାକୁ ଶ୍ରୀ ପଟ୍ଟନାୟକ ମିଶନ ଶକ୍ତି ମାମାନଙ୍କୁ ପରାମର୍ଶ ଦେଇଥିଲେ।

## ବାର୍ ଆସୋସିଏସନ୍‌ରେ ମହିଳା ଆଇନଜୀବୀଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ

**ମତାମତ ଲୋଡ଼ିଲା ବାର୍ କାଉନସିଲ୍**

କଟକ,୧୪।୨ (ସମିସ): ଓଡ଼ିଶାର ସମସ୍ତ ବାର୍ ଆସୋସିଏସନ୍‌ରେ ମହିଳା ଆଇନଜୀବୀଙ୍କ ପାଇଁ ସଂରକ୍ଷଣ ରହିବ। ଏଣିକି ଜିଲ୍ଲା ଓ ତାଲୁକସ୍ତରୀୟ ଓକିଲ ସଂଘର କର୍ମକର୍ତ୍ତା ପଦବୀରେ ମହିଳାମାନଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ ବା ପ୍ରତିନିଧିତ୍ୱ ରହିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଧାର କରି ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ପକ୍ଷରୁ ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୁପ୍ରିମକୋର୍ଟଙ୍କ ଗତ ୨୦୨୫ ମାର୍ଚ୍ଚ ୨୪ ଏବଂ ୨୦୨୬ ଜାନୁଆରି ୧୬ ତାରିଖର ଆଦେଶ ଅନୁଯାୟୀ ଏହି ନିୟମ ଲାଗୁ କରାଯାଇଛି। ଫଳରେ ଆସନ୍ତା ଜିଲ୍ଲା, ତାଲୁକ କିମ୍ବା ଯେକୌଣସି ପ୍ରକାରର ବାର୍ ଆସୋସିଏସନ୍‌ର କାର୍ଯ୍ୟକାରୀ କମିଟିରେ ମହିଳା ଓକିଲଙ୍କୁ ୩୦ ପ୍ରତିଶତ ସ୍ଥାନ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ହାଇକୋର୍ଟର ସମସ୍ତ ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ଏହା ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବାର୍ କାଉନସିଲ ପକ୍ଷରୁ ସମସ୍ତ ସଂଘକୁ ଏନେଇ ଚିଠି ଲେଖାଯାଇଛି। ଏହି ନିୟମର ଅନୁପାଳନ ପାଇଁ ବାର୍ ଆସୋସିଏସନ୍‌ଗୁଡ଼ିକ କ'ଣ ପଦକ୍ଷେପ ନେଇଛନ୍ତି, ତାହାର ସୂଚନା ମଗାଯାଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ଆସୋସିଏସନ୍‌କୁ ସେମାନଙ୍କ ମତାମତ ଦେବାକୁ କୁହାଯାଇଛି। ଏହି ମତାମତଗୁଡ଼ିକୁ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କାଉନସିଲ୍ ବୈଠକରେ ଉପସ୍ଥାପନ କରାଯିବ।

**ସାଂସଦଙ୍କୁ ଜିଲ୍ଲାପାଳ ନିମନ୍ତ୍ରଣ ନକରିବା ପ୍ରସଙ୍ଗ**

# ମୋର ନୁହେଁ, ଏହା ଗୃହର ଅପମାନ: ଦେବାଶିଷ

କଟକ, ୧୪।୨(ସମିସ): କଟକ ଜିଲ୍ଲାପାଳଙ୍କ ବିରୋଧରେ ଆସିଥିବା ପ୍ରୋଟୋକଲ୍ ଉଲ୍ଲଂଘନ ଓ ସ୍ୱାଧିକାର ଭଙ୍ଗ ଅଭିଯୋଗକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ହୋଇଛି। ଗତ ନେତାଜୀ ଜୟନ୍ତୀ ଅବସରରେ ଉପ-ରାଷ୍ଟ୍ରପତିଙ୍କ କଟକ ଗସ୍ତ ସମୟରେ ସ୍ଥାନୀୟ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ନିମନ୍ତ୍ରଣ କରା ନ ଯିବା ଏବଂ ସରକାରୀ ଫଳକରେ ତାଙ୍କ ନାମ ନ ରହିବା ପ୍ରସଙ୍ଗରେ ଆଜି ସାଂସଦ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏହି ଘଟଣା କେବଳ ବ୍ୟକ୍ତିଗତ ଅପମାନ ନୁହେଁ, ବରଂ ସଂସଦୀୟ ଗୃହର ମର୍ଯ୍ୟାଦା ଉପରେ ଆଘାତ। ଜଣେ ଜିଲ୍ଲାପାଳ ଭାବେ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଜଣେ ଦକ୍ଷ ଅଧିକାରୀ ହୋଇପାରନ୍ତି, କିନ୍ତୁ ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କିପରି ସରକାରୀ ରୁଲ୍‌ବୁକ୍‌ରେ ଥିବା ପ୍ରୋଟୋକଲ୍‌କୁ ଭୁଲିଗଲେ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ଆହୁରି କହିଛନ୍ତି ଯେ କାର୍ଯ୍ୟକ୍ରମ ପୂର୍ବ ରାତିରେ କେବଳ ଏକ ଇ-ମେଲ୍ ପଠାଇ ଜିଲ୍ଲା ପ୍ରଶାସନ ନିଜ ଦାୟିତ୍ୱ ସାରିଦେଲା। କେବଳ ଏକ ମେଲ୍ ଦେଖି କ'ଣ ଜଣେ ଜନପ୍ରତିନିଧି ନିମନ୍ତ୍ରଣ ବୋଲି ଭାବି ଧାଇଁଯିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ ଆହୁରି ମଧ କହିଛନ୍ତି ଯେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଯଦି କେହି କର୍ମଚାରୀ ଏହି ଭୁଲ୍ କରିଛନ୍ତି, ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ? ସେ ସ୍ପଷ୍ଟ କରିଛନ୍ତି ଯେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ୟ ନିର୍ବାଚିତ ପ୍ରତିନିଧିମାନେ ଏହି ବିଷୟରେ କାହିଁକି ଚୁପ୍ ରହିଲେ, ତାହା ସେମାନଙ୍କ ବ୍ୟକ୍ତିଗତ ବ୍ୟାପାର। କିନ୍ତୁ, ଅନେକ ସାଂସଦ ତାଙ୍କୁ ଏହି ଲଢ଼େଇରେ ସମର୍ଥନ କରିଛନ୍ତି। ଜିଲ୍ଲାପାଳ ଜଣେ ଜନପ୍ରତିନିଧିଙ୍କୁ ଏଭଳି ଅଣଦେଖା କରି ଯେଉଁ ନୂଆ ଅଧ୍ୟାୟ ସୃଷ୍ଟି କଲେ, ତାହା କଦାପି ଗ୍ରହଣୀୟ ନୁହେଁ। ରାଜ୍ୟସଭା ସଚିବାଳୟର ଏହି ପଦକ୍ଷେପ ପରେ ଏବେ କଟକ ଜିଲ୍ଲାପାଳଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସମ୍ଭାବନା ଚର୍ଚ୍ଚା ଜୋର୍ ଧରିଛି।

ସୂଚନାନୁଯାୟୀ, ଗତ ନେତାଜୀ ଜୟନ୍ତୀ ଅବସରରେ କଟକରେ ଆୟୋଜିତ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସମୟରେ କଟକ ଜିଲ୍ଲା ପ୍ରଶାସନ ସ୍ଥାନୀୟ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ନିମନ୍ତ୍ରଣ କରିନଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ନେଇ ଗତ ଫେବ୍ରୁଆରି ୫ ତାରିଖରେ ସାଂସଦ ଶ୍ରୀ ସାମନ୍ତରାୟ ଏବଂ ଅନ୍ୟ ୬ଜଣ ସାଂସଦ ମୁଜିବୁଲ୍ଲା ଖାନ୍, ସୁଲତା ଦେଓ, ସସ୍ମିତ ପାତ୍ର, ଶୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ମାନସ ରଞ୍ଜନ ମଙ୍ଗରାଜ ମିଳିତ ଭାବେ ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟରେ ନୋଟିସ୍ ଦାଖଲ କରିଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ରାଜ୍ୟସଭା ସଚିବାଳୟ ଏବେ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି। ରାଜ୍ୟସଭା ସଚିବାଳୟର ନିର୍ଦ୍ଦେଶକ ସାକେତ କୁମାର ଏକ ସ୍ୱତନ୍ତ୍ର 'ଅଫିସ୍ ମେମୋରାଣ୍ଡମ' ଜରିଆରେ କେନ୍ଦ୍ର କର୍ମଚାରୀ ଓ ପ୍ରଶିକ୍ଷଣ ବିଭାଗର ସଚିବ ରଚନା ଶାହଙ୍କୁ ଏହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଗୃହର ଚେୟାରମ୍ୟାନ୍ ସାଂସଦଙ୍କୁ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦେଇଥିବା ବେଳେ ଜଣେ ଜିଲ୍ଲା ମୁଖ୍ୟ ପ୍ରଶାସନିକ ଅଧିକାରୀ ଭାବରେ ନିୟମର ଉଲ୍ଲଂଘନ କିପରି ହେଲା, ସେନେଇ ସ୍ପଷ୍ଟୀକରଣ ଦାବି କରାଯାଇଛି।

**ବାର୍ ଆସୋସିଏସନ କଲ୍ୟାଣ ପାଣ୍ଠି ହେରଫେର୍ ଘଟଣା**

# ମହିଳା ଆକାଉଣ୍ଟାଣ୍ଟ ଗିରଫ

କଟକ,୧୪।୨(ସମିସ): କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ, କଟକ ବାର ଆସୋସିଏସନ, ଏମ.ଭି. ଲୟର ଆସୋସିଏସନ୍ ଓ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏସନ୍ ସଦସ୍ୟଙ୍କ କଲ୍ୟାଣ ପାଣ୍ଠିରୁ ବଡ଼ଧରଣର ଆର୍ଥିକ ହେରଫେର୍ ହୋଇଥିବା ଅଭିଯୋଗ ହୋଇଥିଲା। ଆସୋସିଏସନ୍‌ର ମହିଳା ଆକାଉଣ୍ଟାଣ୍ଟ ଜାଲିଆତି କରି ପ୍ରାୟ ୩୧ରୁ ୪୦ଲକ୍ଷ ଟଙ୍କା ହରିଲୁଟ୍ କରିଥିବା ନେଇ ଲାଲବାଗ ଥାନାରେ ଏକ ଏତଲା ଦାୟର ହୋଇଥିଲା। ଏହି ଘଟଣାରେ ବାଦାମବାଡ଼ି ଥାନା ଅନ୍ତର୍ଗତ ମହତାବ୍ ରୋଡ୍‌ସ୍ଥିତ ବିମଳ ତ୍ରିପାଠୀ ଲେନ୍ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ତଥା ମହିଳା ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ବେହେରା(୨୭)ଙ୍କୁ ଗିରଫ କରାଯାଇଛି। ତାଙ୍କର ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଯୋଜନାବଦ୍ଧ ଭାବେ ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ର ନଷ୍ଟ କରିବା ସହ ବ୍ୟାଙ୍କ ପାସ୍‌ବୁକ୍ ଏବଂ ଡିପୋଜିଟ୍ ସ୍ଲିପ୍‌ରେ ତଥ୍ୟ ବଦଳାଇ ବିପୁଳ ଅର୍ଥ ହରିଲୁଟ୍ କରିଥିବା ଅଭିଯୋଗ ହୋଇଥିଲା। କ୍ରିମିନାଲ କୋର୍ଟ ବାର ଆସୋସିଏସନର ସମ୍ପାଦକ ପୁନୀଲ କୁମାର ସ୍ୱାଇଁଙ୍କ ତରଫରୁ ଏହି ଏତଲା ପ୍ରଦାନ କରାଯାଇଥିଲା।

ପ୍ରକାଶ ଥାଉକି, ୨୦୧୬ ମସିହାରେ କଟକର ୪ଟି ପ୍ରମୁଖ ବାର୍ ଆସୋସିଏସନ୍ ଯଥା କଟକ ବାର୍, କ୍ରିମିନାଲ କୋର୍ଟ ବାର୍, ଏମ୍. ଭି ଲୟର୍ସ ଆସୋସିଏସନ୍ ଏବଂ ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ମିଳିତ ଭାବେ ସେମାନଙ୍କ ସଦସ୍ୟଙ୍କ ପାଇଁ କଲ୍ୟାଣ ପାଣ୍ଠି ଯୋଜନା ଆରମ୍ଭ କରିଥିଲେ। ଅସୁସ୍ଥ ଆଇନଜୀବୀଙ୍କୁ ଚିକିତ୍ସା ସହାୟତା ଏବଂ ସଦସ୍ୟଙ୍କ ମୃତ୍ୟୁ ପରେ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା। ସଦସ୍ୟତା ଶୁଳ୍କ ଏବଂ ଓକାଲତିନାମାରେ ବ୍ୟବହୃତ 'ଲୋଗୋ'ରୁ ସଂଗୃହୀତ ଅର୍ଥ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଥିଲା। ଏହି ପାଣ୍ଠିରେ ଆର୍ଥିକ ଅନିୟମିତତା ସନ୍ଦେହ କରି ଗତ ୨୦୨୫ ଅଗଷ୍ଟ ୮ରେ ଏକ ଯୁଗ୍ମ ତଦନ୍ତ କମିଟି ଗଠନ କରାଯାଇଥିଲା। କମିଟିର ରିପୋର୍ଟ ଅନୁସାରେ, ଅଗଷ୍ଟ ୨୦୨୧ରୁ ଜୁଲାଇ ୨୦୨୫ ମଧ୍ୟରେ ପ୍ରାୟ ୩୧ଲକ୍ଷ ଟଙ୍କାରୁ ୪୦ଲକ୍ଷ ୭୩ହଜାର ଟଙ୍କା ମଧ୍ୟରେ ହେରଫେର୍ କରାଯାଇଛି ବୋଲି ଜଣାପଡ଼ିଥିଲା। କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟିର ନିଷ୍ପତ୍ତିକ୍ରମେ ସମ୍ପାଦକ ପୁନିଲ୍ ଲାଲବାଗ ଥାନା ଆଇଆଇସିଙ୍କୁ ଏକ ଏତଲା ଦେଇଥିଲେ। ଏହା ପରଠାରୁ ଆକାଉଣ୍ଟାଣ୍ଟ ସ୍ୱର୍ଣ୍ଣପ୍ରଭା ଫେରାର୍ ହୋଇଯାଇଥିଲେ। ଆଜି ସେ ନିଜ ଘରକୁ ଆସିଥିବା ଖବର ପାଇ ପୁଲିସ ଚଢ଼ଉ କରି ତାଙ୍କୁ ଗିରଫ କରିଛି।

# ୧୯ରୁ ଚାଲିବ ହାଓଡ଼ା-ଜୁନାଗଡ଼ ଇସ୍ପାତ ଏକ୍ସପ୍ରେସ୍

**ଭବାନୀପାଟଣା, ୧୪।୨(ସମିସ)**

୧୯ ରୁ ଚାଲିବ ହାୱାଡା-ଜୁନାଗଡ଼ ଇସ୍ପାତ ଏକ୍ସପ୍ରେସ୍। ଏନେଇ ଇଷ୍ଟକୋଷ୍ଟ ରେଲୱେ, ଭୁବନେଶ୍ୱର ପକ୍ଷରୁ ସମ୍ବଲପୁର ଡିଭିଜନର ସିନିୟର ଡିସିଏମଙ୍କୁ ଚିଠି ଯୋଗେ ଜଣାଇ ଦିଆଯାଇଛି। ଏହି ଇସ୍ପାତ ଟ୍ରେନ୍‌କୁ ଆସନ୍ତା ୧୯ରେ ଜୁନାଗଡ଼ ରେଲଷ୍ଟେସନରେ ଅପରାହ୍ନ ୩ଟା ରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଉଦ୍‌ଘାଟନ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଇସ୍ପାତ ଟ୍ରେନ୍ ଟିଟିଲାଗଡ଼ରୁ ତିନି ଦିନ ଜୁନାଗଡ଼କୁ ସମ୍ପ୍ରସାରଣ କରାଯିବ। ଏହି ଟ୍ରେନ୍ ଟିଟିଲାଗଡ଼ ରୁବାହାରି କେସିଙ୍ଗା, କାଣ୍ଡେଲ, ରୁପ୍ରା, ନର୍ଲା, ଲାଞ୍ଜିଗଡ଼, ଦେଇ ଭବାନୀପାଟଣା ଦେଇ ଜୁନାଗଡ଼ରେ ପହଞ୍ଚିବ। ଇସ୍ପାତ ଏକ୍ସପ୍ରେସ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ସ୍ୱାଗତ କରିଛି କଳାହାଣ୍ଡି ରେଳ ଯାତ୍ରୀ ସଂଘ। ଗତ ୨୦୧୪ ମସିହାରୁ ସଂଗଠନ ଏହି ସମ୍ପ୍ରସାରଣ ପାଇଁ ରେଳ ମନ୍ତ୍ରଣାଳୟ ନିକଟରେ କ୍ରମାଗତ ଭାବେ ଦାବି କରାଯାଇ ଆସୁଥିଲା। ରେଳ ଭବନଠାରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରାଯାଇଥିଲା। ଦୀର୍ଘଦିନର ଦାବିକୁ ବିଚାରକୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିଥିବାରୁ ସଂଘ ତରଫରୁ ରେଳ ବିଭାଗ ନିକଟରେ କୃତଜ୍ଞତା ଜ୍ଞାପନ କରାଯାଇଛି।



ଏହି ସମ୍ପ୍ରସାରଣ ଦ୍ୱାରା ଦେଶର ପୂର୍ବାଞ୍ଚଳ ବିଶେଷ କରି କଳାହାଣ୍ଡି, ନୂଆପଡ଼ା ଭଳି କେବିକେ ଜିଲ୍ଲା ତଥା କଳାହାଣ୍ଡି ଓ କୋଲକାତା ସହିତ ସିଧା ସଳଖ ରେଳ ଯୋଗାଯୋଗ ହେବ। ଏହାଦ୍ୱାରା ବିଭିନ୍ନ ବ୍ୟବସାୟ, ବାଣିଜ୍ୟ ଓ ଯାତାୟତ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ଅଞ୍ଚଳର ଅର୍ଥନୈତିକ ବିକାଶ ହେବ ଏବଂ ହଜାର ହଜାର ଯାତ୍ରୀଙ୍କ ପାଇଁ ଯାତ୍ରା ସୁଗମ ହେବ ବୋଲି କଳାହାଣ୍ଡି ରେଳ ଯାତ୍ରୀ ସଂଘର ସଭାପତି ଡ. ଭବାନୀଶଙ୍କର ନିଆଲ ପ୍ରକାଶ କରିଛନ୍ତି। ଏନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇବା ସହିତ ପୂର୍ବାଞ୍ଚଳ ରେଳ ସଂଯୋଗରେ ଇସ୍ପାତ ଏକ୍ସପ୍ରେସ ସମ୍ପ୍ରସାରଣ ଏକ ମାଇଲଖୁଣ୍ଟ ସାଜିବ ବୋଲି ସଂଘର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲଙ୍କ ସହିତ ସଂଘର କର୍ମକର୍ତ୍ତା ନିରୋଜ ପଟ୍ଟନାୟକ, ପରମାନନ୍ଦ ମାଝୀ, ଦେବୀପ୍ରସାଦ ସିନ୍ଧୁର, ପ୍ରଦୀପ କୁମାର ଦାସ, ବଣ୍ଟି ଅଗ୍ରୱାଲ, ହିମାଂଶୁ ଶେଖର ବରାଡ଼, ହୃଷିକେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ସୁଶୀଲ କୁମାର ବାଗ, ପ୍ରମୋଦ ଜୈନ ପ୍ରମୁଖ ପ୍ରକାଶ କରିଛନ୍ତି।

**କଳାହାଣ୍ଡି ରେଳଯାତ୍ରୀ ସଂଘର ସ୍ୱାଗତ**

**କୋଲକତା -କଳାହାଣ୍ଡି ସିଧାସଳଖ ଯୋଗାଯୋଗ**

# ଝାମୁଯାତ୍ରା ପାଇଁ ଚଣ୍ଡୀଙ୍କ ଉଲଗନ ଦିଆ ସମ୍ପନ୍ନ

**କର୍ଲାମୁଣ୍ଡା, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ମାଁ ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ପୀଠରେ ଚୈତ୍ର ମାସରେ ହେବାକୁ ଥିବା ମାଁ ତାରିଣୀ ଅଷ୍ଟଚଣ୍ଡୀଙ୍କ ଝାମୁଯାତ୍ରା ଉପଲକ୍ଷେ ମାଁ ଅଷ୍ଟଚଣ୍ଡୀଙ୍କ ଉଲଗନ ଦିଆ ତଥା ଭୂମିପୂଜା, ବାନା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘଣ୍ଟ ଶଙ୍ଖ ନିଶାନ, ବାଜା ସହ ଗ୍ରାମର ମାଁ ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ପୀଠ ରୁ ରିଷିଡା ନୀଳକଣ୍ଠେଶ୍ୱର ଶିବମନ୍ଦିର ପର୍ଯ୍ୟନ୍ତ ନଗର ପରିକ୍ରମା ସହିତ ଅଷ୍ଟଚଣ୍ଡୀଙ୍କ ଉଲଗନ ଦିଆ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେବାୟତ ରଞ୍ଜନ ରଣା, ମହେନ୍ଦ୍ର ପ୍ରଧାନୀ, ହୃଦାନନ୍ଦ ମଲ୍ଲିକ, ମଣ୍ଟୁ ରଣା, ମାକଣ ପ୍ରଧାନୀ, ସୁର୍ଯ୍ୟମଣି ରଣା, ବୃହସ୍ପତି ରଣା, ଶେଷଦେବ ରଣା, କମିଟି ସଭାପତି କୈଳାସ କୁମୁରା, ଲମ୍ବୋଦର ରଣା, ମାଧବ ମାଝୀ, ରାଧେଶ୍ୟାମ ପଟ୍ଟନାୟକ, ଶିବମନ୍ଦିର ପରିଚାଳନା କମିଟି ସଭାପତି କରୁଣାକର ରଣା, ସମ୍ପାଦକ ଦୁଷ୍ମନ୍ତ ଲେଙ୍କା, କମ୍ବୁପାଣି ସାହୁ, ସୋନୁ ରଣା ପ୍ରମୁଖ ଯୋଗ ଦେଇଥିଲେ।



ଆସନ୍ତା ଚୈତ୍ର ମାସରେ ୭ ଦିନ ବ୍ୟାପୀ ମାଁ ଅଷ୍ଟଚଣ୍ଡୀ ତାରିଣୀଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ କରାଯାଇଛି

# କିଡିଙ୍ଗ ବାବା ଜଳେଶ୍ୱରଙ୍କ ଶିବରାତ୍ରି ପାଇଁ କଳସ ଯାତ୍ରା

**ଲାଞ୍ଜିଗଡ଼, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ୍ ପଞ୍ଚାୟତ ସ୍ଥିତ କିଡିଙ୍ଗ ଗାଁର ପ୍ରସିଦ୍ଧ ବାବା ଜଳେଶ୍ୱରଙ୍କ ଶିବରାତ୍ରି ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାବା ଜଳେଶ୍ୱରଙ୍କ ପୀଠରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ପୋଖରୀରେ ପହଞ୍ଚି ଦେବମନ୍ତ୍ର ପାଠ ସହିତ ବହୁ ସଂଖ୍ୟକ ଶିବଭକ୍ତ ପାରମ୍ପରିକ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ ସହ ପୁଣି ବାବା ଜଳେଶ୍ୱର ମନ୍ଦିର ପରିସରରେ ପହଞ୍ଚି ଥିଲେ। ଏଥିରେ ହରି ଶବର କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ମୁଖ୍ୟପୂଜକ ବିଶ୍ୱନାଥ ଶବର ପୂଜାର୍ଚ୍ଚନା କରିଥିଲେ। ଏଥିରେ ସେବାୟତ କୈଳାସ ଶବର, ଅନ୍ତ ଶବର, ସ୍ନେହଲତା ବଗର୍ତ୍ତୀ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଏଥିରେ ପରିଚାଳନା କମିଟି ସଭାପତି ଗୋପାଳ ଦାସ ମହାନନ୍ଦ, ସମ୍ପାଦକ ନିଲେଶ କୁମାର ନାଗ, ଉପସଭାପତି ଦଶରଥ ଶବର, ସହ ସମ୍ପାଦକ ଗୁଣନିଧି ଛତ୍ରିଆ, କୋଷାଧ୍ୟକ୍ଷ ଜିତାମିତ୍ର ଶବର ଓ ସମସ୍ତ ଉପଦେଷ୍ଟା ମଣ୍ଡଳୀଙ୍କ ନେତୃତ୍ୱରେ ପରିଚାଳନା କମିଟି ସମସ୍ତ ସଦସ୍ୟ, ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ସହଯୋଗ କରୁଛନ୍ତି। ତେବେ ରବିବାର ବାବା ଜଳେଶ୍ୱରଙ୍କ ମହା ଶିବରାତ୍ରି ପାଳନ କରାଯିବ ମଧ ରାତ୍ରିରେ ମହାଦୀପ ଉଠିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ଶିବ ମନ୍ଦିରରେ ଶିବରାତ୍ରି ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।



# ସନାତନ ଧର୍ମ ସମନ୍ୱୟ ବିଶ୍ୱଶାନ୍ତି ମହାଯଜ୍ଞ



**କର୍ଲାମୁଣ୍ଡା, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଖଲିଆପାଲିସ୍ଥିତ ସ୍ୱପ୍ନେଶ୍ୱର ଶିବମନ୍ଦିରଠାରେ ବୈଦିକ ସନାତନ ଧର୍ମ ସମନ୍ୱୟ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି। ଏଥିରେ ଜୋରାଡ଼ବରା ମଣ୍ଡଳ ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ଚିତ୍ରସେନ ଦାସଙ୍କ ଆବାହକତ୍ୱରେ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ଖଲିଆପାଲି ଓ ରେଗଡ଼ା ତଥା କର୍ଲାମୁଣ୍ଡା ବ୍ଲକ, ନର୍ଲା ବ୍ଲକ, କେସିଙ୍ଗା ବ୍ଲକ, ମ.ରମପୁର ବ୍ଲକ ଅଞ୍ଚଳବାସୀଙ୍କ ସହଯୋଗରେ ଅନୁଷ୍ଠିତ ମହାଯଜ୍ଞରେ ରେ ବୈଦିକ ମହାଯଜ୍ଞ, ଗାୟିତ୍ରୀ ଯଜ୍ଞ, ଚଣ୍ଡୀପାଠ, ଅଲେଖ ଯଜ୍ଞ, ହନୁମାନ ମହାଯଜ୍ଞ, ଏକଲକ୍ଷ ମହାମନ୍ତ୍ର ଜପ, ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ, ଦୀପଯଜ୍ଞ, ଅନ୍ନଯଜ୍ଞ ଓ ଅଷ୍ଟପ୍ରହାର ନାମଯଜ୍ଞ ଭଳି କାର୍ଯ୍ୟକ୍ରମ ଗୁଡ଼ିକରେ ୩୦ ଜଣ କର୍ତ୍ତା ରହିଥିବା ବେଳେ ପଞ୍ଚକୁଣ୍ଡୀୟ ମହାଯଜ୍ଞର ମୁଖ୍ୟପୂଜକ ଭାବେ ସୁମନ୍ତ ଷଡ଼ଙ୍ଗୀ ରହିଛନ୍ତି। ସେହିପରି ଅନ୍ୟାନ୍ୟ ଯଜ୍ଞକୁଣ୍ଡରେ ଜୋରାଡ଼ବରା ଆଞ୍ଚଳିକ ବ୍ରାହ୍ମଣ ସମାଜ କର୍ମକର୍ତ୍ତାମାନେ ପୂଜକ ଭାବେ ରହିଛନ୍ତି। ଭଗବତ ପାରାୟଣ ଜ୍ଞାନଯଜ୍ଞରେ ବ୍ୟାସ ଭାବେ ଇପ୍ସିତ ମିଶ୍ର ଓ ପ୍ରବଚକ ଭାବେ ପଣ୍ଡିତ ଅଜିତ କୁମାର ଦାସ ରହିଛନ୍ତି। ଆବାହକ ଚିତ୍ରସେନ ଦାସ ସୂଚନା ଦେଇଛନ୍ତି।

# ମହାଶିବରାତ୍ରି ପାଇଁ ଶୈବପୀଠ ଚଳଚଞ୍ଚଳ

**କଲମପୁର, ୧୪।୨(ସମିସ):** ମହାଶିବରାତ୍ରି ଜାଗର ଉତ୍ସବ ପାଳନ ପାଇଁ କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳର ସମସ୍ତ ଶୈବପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ଏ ପରିପ୍ରେକ୍ଷୀରେ ଦେବାଳୟ ପରିଚାଳନା କମିଟି ଗୁଡ଼ିକ ବ୍ୟାପକ ବ୍ୟବସ୍ଥା କରିଛନ୍ତି, ଅଞ୍ଚଳର କଲମପୁର ଶୈବପୀଠ, ବିରିପୁର, ପୋଟେସ, ପାତ୍ରବସା, ହାରାମାଳ, ବଡକୁଟ୍ଟ, ମାଠିଆ ଡଙ୍ଗରି, କର୍ମେଲ ଡଙ୍ଗରିଗୁଡ଼ା, ଦେପୁର ଆଦି ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କ ବିପୁଳ ଜନ ସମାଗମ ହେବାର ସମ୍ଭାବନା ରହିଛି। ଏହି ଉପଲକ୍ଷେ ପୋଟେସ ଓ ବଡକୁଟ୍ଟ ଶିବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ନିମନ୍ତେ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# କଂଗ୍ରେସ ପକ୍ଷରୁ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**କର୍ଲାମୁଣ୍ଡା, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ପଞ୍ଚାୟତ ବିଜାପାଟିଠାରେ କଂଗ୍ରେସର ନବ ନିଯୁକ୍ତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ସଭାପତି ଜଳନ୍ଧର ନାଏକ, ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ମ.ରାମପୁର ବ୍ଲକ ସଭାପତି ରୁଦ୍ର ପ୍ରତାପ ସିଂହ, କଂଗ୍ରେସ ନାରୀନେତ୍ରୀ ମାଣିକ୍ୟ ସୁନା, ମାହେନ୍ଦ୍ରି ସାହୁ, ରାଜକୁମାରୀ ସରାଫଙ୍କ ସମେତ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ନିଯୁକ୍ତ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ସୁରେଶ ଚୌଧୁରୀ, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ରାଜକିଶୋର ମିଶ୍ର (ରାଜୁ), ଜିଲ୍ଲା ସମ୍ପାଦକ ଅରବିନ୍ଦ ଚୌଧୁରୀ (କାଳିଆ)ଙ୍କୁ କର୍ଲାମୁଣ୍ଡା କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# କେସିଙ୍ଗା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**କେସିଙ୍ଗା, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ୧୯୮୧ ମସିହାରେ ଆରମ୍ଭ ହୋଇଥିବା କେସିଙ୍ଗା ମହାବିଦ୍ୟାଳୟ ଶନିବାର ତାର ୪୫ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ସନ୍ତୋଷଜନକ ବୋଲି କହିଥିବା ବେଳେ ପରୀକ୍ଷାଫଳ ଏବଂ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବରେ କେସିଙ୍ଗା ନଗରପାଳ ନୃପ ରାଜ ଯାଦବ ଯୋଗଦାନ କରି ଥିବା ବେଳେ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଦୀପ କୁମାର ରଥ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରାକେଶ କୁମାର ବିଶି ମଞ୍ଚ ପରିଚାଳନା କରିଥିବାବେଳେ ଧନ୍ୟବାଦ୍ ଅର୍ପଣ କରିଥିଲେ ଅଶ୍ୱନୀ କୁମାର ପଟ୍ଟନାୟକ।




# ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ

**କଲମପୁର, ୧୪।୨(ସମିସ):** ବିଶ୍ୱ ବିଦ୍ୟାଳୟର କଲମପୁର ଉପସେବାକେନ୍ଦ୍ର ଠାରେ ମହାଶିବରାତ୍ରି ଜୟନ୍ତୀ ପାଳିତ ହୋଇଯାଇଛି। ସେବାକେନ୍ଦ୍ର ସଞ୍ଚାଳିକା ବିକେ ରୋଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବ୍ରହ୍ମାକୁମାରୀଜ୍ ଭଳି ସଂସ୍ଥା ସମଗ୍ର ବିଶ୍ୱସ୍ତରରେ ଈଶ୍ୱରୀୟ ଶାନ୍ତିର ସନ୍ଦେଶ ଦେଇ ଲୋକଙ୍କ ଭିତରେ ଏକ ସକାରାତ୍ମକ ବିଚାର ଧାରା ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ସୁରେନ୍ଦ୍ର କୁମାର ନାଏକ, ପରମାନନ୍ଦ ଠାକୁର, ଯୋଗ ଶିକ୍ଷକ ଚନ୍ଦ୍ରଶେଖର ସାହୁ, ପୁଲିସ ଇନ୍ସପେକ୍ଟର ଶିବ ଶଙ୍କର ମହାନ୍ତି ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଶୁଭେନ୍ଦୁ କୁମାର ପଣ୍ଡା ଯୋଗଦେଇ ଏଇ ସଂସ୍ଥା ମାନବ ଜୀବନରେ ଶ୍ରେଷ୍ଠ ଚରିତ୍ର ନିର୍ମାଣ ତଥା ସମସ୍ତଙ୍କ ଭିତରେ ଏକ ଶୁଭକାମନାର ଚିନ୍ତନ କରିବାର ଶିକ୍ଷା ପ୍ରଦାନ କରିଚାଲିଛି। ଏନେଇ ଜନ ମାନସରେ ଏକ ସକାରାରକ ବିଚାର ସୃଷ୍ଟି ହେଉଛି ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଭ୍ରାତା ପ୍ରେମାଲାଲ ଶର୍ମା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଦାସିଗାଁ ସରପଞ୍ଚ ପ୍ରମୋଦିନୀ ପ୍ରହରାଜ ଏବଂ ଭଉଣୀ ମନିଷା ତିଲକ ଚନ୍ଦନ ଏବଂ ପୁଷ୍ପଗୁଚ୍ଛ ଦ୍ୱାରା ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ। ବିକେ ଶଙ୍କର୍ଷଣ ଭାଇ ସଂଯୋଜନା କରିଥିବା ବେଳେ ରୋଜି ଭଉଣୀ ଅତିଥିମାନଙ୍କୁ ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ। ସୁଧୀର ଭାଇଜୀ ଆଶୀର୍ବଚନ ସହ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।

# ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ




**କୋକସରା, ୧୪।୨(ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ସୁରକ୍ଷା ଶିବିର ଉଦ୍‌ଘାଟିତ ହୋଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ସୁବ୍ରତ କୁମାର ବେହେରା, ଜଗନ ଚନ୍ଦାନି, ଅଧ୍ୟାପିକା କନକ ମଞ୍ଜୁରୀ ବେହେରା, ଶୁଭଶ୍ରୀ ସାହୁ, ବେଦମତି ବାରିକ ଓ ପ୍ରଶିକ୍ଷିକା ପ୍ରିୟଦର୍ଶନୀ ବେହେରା ଉପସ୍ଥିତ ରହିଥିଲେ। ଏହି କ୍ରମରେ ଆଜିର କର୍ମମୟ ଜୀବନରେ ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ଆତ୍ମରକ୍ଷା ସୁରକ୍ଷା ପାଇଁ ସବୁବେଳେ ସୁରକ୍ଷା ବଳୟ ମଧ୍ୟରେ ରହିବା ଓ ନିଜର ସୁରକ୍ଷା ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଜରୁରୀ ବୋଲି କହିଥିଲେ। ଏହି ଶିବିର ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଶିକ୍ଷଣ ଶିବିରରେ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନେ ଉପସ୍ଥିତ ଥିଲେ।

# କୁଣ୍ଡାବନ୍ଧ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କେସିଙ୍ଗା, ୧୪।୨ (ସମିସ):** ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, କୁଣ୍ଡାବନ୍ଧ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଅତିଥିମାନେ ଯୋଗଦେଇ ବିଦ୍ୟାଳୟର ସଫଳତା ଓ ପ୍ରତିଭାକୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବରେ ରାଧାକାନ୍ତ ଛତ୍ରୀ ଜିଲ୍ଲା ଶିକ୍ଷାଧିକାରୀ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ହେମସାଗର ମହାନନ୍ଦ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଥିଲେ। ସମ୍ମାନିତ ଅତିଥି ଭାବରେ ଆନନ୍ଦ କୁମାର ବେହେରା, ସମୀର କୁମାର ବେହେରା, କେଶବଚନ୍ଦ୍ର ବିଶ୍ୱାଳ ସନ୍ତୋଷ କୁମାର କର, ଡୋଳାମଣି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ରଥ ଉପସ୍ଥିତ ଥିଲେ।




# ଶୁକଲିମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ନୂଆପଡ଼ା/କୋମନା, ୧୪।୨(ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶୁକୁଳିମୁଣ୍ଡିରେ ଦୁଇ ଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଇଓ ଇନ୍ଦ୍ରମଣୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଗାଁର ଗହଁଟିଆ ବାସୁଦେବ ଶବର ଏବଂ ଝାଙ୍କର ଅମେତ ବରିହା ଯୋଗ ଦେଇ ମଶାଲ ସ୍ଥାପନ କରିଥିଲେ। ପରେ ବରିଷ୍ଠ ସମାଜସେବୀ ଶଙ୍କର ଅଗ୍ରୱାଲ କ୍ରୀଡ଼ା ଶୁଭାରମ୍ଭ କରିଥିଲେ। ମଞ୍ଚରେ ସିଆରସିସି ଦିଲୀପ କୁମାର ଶବର, ଆରଆଇ ଅଜିତ କୁମାର ନାୟକ, ସରପଞ୍ଚ ସନ୍ତୋଷିନୀ ସୁନା ଓ କଂଗ୍ରେସର କିଷାନ ସେଲ ଅଧ୍ୟକ୍ଷ ଇଶାକ ମହମ୍ମଦ ଉପସ୍ଥିତ ଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶୋଭାକର ପ୍ରଧାନ ଓ ସହ ଶିକ୍ଷୟିତ୍ରୀ ପ୍ରମିଳା ଶବରଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଜିଲ୍ଲା ପରିଷଦ ସଭ୍ୟ ଅବନୀରଞ୍ଜନ ଯୋଷୀ, କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀତା ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋମନା ଭକ୍ତବନ୍ଧୁ ବୁଢ଼େକ, ବିଭୁତିଭୂଷଣ ସାମଲଙ୍କ ସମେତ ସାମ୍ବାଦିକ ସଂଘ 'ଜାନ୍'ର ସଭାପତି ଘନଶ୍ୟାମ ଭୋଇ, ସମ୍ପାଦକ ରତନ କେତକୀ, ସଂଯୋଜକ ଅଶ୍ୱିନୀ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

**ଅଧପନ୍ତରିଆ ପଡ଼ିଛି ଓଭରହେଡ୍ ଟାଙ୍କି**

# ୪ ବର୍ଷହେଲା ଅନେଇଛନ୍ତି ଲୋକେ

**ମ.ରାମପୁର, ୧୪।୨(ସମିସ)**

ସରକାର ପ୍ରତ୍ୟକ ଘରକୁ ପାନୀୟଜଳ ଯୋଗାଣ ପାଇଁ ବିଭିନ୍ନ ଯୋଜନାରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗାଁମାନଙ୍କରେ ଓଭରହେଡ଼ ପାଣି ଟାଙ୍କି ନିର୍ମାଣ କରୁଛନ୍ତି। ହେଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ନିର୍ମାଣ କାମ ଠିକ ସମୟରେ ସମ୍ପୂର୍ଣ୍ଣ ନ ହୋଇ ଅଧପନ୍ତରିଆ ହୋଇ ପଡ଼ିରହିଛି। ଯାହା ଫଳରେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛନ୍ତି। କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ଡମ୍ବ କରଲାଖୁଣ୍ଟା ପଞ୍ଚାୟତର ଫଟାମୁଣ୍ଡା ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ଏକ ଓଭରହେଡ ପାଣି ଟାଙ୍କି ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ଆଜିକୁ ୪ ବର୍ଷ ବିତିଯାଇଥିଲେ ହେଁ ନିର୍ମାଣ କାମ ସାରିବାର ନାଁ ଧରୁନି। ହେଲେ ଫଟାମୁଣ୍ଡା ଗ୍ରାମବାସୀ ଏବେ ବସୁଧା ପ୍ରକଳ୍ପ ପାଣିର ଅପେକ୍ଷାରେ ଅଛନ୍ତି। ସରକାରଙ୍କ ଜନକଲ୍ୟାଣ ଯୋଜନା ବସୁଧା ଯୋଜନା ଲୋକଙ୍କ କାମରେ କେବେ ଆସିବ ଚିନ୍ତାରେ ଅଞ୍ଚଳବାସୀ। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକାରୀ ଓ ଜିଲ୍ଲା ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଠିକାଦାର ନିର୍ମାଣ କାମ ଅଧପନ୍ତରିଆ କରି ଛାଡି ଦେଇଥିବା ଅଭିଯୋଗ ହେଉଛି। ଫଟାମୁଣ୍ଡା, ଡମ୍ବ କର୍ଲାଖୁଣ୍ଟା, ପାଜିବାହାଲି ଗାଁକୁ ଜଳ ଯୋଗାଣ ହେବାକୁ ଥିବାବେଳେ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ପାରୁନହିଁ। ତେଣୁ



ପାନୀୟଜଳ ଯୋଗାଣକୁ ନେଇ ଚିନ୍ତାରେ ଅଞ୍ଚଳବାସୀ। ତା ସହିତ ଯାହା ବି ନିର୍ମାଣ କାମ ହୋଇଛି ତାହା ମଧ ନିମ୍ନମାନର ହୋଇଥିବାରୁ ସିମେଣ୍ଟ ଖଣ୍ଡ ଖସୁଥିବା ଦେଖିବାକୁ ମିଳୁଛି। ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ବିନୋଦ ସିଂହଙ୍କ ଅନୁପସ୍ଥିତିରେ ନିର୍ମାଣ କାମ ଚାଲୁଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଦେଖିବାକୁ ମିଳୁଛି। ଠିକାଦାର ମନମୁତାବକ ନିମ୍ନମାନର କାମ କରିବା ସହ ଅଧପନ୍ତରିଆ କରି ଆଉ ଦେଖା ଦେଉନଥିବା ଅଭିଯୋଗ ହେଉଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ପାନୀୟଜଳର ଆବଶ୍ୟକତା ଥିବା ବେଳେ ଅଧପନ୍ତରିଆ ନିର୍ମାଣ କାମ ଅଞ୍ଚଳବାସୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରାଜେଶ କୁମାର ଗଡ଼ନାୟକଙ୍କୁ ପଚାରିବାରୁ ଏହାର ଅନୁଧ୍ୟାନ କରି ସମାଧାନ କରିବାକୁ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।


## ଆଜି ମହାଶିବରାତ୍ରି; ଶିବାଳୟରେ ପ୍ରସ୍ତୁତି ଶେଷ

# ଜାଗର ମେଳା ପାଇଁ ୧ ହଜାରରୁ ଉର୍ଦ୍ଧ୍ୱ ଦୋକାନକୁ ଅନୁମତି





ମୁଖ୍ୟ ଆକର୍ଷଣ ସାଜିବ ଜଳପରି ସୋ'



ରାଉରକେଲା, ୧୪।୨(ସମିସ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସଠାରେ ଜାଗର ମେଳା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଶିବରାତ୍ରି ତଥା ଜାଗର ପାଳିତ ହେବାକୁ ଥିବା ବେଳେ ଉକ୍ତ ଦିନ ଠାରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ମେଳା ଅନୁଷ୍ଠିତ ହେବ। ଏହି କ୍ରମରେ ମେଳା ପଡ଼ିଆ ଚଳଚଞ୍ଚଳ ହୋଇ ଉଠିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀମାନେ ମେଳାରେ ବ୍ୟବସାୟ କରିବାକୁ ରାଉରକେଲାରେ ପହଞ୍ଚିଛନ୍ତି। ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ଠାରୁ ବ୍ୟବସାୟୀମାନେ ଫର୍ମ ସଂଗ୍ରହ କରିଥିବା ଜଣାପଡ଼ିଛି। ସେମାନଙ୍କୁ ମେଳା ପଡ଼ିଆରେ ଦୋକାନ ଲଗାଇବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଛି। ସମସ୍ତ ବ୍ୟବସାୟୀ ସେମାନଙ୍କ ଦୋକାନ ଲଗାଇବାର ବ୍ୟବସ୍ଥାରେ ଲାଗି ପଡ଼ିଛନ୍ତି। ୧ ହଜାରରୁ ଉର୍ଦ୍ଧ୍ୱ ଦୋକାନୀଙ୍କ ସ୍ଥାନ ଚିହ୍ନଟ କରାଯାଇ ସେମାନଙ୍କୁ ଦୋକାନ ଲଗାଇବା ପାଇ ଅନୁମତି ପ୍ରଦାନ କରାଯାଇ ସାରିଛି। ମେଳାରେ ଭିଡକୁ ଦୃଷ୍ଟିରେ ରଖି ପ୍ରତି ଦୋକାନ ଲାଇନରେ ୨୦ ଫୁଟ ରାସ୍ତା ଫାଙ୍କା ରଖାଯାଇଛି। ବିଭିନ୍ନ ଖାଦ୍ୟ ସାମଗ୍ରୀ, କପଡ଼ା, ଲୁହା ସାମଗ୍ରୀ, ଫାଷ୍ଟ ଫୁଡ୍, ଘର ସାଜସଜ୍ଜା ସାମଗ୍ରୀ, ହୋଟେଲ, ମିନା ବଜାର ସମେତ ଅନ୍ୟ ଦୋକାନ ପଡ଼ିବ ବୋଲି କୁହାଯାଇଛି। ଏଥିରେ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ସମେତ ପଶ୍ଚିମ ଓଡ଼ିଶାରୁ ବ୍ୟବସାୟୀମାନେ ଦୋକାନ ଲଗାଇବେ। ମେଳାରେ ଦୋକାନୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ମୁଖ୍ୟ ଆକର୍ଷଣ ଜଳପରି ରହିବ। ଏହା ସହ ଅନ୍ୟ ଟୁରାଟୁରା, ବ୍ରେକ ଡ୍ୟାନ୍ସ, ଅକ୍ଟୋପସ ଡ୍ରାଗନ, ଚାନ୍ଦତାରା ଭଳି ଦୋଳି ଶିଶୁ ଓ ପିଲାଙ୍କୁ ଆକର୍ଷିତ କରିବ। ଅନ୍ୟପଟେ ବାଲୁଙ୍କେଶ୍ୱର ଏବଂ ଚନ୍ଦ୍ରଶେଖର ମହାଦେବ ମନ୍ଦିର ସହ ଏଠାରେ ଥିବା ଅନ୍ୟ ଦେବୀଦେବାଳୟ ଗୁଡିକୁ ରଙ୍ଗ କରିବା ସହ ଆଲୋକ ବ୍ୟବସ୍ଥା କରାଯାଇଛି। ବ୍ରାହ୍ମଣୀ ନଦୀରେ ଭକ୍ତଙ୍କ ସୁରକ୍ଷା ପାଇଁ ସେଠାରେ ବ୍ୟାରିକେଡର ବ୍ୟବସ୍ଥା କରାଯିବା ସହ ମନ୍ଦିରକୁ ପ୍ରବେଶ ପାଇଁ ମଧ ବ୍ୟାରିକେଡ କରାଯିବାର ସମସ୍ତ ବ୍ୟବସ୍ଥା କରାଯାଇଛି। ମେଳାରେ ଟ୍ରାଫିକ ପରିଚାଳନା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆବଶ୍ୟକ ପୁଲିସ ଫୋର୍ସଙ୍କ ସହ ସିଭିଲ ଡିଫେନ୍ସର ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ମେଳାରେ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା କରାଯାଇଛି। ଏହାସହ ମେଳାରେ ଅସ୍ଥାୟୀ ଚିକିତ୍ସା ଶିବିର ସହ ମେଡିକାଲ ଷ୍ଟାଫ, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ସେହିପରି ସହରର ସମସ୍ତ ଶିବାଳୟରେ ମହାଶିବରାତ୍ରି ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କୌଣସି ଅସୁବିଧା ସୃଷ୍ଟି ନହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଅପରପକ୍ଷେ ହନୁମାନ ବାଟିକା, ସଙ୍କଟ ମୋଚନ ମନ୍ଦିର, ଏଫସିଆଇ ଲୋକନାଥ ଶିବ ମନ୍ଦିର, ତରକେରା ଧବଳେଶ୍ୱର ମନ୍ଦିର, ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିର, ବିଶ୍ରା ଡାହାର ମନୋକାମନା ସିଦ୍ଧି ହନୁମାନ ମନ୍ଦିର, ଶ୍ୟାମ ମନ୍ଦିର, ଶିବାଜୀ ମାର୍ଗ ଶିବ ମନ୍ଦିର, ପାୱାର ହାଉସ୍ ନ୍ୟାସନାଲ କ୍ଲବ୍ ନିକଟସ୍ଥ ଆଖଣ୍ଡଳମଣୀ ଶିବ ମନ୍ଦିର, ଉଦିତନଗର ଆଖଣ୍ଡଳମଣୀ ଶିବ ମନ୍ଦିର, ପାନପୋଷ ଜଗନ୍ନାଥ, କଳିଙ୍ଗ ବିହାର ପାହାଡ ଆଖଣ୍ଡଳମଣୀ ମନ୍ଦିର ସମେତ ଅନ୍ୟ ଶିବାଳୟରେ ମହାଶିବରାତ୍ରି ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜଣାପଡ଼ିଛି।

## ୨୦୦ ହୋମଗାର୍ଡଙ୍କ ସହ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ



**ରାଉରକେଲା, ୧୪।୨(ସମିସ):** ରାତି ପାହିଲେ ମହା ଶିବରାତ୍ରି ଥିବା ବେଳେ ଏଥିପାଇଁ ଶୈବ୍ୟ ପୀଠ ବେଦବ୍ୟାସରେ ମହା ଶିବରାତ୍ରି ଏବଂ ଜାଗର ମେଳା ପାଇଁ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହାଛଡା ୨୦୦ରୁ ଉର୍ଦ୍ଧ୍ୱ ହୋମ୍ ଗାର୍ଡ ଏବଂ ଟ୍ରାଫିକ ପୁଲିସ ମଧ୍ୟ ମୁତୟନ କରାଯାଇଛି। ଏଥିପାଇଁ ଆଜି ରାଉରକେଲା ପୁଲିସ ପକ୍ଷରୁ ବେଦବ୍ୟାସରେ ବ୍ରିଫିଂ କରାଯାଇଥିଲା। ବ୍ରାହ୍ମଣୀ ନଦୀ କୂଳରେ ଥିବା ଏହି ଶୈବ ପୀଠରେ ରବିବାର ଦେବଦେବ ମହାଦେବଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ନେଇ ଅନୁମାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମନ୍ଦିରର ପୁନରୁଦ୍ଧାର କାମ ଚାଲିଥିବାରୁ ଦର୍ଶନ ପାଇଁ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଚଳିତ ବର୍ଷ ମନ୍ଦିରର ସମ୍ମୁଖ ଦ୍ୱାର ଦେଇ ଶ୍ରଦ୍ଧାଳୁ ବାଲୁଙ୍କେଶ୍ୱର ମନ୍ଦିରରେ ଦର୍ଶନ କରିବେ। ଭୋର୍ ୩ ଟାରୁ ମନ୍ଦିର ଦ୍ୱାର ଖୋଲାଯିବ। ରାତି ୨ ଟା ବେଳେ ମହାଦୀପ ଉଠିବ। ଜିଲ୍ଲାପାଳ ଚନ୍ଦ୍ରଶେଖର ମନ୍ଦିରରେ ମହାଦୀପ ଉଠାଇବେ ଏବଂ ରାଉରକେଲା ଏସପି ବାଲୁଙ୍କେଶ୍ୱର ମନ୍ଦିରରେ ମହାଦୀପ ଉଠାଇବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ମହାଶିବରାତ୍ରି ଉପଲକ୍ଷେ ଏଠାରେ ୧୫ ଦିନ ପାଇଁ ମେଳା ଲାଗିଛି। ମେଳାର ସବୁଠାରୁ ବଡ ଆକର୍ଷଣ ଥାଏ ବିଭିନ୍ନ ପ୍ରକାରର ଦୋଳି ଖେଳ। ଚଳିତ ବର୍ଷ ପ୍ରାୟ ୧୦ ପ୍ରକାରର ଦୋଳି ଖେଳ ଉପଲବ୍ଧ ଅଛି। ଏବେ ଦୋଳି ସହ ବିଭିନ୍ନ ଆମୋଦ ପ୍ରମୋଦ ସାମଗ୍ରୀ ଲଗାଯାଇଛି। ଶାନ୍ତି ଶୃଙ୍ଖଳା ସହ ମହାଶିବରାତ୍ରି ପାଳନ ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

## 'ଜେଜେ ବାପା-ଜେଜେ ମା' ସମ୍ମିଳନୀ



**ରାଉରକେଲା, ୧୪।୨(ସମିସ):** ସ୍ଥାନୀୟ ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ 'ଜେଜେବାପା-ଜେଜେମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ମାନିତ ଜେଜେମା ରେବତୀବାଳା ଦାସ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜେଜେବାପା ଓ ଜେଜେମା ପରିବାରର ଶକ୍ତି ଓ ଅନୁଭବର ଭଣ୍ଡାର, ସେମାନଙ୍କ ମାର୍ଗଦର୍ଶନ ଶିଶୁମାନଙ୍କୁ ସଂସ୍କାରୀ କରିବାରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ଏଥିସହ ବର୍ତ୍ତମାନର ଆଧୁନିକ ଯୁଗରେ ଟେଲିଭିଜନର ଅପସଂସ୍କୃତି ଠାରୁ ଦୂରେଇ ରହି ଭଲ ଗୁଣଗୁଡ଼ିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଉପସଭାପତି ଚନ୍ଦନଲାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ବସନ୍ତ କୁମାର ତନ୍ତୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଲୋଚନା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ବାଟିକାର ପ୍ରମୁଖ ସସ୍ମିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପସ୍ଥିତ ସମସ୍ତ ଜେଜେବାପା ଓ ଜେଜେମାଙ୍କୁ ବିଦ୍ୟାଳୟ ପକ୍ଷରୁ 'ମାନପତ୍ର' ଦେଇ ସମ୍ମାନିତ କରାଯାଇଥିଲା। ଶକୁନ୍ତଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଓଡ଼ିଆ କାବ୍ୟ କବିତାରେ ବସନ୍ତର ବାସ୍ନା' ଆଲୋଚନାଚକ୍ର

**ରାଉରକେଲା, ୧୪।୨(ସମିସ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମାଧବ ନଗର ଶାଖା ଓ ରାଉରକେଲା କଲେଜର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ, ନଗର ଶାଖାର ସଭାପତି ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶଙ୍କ ଆବାହକତ୍ୱ, ଅଧ୍ୟାପିକା ପ୍ରିୟଙ୍କା ପଲେଇଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଡ. ଶକ୍ତିପ୍ରସାଦ ସାମନ୍ତରାୟ ମୁଖ୍ୟଅତିଥି, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ଓଡ଼ିଆ ବିଭାଗର ମୁଖ୍ୟ ଡ. ସୁଷମା ମୋଦୀ ସ୍ୱତନ୍ତ୍ର ଅତିଥି, 'ସୁନାଫୁଲ' ପତ୍ରିକାର ସମ୍ପାଦକ ସୁନିଲ କୁମାର ମହାନ୍ତି ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ 'ଓଡ଼ିଆ କାବ୍ୟ କବିତାରେ ବସନ୍ତର ବାସ୍ନା' ସମ୍ପର୍କରେ ଆଲୋଚନା କରିଥିଲେ। ଶାଖାର ସଭାପତି ଶିକ୍ଷାବିତ୍ ଶ୍ରୀ ଦାଶ କାର୍ଯ୍ୟକ୍ରମର ପ୍ରାକ୍ କଥନ ସହ 'ମ୍ୟାଟିଂ' ସମ୍ପର୍କରେ ଏକ ଅଣୁ ଗଳ୍ପ ପାଠ କରିଥିଲେ। ଗାଳ୍ପିକା କ୍ଷୀରେଶ୍ୱରୀ କିଷାନ 'ବସନ୍ତ ବିଧୁର' ଶୀର୍ଷକ ଗଳ୍ପ ପାଠ କରିଥିଲେ। ସ୍ୱତନ୍ତ୍ର ଅତିଥି ଡ. ମୋଦୀ କାର୍ଯ୍ୟକ୍ରମର ଉପସଂହାର କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ସୁମନ୍ତ ଉପାଧ୍ୟାୟ ସଭାପତିତ୍ୱ କରିଥିବା ବେଳେ କବି ନିରୁପମା ପତି ଓ ନଗର ଶାଖାର ସମ୍ପାଦିକା ଅଳକା ମହାନ୍ତିଙ୍କ ସଂଯୋଜନାରେ ସତ୍ୟବ୍ରତ ଦାସ, କୁଞ୍ଜବିହାରୀ ରାଉତ, ବ୍ରହ୍ମାନନ୍ଦ ପାଢ଼ୀ, ପ୍ରତାପ କୁମାର ପଣ୍ଡା, ଆରସୀ ସେନାପତି, ଶ୍ରୀଧର ସୁନା, ଆଶୁତୋଷ ଜ୍ୟୋତିଷୀ, ସଞ୍ଜୀବ ଭୋଇ, ପ୍ରତାପରୁଦ୍ର ତ୍ରିପାଠୀ, ମୋନାଲି କିଷାନ, ତ୍ରିଲୋଚନ ସ୍ୱାଇଁ, କରୁଣାକର ପାଢ଼ଶାଣୀ, ଗଙ୍ଗାଧର ପଣ୍ଡା, ସୁମନ୍ତ ଉପାଧ୍ୟାୟ, ନିରୁପମା ପତି ଓ ଅଳକା ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ସହ ସଂଗଠନ ସମ୍ପାଦକ ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଉପେନ୍ଦ୍ରନାଥ ଦାଶ, ଜଗନ୍ନାଥ ରାଉତ, ସୁସ୍ମିତା ମହାପାତ୍ର, ପୂର୍ଣ୍ଣିମା ସାଏ, ରେଶ୍ମା କୁଜୁର, ମୀନାଦୁଲାରୀ ପଣ୍ଡା, ଭୂମିକା ସିଂ, ରିୟା ହାସିନା ଲାକ୍ରା, ଶିବାନୀ କେରକେଟା, ରାଜଲକ୍ଷ୍ମୀ ଆଚାର୍ଯ୍ୟ, ପ୍ରତିମା କୁମାରୀ ପାତ୍ର, କୈଳାଶ ଚନ୍ଦ୍ର ମାହାଲି ପ୍ରମୁଖ ଉପସ୍ଥିତ ଥିଲେ।




## ଦୀପିକା ଇସ୍ପାତ ଶିକ୍ଷା ସଦନରେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ କିଟ୍ ପ୍ରଦାନ



**ରାଉରକେଲା, ୧୪।୨(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାପିତ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପାଇଁ ପରାମର୍ଶ ଏବଂ କିଟ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଉତ୍ସବରେ ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ ଓ ନବନୀତା ପାଲଚୌଧୁରୀ, ସମ୍ପାଦିକା ସାରିକା କୁମାର, ଡିଏମଏସ ପରିଚାଳନା କମିଟିର ସଦସ୍ୟା ତଥା ସ୍ୱେଚ୍ଛାସେବୀ, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କା ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ସ୍ନାକ୍ସ ପ୍ୟାକେଟ୍ ସହିତ କାର୍ଡ ବୋର୍ଡ ଏବଂ ଲେଖା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। ପରୀକ୍ଷା ସମୟରେ ବିଷୟଗୁଡ଼ିକର ଅନ୍ତିମ ପ୍ରସ୍ତୁତି ଓ ସଂଶୋଧନ ଏବଂ ପ୍ରଶ୍ନପତ୍ରର ଉତ୍ତର ପାଇଁ ଉତ୍ତମ ଆଭିମୁଖ୍ୟ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମୁଦାୟ ୮୮ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷା ଦେବେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତି ଗୌଡ ଓ ମୀନାକ୍ଷୀ, ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଆତିଫା ସଂଯୋଜନା କରିଥିଲେ।

# ଏନ୍‌ଆଇଟି-ଓଏମ୍‌ସି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ରାଉରକେଲା, ୧୪।୨(ସମିସ)



ରାଉରକେଲା ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନ୍‌ଆଇଟି) ଓଏମ୍‌ସି ବୃତ୍ତିଗତଙ୍କ ସଂରଚିତ କ୍ଷମତା ନିର୍ମାଣ, ବୈଷୟିକ ଉନ୍ନତ ଦକ୍ଷତା ଏବଂ ପରିଚାଳନାଗତ ବିକାଶରେ ସହଯୋଗ କରିବା ପାଇଁ ଓଡ଼ିଶା ଖଣି ନିଗମ ଲିମିଟେଡ୍ (ଓଏମସି) ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏହି ବୁଝାମଣାପତ୍ର ମିଳିତ ଗବେଷଣା, ନବସୃଜନ, ଡିଜିଟାଇଜେସନ୍ ଏବଂ କାର୍ଯ୍ୟକ୍ଷମ ଅପ୍ଟିମାଇଜେସନ୍ ପଦକ୍ଷେପକୁ ସମର୍ଥନ କରେ। ବୁଝାମଣାପତ୍ର ସ୍ୱାକ୍ଷର ସହିତ ସମନ୍ୱୟ ରଖି 'ଖଣିଜ ସମ୍ବଳ ପରିଚାଳନା : ବୈଷୟିକ, ନିୟାମକ ଏବଂ ରଣନୈତିକ ଅନ୍ତର୍ଦୃଷ୍ଟି' ଉପରେ ଏକ ତିନି ଦିନିଆ ନିରନ୍ତର ବୃତ୍ତିଗତ ବିକାଶ (ସିପିଡି) କାର୍ଯ୍ୟକ୍ରମ ଗତ ୧୨ ତାରିଖରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଛି। ପୃଥିବୀ ଏବଂ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ ପ୍ରଫେସର ଏସ୍‌କେ ଏମ୍ ଏକ୍ରିନୁଦ୍ଦିନ୍ ଏବଂ ଏନ୍‌ଆଇଟିଆର୍‌ର ପ୍ରାକ୍ତନ ଛାତ୍ର ପ୍ରଫେସର ଏଚ୍‌ବି ସାହୁ ଏହାର ସଂଯୋଜନା କରିଥିଲେ। ଏହି ଅବସରରେ ଏନ୍‌ଆଇଟି ରାଉରକେଲା ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏବଂ ଓଏମସି ପକ୍ଷରୁ ନିର୍ଦ୍ଦେଶକ (ମାନବସମ୍ପଦ) ଆଲୋକ କୁମାର ପାଲ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ବିଷୟରେ ଏନଆଇଟି ନିର୍ଦ୍ଦେଶକ (ଏଚଆର) ଆଲୋକ କୁମାର ପାଲ କହିଛନ୍ତି, ଓଏମସି ଲୁହା ଖଣିଜ ପଦାର୍ଥ, ବକ୍ସାଇଟ୍, କ୍ରୋମ୍ ଏବଂ ଫେରୋକ୍ରୋମ୍ ଭଳି ପ୍ରମୁଖ ଖଣିଜ ପଦାର୍ଥ ନିଷ୍କାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହା ଭାରତର ମୁଖ୍ୟ ଖଣିଜ-ଭିତ୍ତିକ ଶିଳ୍ପଗୁଡ଼ିକୁ ସମର୍ଥନ କରେ। ବୁଝାମଣାପତ୍ର ସ୍ୱାକ୍ଷର କରି ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଆବଧିକ ସାରଣୀରୁ ଏପରି ଏକ ଖଣିଜ ଉପାଦାନର ନାମ ଦେବା କଷ୍ଟକର ଯାହା ଓଡ଼ିଶାରେ ମିଳୁନାହିଁ। ଆମର ଅଞ୍ଚଳ ଲୁହା ଖଣିଜ, ବକ୍ସାଇଟ୍, କୋଇଲା, ମାଙ୍ଗାନିଜ୍, କ୍ରୋମାଇଟ୍, ଗ୍ରାଫାଇଟ୍, ଡୋଲୋମାଇଟ୍, ବିରଳ ପୃଥିବୀ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ପଦାର୍ଥରେ ଆଶୀର୍ବାଦପ୍ରାପ୍ତ। ଏପରିକି ପଶ୍ଚିମ ଓଡ଼ିଶା, ସମ୍ପଦରେ ସମୃଦ୍ଧ ଏବଂ ଧାତୁ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ସତ୍ତ୍ୱେ ଏହି ଅଞ୍ଚଳ ସମାନ ଗତିରେ ବିକଶିତ ହୋଇନାହିଁ। ଏହି ବୁଝାମଣାପତ୍ର ଅଧୀନରେ ରାଉରକେଲା ଖଣି ଇଞ୍ଜିନିୟରିଂ ଏବଂ ପୃଥିବୀ ଏବଂ ବାୟୁମଣ୍ଡଳୀୟ ବିଜ୍ଞାନ ଭଳି ଏହାର ବିଶେଷ ବିଭାଗ ମାଧ୍ୟମରେ ଓଏମସି ବୃତ୍ତିଗତମାନଙ୍କୁ ସମର୍ଥନ କରିବ। ଏହି ସହଯୋଗ ଖଣି କାର୍ଯ୍ୟର ଅପ୍ଟିମାଇଜେସନ୍ ପାଇଁ କୃତ୍ରିମ ବୁଦ୍ଧିମତ୍ତା, ଭୂ-ସଂଖ୍ୟାନ, ଖଣି ସ୍ୱୟଂଚାଳିତକରଣ ଏବଂ ଡିଜିଟାଲ୍ ସମାଧାନ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବ। ଏହି ବୁଝାମଣାପତ୍ରରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, ରଣନୈତିକ ଚିନ୍ତାଧାରା ଉପରେ କର୍ମଶାଳା, ପ୍ରକଳ୍ପ ପରିଚାଳନା, ଆର୍ଥିକ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ଏବଂ କଷ୍ଟୋମାଇଜଡ୍ ପରିଚାଳନା ବିକାଶ କାର୍ଯ୍ୟକ୍ରମ (ଏମଡିପି) ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।


## କାର୍-ବାଇକ୍ ମୁହାଁମୁହିଁ ଧକ୍କା; ମାଛ ବେପାରୀ ମୃତ

**ବଣାଇଁ, ୧୪।୨(ସମିସ):** ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ (୧୦ କ) ର ମୁତୁରୀନାଳି ନିକଟରେ କାର୍ ଧକ୍କାରେ ଜଣେ ମାଛ ବେପାରୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବାରକୋଟ ଥାନା ମେକସନପୁର ଗ୍ରାମର ନନ୍ଦ ପାତ୍ର (୪୧) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ନନ୍ଦ ଆଜି ବାରକୋଟ ବ୍ରାହ୍ମଣୀ ନଦୀରୁ ଝରାମାନଙ୍କ ଠାରୁ ମାଛ ସଂଗ୍ରହ କରି ନିଜ ବାଇକ୍ ଯୋଗେ ସକାଳୁ ଖୁଣ୍ଟଗାଁ ସାପ୍ତାହିକ ହାଟକୁ ମାଛ ବିକିବାକୁ ଆସିଥିଲେ। ହାଟ ସାରି ସନ୍ଧ୍ୟାରେ ଘରକୁ ଫେରିବାବେଳେ ବାରକୋଟ ଥାନା ଅଞ୍ଚଳର କେତେକ ଯୁବକ ଏକ କାରରେ ମହୁଲଡିହା ଅଭିମୁଖେ ଆସୁଥିବା ବେଳେ ନନ୍ଦଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମାଛ ବ୍ୟବସାୟୀ ବାଇକ୍ ସହ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କାର ଚାଳକ ଓ ବସିଥିବା ଯୁବକମାନେ ଗାଡି ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଖବରପାଇ ଲହୁଣୀପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଯୁବତୀଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

**ରାଉରକେଲା, ୧୪।୨(ସମିସ):** ଜନୈକା ୧୯ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ କରି ୫ ମାସର ଗର୍ଭବତୀ କରିବା ଅଭିଯୋଗରେ ଜଣେ ଯୁବକକୁ ବିରମିତ୍ରପୁର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପିଡିତା ଯୁବତୀ ବିରମିତ୍ରପୁର ଥାନାରେ ଅଭିଯୋଗ କରିବା ପରେ ବିହାର ଭାଗଲପୁର ଅଞ୍ଚଳର ୩୪ ବର୍ଷୀୟ ସତ୍ୟ ପ୍ରକାଶ ସିଂ ନାମକ ଅଭିଯୁକ୍ତକୁ ଗିରଫ କରି ବିରମିତ୍ରପୁର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଗିରଫ ଅଭିଯୁକ୍ତ ସୁନ୍ଦରଗଡ଼ ଜିଲ୍ଲାର କଲୁଙ୍ଗା ଅଞ୍ଚଳରେ ଏକ ଘରୋଇ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ପଡ଼ିତା ଯୁବତୀଙ୍କ ସହ ପରିଚୟ ହୋଇଥିଲା। ପରେ ସେ ବିବାହର ପ୍ରଲୋଭନ ଦେଖାଇ ପିଡିତା ଯୁବତୀକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।

## ପୁଲ୍‌ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



**ରାଉରକେଲା, ୧୪।୨(ସମିସ):** ୨୦୧୯ ଫେବୃଆରୀ ୧୪ ତାରିଖରେ ସଂଘଠିତ ହୋଇଥିବା ପୁଲୱାମା ଆତଙ୍କବାଦ ଆକ୍ରମଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଏବଂ ସହିଦ ହୋଇଥିବା ୪୦ ଜଣ ଦିବଙ୍ଗତ ସୈନିକମାନଙ୍କ ଅମର ଆତ୍ମାର ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ରାଷ୍ଟ୍ରୀୟ ଚେତନାଶୀଳ କୋଏଲନଗର ଡ଼ି ବ୍ଲକର ନିବାସୀ ବିଶିଷ୍ଟ ସମାଜସେବୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟୁଲତା ପୃଷ୍ଟି, ମମତା ଦାସ, ଇନ୍ଦିରାବତୀ ଲୋହାର, ବିଭୂତି ଭୂଷଣ ଦାସ, ସିଦ୍ଧାନ୍ତ ସିଂହ, ପ୍ରଦୀପ କୁମାର ସାହୁ, ଦୀପକ ସାହୁ, ସୁସ୍ମିତା ବାରା, ଶୁଭଦର୍ଶିନୀ ପାଲ, ଅନିତା ଅମ୍ବାତି, ସୀମା ପଟ୍ଟନାୟକ, ନେହା ନାଗ, ସ୍ନେହଲତା ସାହୁ, ହେମନ୍ତ ନାୟକ, ସୁଶୀଳା ନାୟକ ଉପସ୍ଥିତ ଥିଲେ। ଲତିକା ପଟ୍ଟନାୟକ ଆତଙ୍କବାଦ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ବଣାଇଁ:** ୨୦୧୯ ଫେବୃଆରୀ ୧୪ରେ ପୁଲୱାମା ଆକ୍ରମଣରେ ସହିଦ ହୋଇଥିବା ବୀର ଜବାନଙ୍କୁ ବଣାଇଁର ଯୁବଗୋଷ୍ଠୀ ଓ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ଅବସରରେ ସହିଦ୍‌ମାନଙ୍କ ଉଦ୍ଦେଶ୍ୟରେ ମହମବତି ଜଳାଇ ଏକ ଶୋଭାଯାତ୍ରା ଦେଓଗାଁ ଛକରୁ ବାହାରି ବଣାଇଁ ମୁଖ୍ୟ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଅଭିଷେକ ବ୍ରହ୍ମ, ରାମଚନ୍ଦ୍ର ସାହୁ, ଗିରିଧାରୀ ସାହୁ, କ୍ଷମାକର ସାଥୁଆ, ଗୁଣ ପାତ୍ର, ରାଜୁ ସାହୁଙ୍କ ସହ ବଣାଇଁର ବହୁ ଯୁବକ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।




## ଡାଲମିଆ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**କୁତ୍ରା, ୧୪।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ଶନିବାର ୪୮ ତମ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର କୁମାର ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ ଭଳି ଅନେକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ରୀଡା କାର୍ଯ୍ୟକ୍ରମଟିକୁ ଅନୀତା କିଷାନ, ରୋଜି କାଲୋ, ତରୁଣ ହୁଇକା, କ୍ୟାପଟେନ ହମ୍ମିଦ, ଗଣେଶ ମହାକୁଲ, ଏନଏସଏସ, ଏନସିସି ଛାତ୍ରଛାତ୍ରୀମାନେ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁତ୍ରା (ଖ) ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ ଯୋଗଦେଇଥିଲେ। ଶେଷରେ ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



# ସୃଜନିକା

ସକାଳ
THE SAKALA
www.sakalaepaper.com

## ଇନ୍ଦ୍ରସ୍ତୁତି



ହରପ୍ରସାଦ ଦାସ

ହେ ଇନ୍ଦ୍ର,ଗାନପ୍ରିୟ ଆମେ ଗାଉଚୁ ତମର ସ୍ତୁତି,
ହେ ସୋମପାୟୀ ତ୍ୱରାନ୍ୱିତ କର ଆମର ତଡ଼ିତ୍ ।

-ଋକ୍ ବେଦ

ହେ ଇନ୍ଦ୍ର, ଆମେ ହାରିଯାଇଚୁ, ଆମେ ଥକିଯାଇଚୁ
ଆମେ ଆଉ ଉଠାଇ ପାରୁନୁ ପୃଥିବୀର ଭାର
ଆମେ ଆଉ ଟେକି ପାରୁନୁ ହାତ ଅମ୍ବରକୁ, ଆମେ ଆଉ
ବଳାଇ ପାରୁନୁ ଚିତ୍ତ ଭୃଙ୍ଗଅପହୃତ ପଦ୍ମମଧୁକୁ,
ଭ୍ରଷ୍ଟ ଆମର ଆକାଶକୁସୁମ
ଜଣେ କିଏ ଲେଖୁଚି ଆମକୁ, ଭୁଲାଉଚି ଆମକୁ ତା'ର ଭ୍ରମ

ଆମରି ରକ୍ତମାଂସରେ ତିଆରି ଆମର ନିଜ ପ୍ରଭୁ
ଶତ୍ରୁ ଆମର,
ହେ ଶତ୍ରୁବିନାଶକ, ହେ ସୈନ୍ଧବ ଓ ଗାଙ୍ଗେୟ ପ୍ରବାହ
ହେ ଦକ୍ଷିଣାତ୍ୟ, ହେ ଗତି, ହେ ଗମନ !

ନିରୁଦ୍ଦେଶ, ଲୋହିତ ବର୍ମଧାରୀ ବ୍ୟୋମେଶ, ହେ ଉଡ୍ଡାଣ
ସୋମପାନ କରି ମତ୍ତ ହୁଅ, ଶତ୍ରୁକୁ ଶ୍ୱେତଛତ୍ର ତଳେ
ଏକପାଦ ଓ ଉଲଗ୍ନ ଠିଆ କରାଅ, ପଚାର
ମଣିଷର କେତେ ପାଦ ଭୂମି ଦରକାର?

ତାର ମିଥ୍ୟାକୁ ବୁଝ ହେ ବୃତ୍ରାରି, ତାକୁ ପଚାର : ଅଛିକି ତାର
ବ୍ରହ୍ମାଣ୍ଡ? ଅଛନ୍ତିକି ଅନାଥ ଗ୍ରହନକ୍ଷତ୍ର ?
ହେ ସୁନ୍ଦର, ହେ ଶୋଭନ, ହେ ଚିତ୍ରବନର ଚିତ୍ରଫୁଂସ
କେଉଁ ପାପରେ ଭାରି ଏ ପୃଥିବୀ ଆମର?

ଆମେ କ୍ଲାନ୍ତ, ଆମେ ପରାସ୍ତ
ଆମେ ଏଇଠି ଏକାଠି ଏହି ପାଂଶୁଳ ନଷ୍ଟଭୂମିରେ
ଶତ୍ରୁର ଦାନ ମୁଠାଏ ଅନ୍ନ ଆମର ଯଦି ସରିଯାଏ
କିଏ ଦେବ ଆମକୁ ଆହାର
ଆମକୁ ଶସ୍ୟ ଦିଅ, ଶ୍ରମ ଦିଅ, ସ୍ୱେଦ ଦିଅ
ବୀଜ ଦିଅ, ବୃଷ୍ଟି ଦିଅ, କର୍ଷଣ ଦିଅ
ସ୍ଥାଣୁତ୍ୱରୁ ମୁକ୍ତିଦିଅ
ସ୍ପନ୍ଦନରେ ବିଦ୍ୟୁଲ୍ଲେଖା ଦିଅ
ଶତ୍ରୁ ଫିଙ୍ଗିଦେଇଥିବା ଅରାଏ ଅପହୃତ ଆକାଶ ତମର
ଫେରାଇ ନିଅ ■

## ସଲ୍‌ଫର୍





ସ୍ୱାଗତିକା ସ୍ୱାଇଁ

ସେଦିନ ଷ୍ଟୁଡିଓ ଛକ ହାଟରେ ସେଇ ଲେଡି ପୋଲିସ ଜଣକ, ପାର୍ବତୀ ଉପରେ ଯୋଉ ପ୍ରକାର କଡ଼ା ହାକିମାତି ତଲବ କଲେ ତାହା ଦେଖିବା କଥା । ଲୋକାଲ୍ ଚୋରି, ରାହାଜାନୀ କେଶ୍ କ୍ଲୋଜ୍ କରିବାରେ ତାଙ୍କର ବହୁତ ନାଁ ଡାକ!

: ଦେଖା, କୋଉଠି ରଖିଚୁ ଦେଖା ।

: ନାଇଁ ଆଜ୍ଞା ଠାକୁରଙ୍କ ରାଣ ମୋ ପାଖରେ କିଛି ନାହିଁ ।

: ମୋ ସାଙ୍ଗେ ଖେଳୁଚୁ; ଖୋଲ୍ ତୋ ଅଣ୍ଟାଲୁଗା ।

: ନାଇଁ ଆଜ୍ଞା; ରଖିଥିଲେ ଆପଣଙ୍କୁ ମିଛ କହନ୍ତି!

: ତୁ ଖୋସଣି ଫିଟା ମ' । ତମମାନଙ୍କୁ କୋଉ ବିଶ୍ୱାସ । ତମେ ସବୁ ଗୋଟା ଗୋଟା ବିଷାକ୍ତ ଗୋଖର ।

ଯଦିଓ ସେଇଟା ଥିଲା ମାର୍ଗଶିର ମାସର ଗୋଟିଏ ହେମାଳ ସକାଳ । କିନ୍ତୁ ଏବେ ଆଇଁଷ ବାରିର ଉଷ୍ଣତାଟା ଚରମକୁ ଯିବା ଆରମ୍ଭ କରି ଦେଇଥିଲା । ଆସନ୍ତାକାଲି ଲକ୍ଷ୍ମୀଙ୍କର ବିଶେଷ ପୂଜା ଉପାସନାର ଦିନ । ଯୋଉଥିପାଇଁ ଆଜିକାର ଲୋକାଲ୍ ହାଟ ଫୁଲ, ଦୁବ, ବରକୋଳି ପତ୍ର, ମୂଳା, ଆଖୁ ଏବଂ ପୂଜା ପାଇଁ ଆବଶ୍ୟକ ଅନ୍ୟାନ୍ୟ ସାମଗ୍ରୀ ବିକ୍ରିବଟା ଗହଳିରେ ଭର୍ତ୍ତି ହୋଇଯାଇଥିଲା ।

କିନ୍ତୁ ପୂଜାଟା ତ କାଲି ନା' । କାଲି ପାଇଁ କିଏ ଆଜିକୁ ବରବାଦ୍ କରେ । ତେଣୁ ହାଟ ଆରପାଖ ରାସ୍ତାର ଆଇଁଷ ଦୋକାନ ଧାଡ଼ିକ ମଧ ସମାନ ଭାବେ ଲୋକାରଣ୍ୟ ହେଇ ଉଠିଥିଲା । ବ୍ରଏଲରମାନଙ୍କ ଆମ୍‌ଦାହ ବେଳର ରଡ଼ି ଶୁଭୁଥିଲା । ପ୍ରାଣତ୍ୟାଗ ପରେ ଚମଡ଼ା ଉତୁରା ଛେଳିମାନେ ଗ୍ରାହକଙ୍କ ସକାଶେ ଉପଲବ୍ଧ ଥିଲେ । ଅଳ୍ପାୟୁ ମାଛମାନେ ଜରିବନ୍ଧା ପାଣିକୁଣ୍ଡରେ ସୀମିତ ଆଗ୍ରହ ସହ ଖେଳି ବୁଲୁଥିଲେ ।

ଲେଡି ପୋଲିସ ଅଣ୍ଟାରେ ହାତ ଦେଇ ଜେରା ଜାରି ରଖିଥିଲେ ।

: ସରକାରୀ ନିୟମ ଭାଙ୍ଗିବାରେ ତମେ ସବୁ ଗୋଟାଏ ଗୋଟାଏ ଓସ୍ତାଦ୍ କୁକୁର । ସରକାରୀ ଜାଗାରେ ଘର ବାନ୍ଧି ରହିବ । ସରକାରୀ ଜାଗାରେ ବେପାର ବଣିଜ କରିବ । ସରକାର ତ ଯେମିତି ତମର ବାଡ଼ି ତଳ! ଭଲରେ କହୁଚି, ଶୁଣୁନୁ । ଥରେ ନେଇ ହାଜତରେ ପୂରେଇ ଦେଲେ ମନ ଘର ଧରିଯିବ ।

ଘରକଥା ପଡ଼ିଗଲା ତ ପାର୍ବତୀ ଆଖିକୁ ଲୁହ ଦି ବୁନ୍ଦା ଜକେଇ ଆସିଲା । ଏଇ କିଛି ଦିନ ହେଲା ବସ୍ତି ଉଠା ଘର ଭଙ୍ଗା ଯୋଗୁଁ ତା'ର ଘର ଏବେ ରାସ୍ତାକଡ଼ ଟ୍ରାନ୍ସଫରମର୍ ହତାରେ । ଜାଗାଟା ବିପଦ ସଂକୁଳ । ମାତ୍ର ଏ ମାର୍ଗଶିର ଶୀତ, ସେ କୁଆଡ଼େ ଯିବ! ଯେହେତୁ ଚାରିପାଖରେ ପାଚେରୀଟିଏ ଅଛି । ତେଣୁ ଅନ୍ୟୋନ୍ୟପାୟ ହେଇ ପାର୍ବତୀ ତା'ର ପିଲା ଦୁହିଁଙ୍କୁ ଧରି ସେଠି କାଲିଠୁଁ ବସା ବାନ୍ଧିଚି । ଟ୍ରାନ୍ସଫରମର୍ କାନ୍ଥରେ ଜରିପାଲକୁ ଇଟା ଚପେଇ ଦେଇ ଛାତଟିଏ ଗଢ଼ିଚି ।

: କାଠଟା ଭଳିଆ କାଇଁକି ଛିଡ଼ା ହେଇଛୁ ବା । ଏଇ ଗୋଟାକ କେଶ୍ ତୁଟେଇବାରେ କ'ଣ ମୋର ଦିନଟା ଯାକ ବରବାଦ୍ ହବ । କହିଲି ପରା, ଯାହା ଯୋଉଠି ରଖିଚୁ ଚଞ୍ଚଳ ବାହାର କର୍ ।

ପାର୍ବତୀକୁ ଜଣା ଏଇଟା ମୁଚାଲିକାର ଚୂଡ଼ାନ୍ତ ନିଷ୍ଠୁର ବେଳ । କିନ୍ତୁ ସିଏ ଅସହାୟ । ଆଜି ତା' ପାଖରେ ଏଥିପାଇଁ ପାହୁଲାଟାଏ ସୁଦ୍ଧା ନାହିଁ । ନିରୁତ୍ସାହିତ ମ୍ଲାନ ଦୃଷ୍ଟି ଟେକି ସେ ଏବେ ତା' ବଣିଜ ପସରା ଆଡ଼କୁ ଚାହିଁଲା । ଫୁଟପାଥ୍ ଉପରେ ଖଣ୍ଡେ ସିମେଣ୍ଟ ଅଖା ଉପରେ ତା'ର ଆଜିର ବେପାର ବଡ଼ ମ୍ରିୟମାଣ ଭାବେ ରହିଥିଲା ।

କାରଣ ରାଜଧାନୀବାସୀଙ୍କୁ ସବୁ ଜିନିଷ ସୁନ୍ଦର ଦରକାର । ସେଇ ଦୃଷ୍ଟିରୁ ସମସରପୁର କଞ୍ଚା ଲଙ୍କା ସବୁଠୁ ଭଲ । କଳା ମଚମଚ ହୃଷ୍ଟପୁଷ୍ଟ । ଅଳ୍ପରାଗ । ପାର୍ବତୀ ହପ୍ତାକେ ତିନିପାଳି କଞ୍ଚା ମରିଚ ବିକେ । ବଡ଼ି ଭୋଅରୁ ଶେଜ ଛାଡ଼ି ହାଟ ମୁଣ୍ଡକୁ ଧାଏଁ । କାରଣ ତାକୁ ସେଠି ଆଠଗଡ଼ରୁ ଆସୁଥିବା ପରିବା ଗାଡ଼ିକୁ ଧରିବାକୁ ପଡ଼େ । ପିକ୍‌ଅପ୍ ଗାଡ଼ିଟାର କ୍ଲିନରଟା ଭାରି ଅଭଦ୍ର । ସବୁବେଳେ ତା'ର ପାନ ପାଚିଲା ଦାନ୍ତ ଦେଖେଇ ଅଶ୍ଳୀଳ ହସ ହସେ । ଆଖି ଘୂରେଇ ଚାହେଁ । ଟିକିଏ ସୁଯୋଗ ପାଇଲେ ଛପିଲା କଣ୍ଠରେ କ'ଣ କ'ଣ କହେ – ବ୍ଲାଉଜ୍ ଭିତରେ କ'ଣ ପଇସା ରଖୁଚ ମ' । ଆଉ କ'ଣ ସେ ବେଳ ଅଛି । ମନିପ୍ରସ୍ ଗୋଟାଏ ଦେହରେ ପକଉନ ।

କଥାଗୁଡ଼ା ପାର୍ବତୀ ଦେହରେ କଣ୍ଟା ଭଳି ଗଳିଯାଏ । କିନ୍ତୁ ତାକୁ ସହିବାକୁ ପଡ଼େ । ନୀରବରେ ଲଙ୍କା କିଣି ଆସିବାକୁ ହୁଏ ।

ହେଲେ ଦେଖନା, ଆଜି କି ଖରାପ ବେଳା!

ହାଡ଼ଥରା ଜାଡ଼ ସାଙ୍ଗକୁ ଟ୍ରାନ୍ସଫରମର୍ ହତାରେ ତା'ର ସେଇ ଜରିପାଲ ଘେରା ଉଠା ଘର । ସାରାରାତି ଶୀତ ଅନ୍ଧାର ରାତିକୁ ଜଗି ଜଗି ସେ ପୂରାପୂରି ଉଜାଗର । ରାତି ପାହିବା ବେଳକୁ ତା'ର ଆଖି ଲାଗିଯାଇଥିଲା । ଛାଇଛାଇଆ ନିଦ ଭାଙ୍ଗିବା ବେଳକୁ ପୂରାପୂରି ଫର୍ଚ୍ଚା । ସେଠୁ ଏକାମୁହାଁ ଧାଇଁ ଧାଇଁ ଆସି ପରିବା ଗାଡ଼ି ପାଖରେ ପହଞ୍ଚିଲା ବେଳକୁ ଲଙ୍କା ସରିଯାଇଥିଲା ।

: ହଅ ମ' ମରିଚ କ'ଣ ଫୁଲ କ'ଣ! ସେଇ ସଡୁରୀରେ ନବୁ ଶହେ କୋଡ଼ିଏ ବିକିବୁ । ରେଟ୍ ତ ସେଇ ଏକା, ନେଇ ଯା । କାଲି ଓଷା ବାରିଟା ଅଛି, କଟିଯିବ ।

ପିକ୍‌ଅପ୍ କ୍ଲିନର୍ ତା'ର ସେଇ ପାଚିଲା ଦାନ୍ତ ଦେଖେଇ ପାର୍ବତୀ ଉଦ୍ଦେଶ୍ୟରେ ଥଟ୍ଟା କରିବା ପରି କହିଥିଲା । ତେବେ ଦୁର୍ଦ୍ଦଶା ସେତିକିରେ ସରି ନଥିଲା । ବେପାରକୁ କୁସୁମ ଗେଣ୍ଡୁ ପାଞ୍ଚ କିଲୋ ଆଣି ଫୁଟ୍‌ପାଥ୍ ଉପରେ ସଜାଡ଼ିବା ବେଳକୁ ପାଖ ସାଥି ବେପାରୀ ହେମ କହିଥିଲା, "ଆଜି କ'ଣ ଫୁଲ, ମରିଚ ପାଇଲୁ ନି କି? ପଲିଥିନ୍ ଆଣିଚୁ?"

ପାର୍ବତୀ ଆଶ୍ଚର୍ଯ୍ୟରେ କହିଥିଲା, "ପଲିଥିନ୍ ? ନାଇଁ ତ!"

: କଞ୍ଚା ମରିଚ ସିନା ପରିବା ବ୍ୟାଗକୁ ପକେଇ ଦବୁ । ହେଲେ ଠାକୁରଙ୍କ ପାଇଁ ଫୁଲକୁ କିଏ ସେମିତି ନବ । ଯାଆ ପଲିଥିନ୍ ନେଇଆ । ଯେ ଜାଣିଥା, ଲୁଚେଇକି ରଖିବୁ । ସେ ରାହାବାଳୀ ଦେଖିବ ତ ଅଣ୍ଟାଗୁଞ୍ଜା ନ ନେଇ ଛାଡ଼ିବନି ।

ମାର୍ଗଶିରର ସକାଳୁଆ ଶୀତ ତା'ର ପ୍ରକୋପ ଜାରି ରଖିଥିଲା । ତା' ସହିତ ଭୟ ଏବଂ ଆଶଙ୍କାରେ ପାର୍ବତୀର ଗୋଡ଼ ହାତ କୋଲ ମାରି ଯାଉଥିଲା । କିନ୍ତୁ ଏଥିପ୍ରତି ବିମୁଖ ଲେଡ଼ି ପୋଲିସ ଜଣକ ଏବେ ଅସ୍ଥିର ହେଇ ଉଠିଥିଲେ । କାରଣ ଚଞ୍ଚଳ ସକାଳୁଆ ଇନ୍‌ସ୍ପେକସନ୍ କାମଯାକ ସାରିଲେ ତାଙ୍କୁ ଶୀଘ୍ର ଘରେ ପହଞ୍ଚିବାକୁ ଥିଲା । ଘର କାମ ସାରିଲେ ପୁଣି ଡ୍ୟୁଟି ବି ଯିବାକୁ ହବ । ଆଜି ଆହୁରି ବଡ଼ ପୁଅର ସ୍ପେଶାଲ୍ ଡିମାଣ୍ଡ ବାରିପଦା ମଟନ୍ ।

: ହେଇକ୍; ତତେ ପରା ମୁଁ କ'ଣ କହୁଚି । ଖାତିର୍ ପଡୁନି । ଇଏ ସରକାରୀ ନିୟମ । ଯୋଉଠି ଯାହା ରଖିଚୁ ବାହାର କର୍ ଚଞ୍ଚଳ । ନହେଲେ ଅମାନିଆଙ୍କ ହାତଗୋଡ଼ ଚୂନା କରିବାକୁ ମତେ ଦଣ୍ଡେ ଲାଗିବନି । କାଢ଼ିଲୁ ତୋର ସେ ଚାଦର ଖଣ୍ଡକ ।

ଅମଲାଙ୍କ ଗୋଟାଏ କୁହାଟ । ମୁହୂର୍ତ୍ତକେ ଅଜସ୍ର ମାଟିଲେସା ମୁମୂର୍ଷୁ ଜୀବନ ଉଜୁଡ଼େଇବାକୁ ଯଥେଷ୍ଟ । ଉଜୁଡ଼ିଗଲା ମଧ । ଲେଡି ପୋଲିସଙ୍କ ସୀମାତୀତ ଜେରା । ପାର୍ବତୀର ଭୟାତୁର କାତରତା । ପୁଳାଏ ସଂଗୁପ୍ତ ପାପ ପରି ଏବେ ରାସ୍ତା ଉପରେ ଖସି ପଡ଼ିଲା ସେ' ତା ଛାତିଲୁଗା ତଳେ ଲୁଚେଇ ରଖିଥିବା ବିଡ଼ାଏ ପଲିଥିନ୍ ଜରି । ଲେଡି ପୋଲିସ କ୍ରୋଧରେ ନିଆଁବାଣ ହେଇ ଯାଇଥିଲେ ।

: ମୋ ସାଙ୍ଗେ ଚାଲ୍‌ବାଜି! ମତେ ଚିହ୍ନିନୁ । ହଟା ତୋ ଦୋକାନ୍ । ଉଠା ଏଠୁ । ଚାଲ୍ ଭାଗ୍ । ମୋ ସଙ୍ଗେ ଖେଳୁଚୁ ।

ନ୍ୟାରେଟିଭ୍‌ସ୍‌ମାନେ କେତେ ଭୟଙ୍କର ସତରେ!!

ଫୁଟ୍‌ପାଥ୍ ଉପରେ ଉଜୁଡ଼ାଇ ଦିଆଯାଇଥିବା ବଣିଜ ପସରାର ଫୁଲମାନେ ପରସ୍ପରକୁ କୁହାକୁହି ହେଉଥିଲେ । କିନ୍ତୁ ସେଥିପ୍ରତି ଏତେ ଟିକେ ଧ୍ୟାନ ନ ଦେଇ ଲେଡି ପୋଲିସ ଏବେ ରାସ୍ତା ସେପାଖ ଆଇଁଷ ଦୋକାନକୁ ଚାଲିଯାଇଥିଲେ । ସେଠା ଦୋକାନୀଠାରୁ କଳା ରଙ୍ଗର ଜରି ପୁଡ଼ିଆଟିକୁ ଆଣିବା ବେଳେ ବଳକା କ୍ରୋଧ ଜରଜର ହେଇ କହିଥିଲେ, "ଠିକ୍ ଦେଇଚ ତ । ଦେଖୁନି, ମୋ ପାଖେ ସମୟ ନାହିଁ ।"

ହାବୁକାଏ ପାଉଁଶିଆ ଧୂଆଁ ଖେଳେଇ ଦେଇ ପୋଲିସ ଗାଡ଼ି ସେଠୁ ଛାଡ଼ି ଚାଲିଯାଇଥିଲା । ଯଦିଓ ଦିନ ଫିଟିବା ସହ ଶୀତ ଟିକିଏ କମିବା କଥା, ମାତ୍ର ଆଜି ରହି ରହି କୋହଲା ପବନ ବହୁଚି । ପାର୍ବତୀର ଦେହ ଘୋରା ଖଣ୍ଡିକ ତଳେ ଘୁଷୁରୁ ଥିଲା । ସେଥିପ୍ରତି ପ୍ରତିକ୍ରିୟା ରହିତ ସେ ବରଂ ଢଳଢଳ ଆଖିରେ ଫୁଟ୍‌ପାଥ୍ ଉପରେ ତା'ର ଅତ୍ୟାଚାରିତ ପସରାକୁ ଚାହିଁ ରହିଥିଲା । କିନ୍ତୁ କାଲୁଆ ପବନ ମାଡ଼ରେ ମଞ୍ଜି ଥରା ସେଇ କାତର ଦୃଶ୍ୟଟିକୁ ଦେଖିବାକୁ ସେଠି ଆଉ କେହି ନଥିଲେ । ଧୂଳିରେ ବିଛାଡ଼ି ହେଇ ପଡ଼ିଥିବା ଫୁଲମାନଙ୍କ ବ୍ୟତିରେକ ।

କେତେବେଳେକେ ସେଇମାନେ ହିଁ ପାଖକୁ ଆସିଥିଲେ । କାନ୍ଧରେ ହାତ ରଖିଥିଲେ । କହିଥିଲେ, "ଝିଅ! ଜୀବନଟା ସଲଫର୍‌ମୟ ।" ■

ଜଗନ୍ନାଥ ସାହି
ଇନ୍ଦିରାଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀଚୌକ, କଟକ-୭୫୩୦୦୨
ମୋ: ୯୪୩୭୭୦୪୨୮୦

## ଅଳି



ଜୟନ୍ତୀ ରଥ

କଳସ କହୁଛି
ସବୁଦିନ କ'ଣ
ପାଣି ଆଉ ଫୁଲ
ଦିନେ ଦିନେ ତ
ଆମ୍ବ ପତ୍ରଦେ
ନଡ଼ିଆଦେ
ମୁଁ ଦିଶିବି
ଶୋଭାବନ୍ତ
ହଉ, ହଉ ଦେବି ।


କାଚ ଆଲମାରି ଭିତରୁ
ବହିମାନେ କହୁଛନ୍ତି
ସବୁଦିନ କ'ଣ
ରୁନ୍ଧି ହୋଇ ଥିବୁ ଏଇ ଭିତରେ
ଦିନେ ଦିନେ ତ
ଖରା, ପବନ ଓ
ତୋ ହାତ ଛୁଆଁଦେ ।
ଆମର ବି
ଅମ୍ଳଜାନ ଲୋଡ଼ା
ହଉ ଦେବି । ଦେବି ।

ନାତି କହୁଚି
ସବୁଦିନ କ'ଣ ପଢୁଚୁ, ଲେଖୁଚୁ
ଦିନେ ଦିନେ ତ
ଅଜାଙ୍କ ପାଖେ ବସି
କେ.ବି.ସି. ଦେଖି
କ୍ରିକେଟ ଖେଳ ଦେଖି ଟିଭିରୁ
ମନ ଭଲ ଲାଗିବ
ହଉ ଦେଖିବି । ଦେଖିବି ।

କଲମ ଜାଣିନି
ବହିମାନେ ଜାଣନ୍ତିନି
ନାତି ବୁଝିନି
ମୁଁ କେତେ ଅପାରିବାର
ଜାଣେନି ବାଗ
ନିଜକୁ ସଜାଡ଼ିବାର । ■

ଭୁବନେଶ୍ୱର
ମୋ: ୮୮୯୫୬୭୬୭୯୫୬

## ମୋ ଜୀବନ ପଛେ ନର୍କେ ପଡ଼ିଥାଉ



ପ୍ରଦୀପ୍ତ ଶ୍ରୀଚନ୍ଦନ

ସଂସାରକୁ ଯେତେବେଳେ କୌଣସି ଆସୁରିକ ଶକ୍ତି ଗ୍ରାସ କରିବସେ ଏବଂ ତାହା ଦ୍ୱାରା ମାନବ ସମାଜର ଅନିଷ୍ଟ ଘଟେ, ସେତେବେଳେ ସମଗ୍ର ମାନବ ଜାତି ସଂଘବଦ୍ଧ ଭାବରେ ସେହି ପ୍ରବଳ ପରାକ୍ରମୀ ଶକ୍ତି ବିରୁଦ୍ଧରେ ସଂଘର୍ଷ କରିବାକୁ ମହାମନୀଷୀମାନେ ପ୍ରେରଣା ଯୋଗାଇଥାନ୍ତି । ଏହି ମହାମନୀଷୀମାନଙ୍କ ମଧ୍ୟରେ ଯେଉଁମାନଙ୍କଠାରେ ସନ୍ଥତୁଲ୍ୟ ପବିତ୍ରତା, ସଂସ୍କାରକଙ୍କ ପରି ପ୍ରଖରତା ଆଉ ଋଷିମାନଙ୍କ ପରି ତତ୍ତ୍ୱ ଦୃଷ୍ଟିଥାଏ ସେମାନେ ଯୁଗ ସୃଜନ ସଦୃଶ ଉତ୍କୃଷ୍ଟ ଭାବ ପାଇଁ ନିଜକୁ ସମର୍ପଣ କରି ଦେଇଥାନ୍ତି । ଊନବିଂଶ ଶତାବ୍ଦୀର ପ୍ରାକ୍ କାଳରେ ସେହିଭଳି ଏକ ଆପତ୍ତି କାଳ ଆମ ସମାଜକୁ ଗ୍ରାସ କରି ବସିଥିଲା । ତେଣୁ ସମାଜକୁ ସେହି ତ୍ରସ୍ତ ତଥା ବିଖଣ୍ଡିତ ଅବସ୍ଥାରୁ ଉଦ୍ଧାର କରିବା ପାଇଁ ଭାରତର ଦୂରଦ୍ରଷ୍ଟା ମନୀଷୀଗଣ ହିଁ ସଚେତନ ହୋଇ ଉଠିଥିଲେ । ଏହି ସଚେତନବାଣୀ ସବୁକ୍ଷେତ୍ରରେ ଦେଖା ଦେଇଥିଲା । ବିଶେଷକରି ସାହିତ୍ୟ କ୍ଷେତ୍ରରେ ଏହି ନବଚେତନା ବହନ କରି ଆଣିଥିଲା ନୂତନ ସଙ୍କେତ । ଆଉ ଠିକ୍ ସେହି ସମୟରେ ଆମ ଓଡ଼ିଶା ମାଟିରୁ ଏକ ଯୁଗଧର୍ମ ଭାବରେ ମହିମା ଧର୍ମର ଅଭ୍ୟୁଦୟ ଘଟିଥିଲା । ମହିମାଧର୍ମ ଏକ ଉଦାରବାଦୀ ମାନବ ଧର୍ମ । ଏହାର ମାର୍ଗ ମୁଖ୍ୟତଃ ସମାଜ ମୁଖୀ । ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁ ତରୁଣ ଭୀମ ଭୋଇଙ୍କୁ ଦୀକ୍ଷିତ କରି ସାହିତ୍ୟ ସାଧନା ମାଧ୍ୟମରେ ତାଙ୍କର ବାଣୀର ପ୍ରସାର କରି ସମାଜକୁ ସେତେବେଳକାର ସଙ୍କଟରୁ ଉଦ୍ଧାର କରିବାକୁ ଏବଂ ଯୁଗସନ୍ଧି ବେଳାରେ ଜାଗ୍ରତ ଆତ୍ମାର ଯୁଗ-ଧର୍ମ ପାଳନ କରିବାକୁ ପ୍ରେରଣା-ପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ । ଜନ୍ମ-ସ୍ଥାନ, ଶିକ୍ଷା-ଦୀକ୍ଷା ଏବଂ ସ୍ଥୂଳ ଦୃଷ୍ଟିଶକ୍ତି ସଂପର୍କିତ ଗବେଷକମାନଙ୍କର ତର୍କ-ବିତର୍କର ଉର୍ଦ୍ଧ୍ୱକୁ ଉଠି, ଯେଉଁ ଭୀମ ଭୋଇଙ୍କୁ ଆମେ ଦେଖୁଛେ, ସେ ଏକ ଭିନ୍ନ ଆଉ ପ୍ରଚଣ୍ଡ ପ୍ରତିଭାଧାରୀ ସନ୍ଥ । ପଣ୍ଡିତମାନଙ୍କ ମତରେ, ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାର ଧର୍ମଚେତନା, ନୈତିକ ଜୀବନ ଓ ଆଧ୍ୟାତ୍ମିକ କାବ୍ୟ-କବିତା ଧାରାରେ ନବ ଉତ୍‌ଥାପନର ବାର୍ତ୍ତା ସଂଯୋଗ କରି ସାମାଜିକ କୁସଂସ୍କାର, ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ ଘୋଷଣା ସହ ସମଗ୍ର ମାନବ ଜାତିକୁ ସମ୍ବେଦନଶୀଳ ହୃଦୟ ଆଉ ଉନ୍ମୁକ୍ତ ମନରେ ଭଲ ପାଇବାର ମାର୍ଗ ଦେଖାଇ ମଣିଷର ଚେତନାକୁ ପୁନଃ ପ୍ରସାରିତ କରିଥିବା ସେହି କାବ୍ୟ ପୁରୁଷଙ୍କର ନାମ ଭୀମ ଭୋଇ । ସନ୍ଥ କବି ଭୀମ ଭୋଇ ।

ଭୀମ ଭୋଇଙ୍କର ସାଧନାର ସମୟ ଥିଲା ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗ । ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନରେ ଜ୍ଞାନ ଆଉ ସଂସ୍କୃତିରେ ହିଁ ବିକାଶ ସଂଘଟିତ ହେଲା । ଉତ୍କଳର ଆଧୁନିକ ଶିକ୍ଷାର ପ୍ରସାର ସମ୍ଭବ ହେଲା । ସାହିତ୍ୟ ହେଲା ସମୃଦ୍ଧ । ପ୍ରାଚୀନ ପରରାକୁ ପଛରେ ପକେଇ ସମସ୍ତେ ନୂତନ ଆଡ଼କୁ ମୋଡ଼ ଭାଙ୍ଗିଲେ । କିନ୍ତୁ ପ୍ରାଚୀନ ଓ ନବୀନର ମିଳନ ସ୍ଥଳରେ ଦଣ୍ଡାୟମାନ ହୋଇ ସନ୍ଥକବି ଭୀମ ଭୋଇ ଦୁଃସାହସିକ ବିପ୍ଳବୀ କବିର ଭୂମିକା ଗ୍ରହଣ କଲେ ।

ମହିମା ଧର୍ମ ହେଉଛି ଏକ ଜନଧର୍ମୀ ଆଧ୍ୟାତ୍ମିକ ଚେତନା ଏବଂ ଭୀମ ଭୋଇ ହେଉଛନ୍ତି ସେହି ସାଧନାର ଧାରାର ଆଧ୍ୟାତ୍ମିକ କଣ୍ଠସ୍ୱର । ତାଙ୍କର ସାଧନା ହେଉଛି ଅନ୍ତର୍ମୁଖୀ ସାଧନା । ହୃଦୟର ଦ୍ୱାର ଖୋଲି ଅନ୍ତର୍ଦ୍ଦେଶରେ ପ୍ରବେଶ କଲେ ସେଠାରେ ପରମ ବ୍ରହ୍ମଙ୍କର ଦର୍ଶନ ମିଳି ପାରିବ । କବିଙ୍କର କାବ୍ୟ-ଦର୍ଶନରେ ଉପନିଷଦୀୟ ଚିନ୍ତା ଓ ଚେତନା ବହୁ ଭାବରେ ପରିସ୍ଫୁଟ । ତେଣୁ ତାଙ୍କ ଲେଖନୀରୁ ନିସୃତ ହୋଇଛି- ଫେଡ଼ି କବାଟ ଯାଇ ପଶ ଭିତରେ । 'ସ୍ତୁତି ଚିନ୍ତାମଣି', 'ଭଜନମାଳା'ର ରଚନା ଭକ୍ତିରସାତ୍ମକ ଓ ଆଧ୍ୟାତ୍ମ ତତ୍ତ୍ୱ ରହସ୍ୟଗର୍ଭା ହେଲେ ମଧ ଅନେକ ସ୍ଥାନରେ କବିଙ୍କ ଜୀବନର ଅନେକ ଦୁଃଖ, ଯନ୍ତ୍ରଣା, ସମସାମୟିକ ସମାଜର ନୀତିହୀନତା, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନର ବାର୍ତ୍ତା ବହନ କରି, ଆତ୍ମବାଣୀ ମୁଖରିତ ହୋଇଉଠି ଏ ସବୁକୁ ରସୋତ୍ତୀର୍ଣ୍ଣ କରିପାରିଛି । ତିନିଶତାଧିକ ଭଜନ ସବୁ ସଂଗୀତମୟ, ଆବେଗ ମୁଖର ହୋଇ ପ୍ରାଣସ୍ପର୍ଶୀ ହେବା ସାଂଗକୁ ଓଡ଼ିଆ ଆଧୁନିକ ସାହିତ୍ୟକୁ ପ୍ରବହମାନ କରିବାରେ ସକ୍ଷମ ହୋଇପାରିଛି । 'ସ୍ତୁତି ଚିନ୍ତାମଣି' କବିଙ୍କ ଜୀବନର ସ୍ମୃତି ଓ ବ୍ରହ୍ମ ଅନୁଭବର ଉଜ୍ଜ୍ୱଳ ଆତ୍ମବାଣୀ ଭାବରେ ମୁଖରୀତ ହୋଇଥିବା ବେଳେ 'ଭଜନମାଳା' ତାଙ୍କ ଦିବ୍ୟ ଆତ୍ମପୁରୁଷର ଉର୍ଦ୍ଧ୍ୱଗାମୀ ସ୍ୱରନାଦରେ ଝଙ୍କୃତ ହୋଇ ଉଠିଛି । ସଂସ୍କୃତ, ପ୍ରାକୃତ, ଅପଭ୍ରଂଶ, ଦେଶଜ, ବୈଦେଶିକ ଓ ଲୌକିକ ତଥା ଲୋକ ଭାଷାର ପ୍ରୟୋଗ, ନିଜ ଚାରି ପାଖରେ ଥିବା ଉପମାର ପ୍ରୟୋଗ ତାଙ୍କ ରଚନା ସମଗ୍ରକୁ ପ୍ରାଣସ୍ପର୍ଶୀ କରି ପାରିଛି । କବିଙ୍କର ରଚନା ମୁଖ୍ୟତଃ ପଦ୍ୟଧର୍ମୀ । କବିତା ମାଧ୍ୟମରେ ନିଜ ଜୀବନର ସମସ୍ତ ଅଭିବ୍ୟକ୍ତି ଓ ସମାଜର ଆଦର୍ଶକୁ ପରିପ୍ରକାଶ କରିବା ତାଙ୍କର ଥିଲା ଚିର ଇପ୍‌ସିତ । ଭୀମ ଭୋଇଙ୍କର ପାଣ୍ଡିତ୍ୟ ତାଙ୍କ ରଚନାରୁ ହିଁ ପ୍ରମାଣିତ । 'ସ୍ତୁତି ଚିନ୍ତାମଣି', 'ଆଦିଅନ୍ତ ଗୀତା', 'ବ୍ରହ୍ମ ନିରୂପଣ ଗୀତା' ଓ 'ବ୍ରହ୍ମ ଚାଳକ' ଆଦି ରଚନା ମଧ୍ୟରେ - ଜୀବ-ପରମ, ମନ-ଚଇତନ ମାୟା ପ୍ରଭୃତିର ବର୍ଣ୍ଣନା ତାଙ୍କୁ ସନ୍ଥକବିର ଆସନରେ ଆସୀନ କରାଇ ପାରିଛି । ଭୀମ ଭୋଇଙ୍କ ସାହିତ୍ୟରେ ଧର୍ମ, କର୍ମ, ନୀତି, ଅନୀତି ଆଦିର ବିଚାର କଥା କୁହାଯାଇଥିଲେ ମଧ ସବୁ କଥାର ମୂଳ ହେଉଛି ମାନବ ପ୍ରତି ସଂପ୍ରୀତି ଆଉ ସମ୍ବେଦନଶୀଳ ହୃଦୟ । ପ୍ରାଣୀମାନଙ୍କର ଅପ୍ରମିତ ଦୁଃଖରେ ମ୍ରିୟମାଣ ହୋଇ ଜଗତର ଉଦ୍ଧାର ଲାଗି ନିଜେ ନରକରେ ନିକ୍ଷେପିତ ହେବାକୁ ସଂକଳ୍ପବଦ୍ଧ । ସତ୍ୟାନୁସନ୍ଧାନରେ ବ୍ରତୀ ସନ୍ଥ କବିଙ୍କ ଜୀବନ-ଯଜ୍ଞର ଉଦ୍‌ଘୋଷଣା ଥିଲା 'ସତ୍ୟରେ ମରିବି, ସତ୍ୟରେ ତରିବି ।' ସତ୍ୟ ନାମ ହିଁ ବ୍ରହ୍ମ । ଏହି ବ୍ରହ୍ମ ହିଁ ମେଳଛ, ଅସୁର, ପାପିଷ୍ଠମାନଙ୍କଠାରୁ ମଣିଷ ସମାଜକୁ ରକ୍ଷା କରିବ ବୋଲି ତାଙ୍କର ଭରସା । ତେଣୁ ଦିବ୍ୟଦ୍ରଷ୍ଟା କବିଙ୍କ ଅମୃତବାଣୀ ସ୍ୱଚ୍ଛତୋୟା ସ୍ରୋତସ୍ୱିନୀ ପରି ପ୍ରବହମାନ ହୋଇ ଆତ୍ମସନ୍ଧାନୀ ଆତ୍ମଦର୍ଶୀମାନଙ୍କୁ ବିଶ୍ୱପ୍ରାଣରେ ଉଦ୍‌ବୁଦ୍ଧ କରିଆସୁଛି । ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ପ୍ରସାରଭାରତୀ
ପଟିଆ, ଭୁବନେଶ୍ୱର-୨୪

## ପୁସ୍ତକ ପରିଚୟ

### ଧୂସର ଦିଗ୍‌ବଳୟ

ମାନିନୀ ମିଶ୍ର




ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ: ୧୯୯ ଟଙ୍କା

ଯନ୍ତ୍ରଣା ଜର୍ଜରିତ ମଣିଷର ଜୀବନ, ମାନବୀୟ ସ୍ନେହ,ପ୍ରେମ, ଆଶା, ଆକାଂକ୍ଷା ଅତି ଚମତ୍କାର ଭାବେ ପ୍ରତିଫଳିତ ହୋଇଛି ମାନିନୀ ମିଶ୍ରଙ୍କ 'ଧୂସର ଦିଗ୍‌ବଳୟ' ଉପନ୍ୟାସରେ । ଜୀବନରେ ବାରମ୍ବାର କ୍ଷତାକ୍ତ ହେଉଥିବା ଜଣେ ମଣିଷର ହସ, ଲୁହ, ମୋହକୁ ନେଇ 'ଧୂସର ଦିଗ୍‌ବଳୟ'ର କାହାଣୀ ଗତିଶୀଳ । ନାରାୟଣ ଦାଶଙ୍କ ପାରିବାରିକ ଜୀବନର ସଂଘର୍ଷ, ଦ୍ୱନ୍ଦ୍ୱ, ସଂଘାତକୁ ଔପନ୍ୟାସିକା ଅତି ସମ୍ବେଦନଶୀଳ ଭାବେ ବର୍ଣ୍ଣନା କରିଛନ୍ତି । ପରିବାରର ସମ୍ମାନ ରକ୍ଷା କରିବା ପାଇଁ ନାରାୟଣ ଦାଶ ଓ ବିଷ୍ଣୁପ୍ରିୟା ନିଜକୁ ତିଳ ତିଳ କରି ଜାଳି ଦେଇଛନ୍ତି । ଉଭୟଙ୍କ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ଉପନ୍ୟାସଟିକୁ ଅଧିକ ମାର୍ମିକ କରିଛି । 'ବସୁଧୈବ କୁଟୁମ୍ବକମ୍'ର ମହତ୍ ଚିନ୍ତାଧାରା ପ୍ରତିଫଳିତ ହୋଇଛି ଏହି ଉପନ୍ୟାସରେ । ଗ୍ରାମ୍ୟ ଚଳଣି, ସଂସ୍କୃତି, ପରମ୍ପରାର ଚିତ୍ର ମଧ 'ଧୂସର ଦିଗ୍‌ବଳୟ' ଉପନ୍ୟାସରେ ପ୍ରସ୍ଫୁଟିତ ହୋଇଉଠିଛି । ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ପାରିବାରିକ ସଂଘର୍ଷର ଚିତ୍ର ଉପନ୍ୟାସକୁ ଅଧିକ ରମଣୀୟ କରିଛି । ଚରିତ୍ର ଚିତ୍ରଣରେ ଚମତ୍କାରିତା, କାହାଣୀରେ ନୂତନତା, ନିଆରା ଉପସ୍ଥାପନା ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା ପ୍ରୟୋଗ ଯୋଗୁଁ ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଭାବ ଭକ୍ତି ପ୍ରେମ

ତୁଷାରକାନ୍ତ ମହାନ୍ତି



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଶ୍ରୀ ଶ୍ରୀ ଚାଟେଶ୍ୱର ମହାଦେବଙ୍କ ମହିମା ଅପାର । ଭକ୍ତ ତଲ୍ଲୀନ ହୋଇଉଠେ ମହାଦେବଙ୍କ ଭକ୍ତିଭାବରେ । ସେଇ ମହାପ୍ରଭୁ ଚାଟେଶ୍ୱର ବାବାଙ୍କ ପ୍ରତି ସମର୍ପିତ ଭକ୍ତିଭାବନାରୁ ଜାତ ହୋଇଛି ତୁଷାରକାନ୍ତ ମହାନ୍ତିଙ୍କ 'ଭାବ ଭକ୍ତି ପ୍ରେମ' ପୁସ୍ତକର କବିତାଗୁଡ଼ିକ । ଏହି ପୁସ୍ତକରେ ସଂକଳିତ 'ଚାଲ ଚାଲ ଚାଲରେ ଯିବା ଚାଟେଶ୍ୱର ଧାମକୁ', 'ଜୟ ଜୟ ବାବା ଶ୍ରୀ ଚାଟେଶ୍ୱର', 'ଜୟ ହର ହର ଶିବଶଙ୍କର', 'ଆହେ ଶିବ ମହାଦେବ', 'ବାବା ଚାଟେଶ୍ୱର' ଆଦି କବିତାରେ ମହାଦେବଙ୍କ ସ୍ତୁତି ଗାନ କରାଯାଇଛି । 'କାଳିଆ ଧନକୁ ମୋର', 'କଳା ଠାକୁର', 'ପତିତପାବନ ହାତଠାରୁ ଅଟି', 'ଜଗନ୍ନାଥ ତୁମେ ତ ଜଗତ ସାଇଁ', 'ତୁ ଆରେ କାଳିଆ', 'କହରେ କାଳିଆ', 'ତୁମକୁ ହେ ଜଗନ୍ନାଥ' ଆଦି କବିତାରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତିଭାବନା ପ୍ରସ୍ଫୁଟିତ ହୋଇଉଠିଛି । କାଳିଆ ଠାକୁରଙ୍କ ପାଖରେ କବି ନିଜର ମାନ ଅଭିମାନ, ପ୍ରେମ ଓ ଭକ୍ତି ଗଦ୍‌ଗଦ୍ ହୋଇ ଜଣାଉଛନ୍ତି । ଭାବ, ଭକ୍ତି ଓ ପ୍ରେମର ଉଚ୍ଛ୍ୱାସ ଯୋଗୁଁ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସରଳ ଓ ବୋଧଗମ୍ୟ ଭାଷାରେ ରଚିତ 'ଭାବ ଭକ୍ତି ପ୍ରେମ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ପ୍ରାଣକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ-ପାକିସ୍ତାନ...

ବିଭାଗର ଭବିଷ୍ୟବାଣୀ ଉତ୍ସାହଜନକ ନୁହେଁ। ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ମହାମୁକାବିଲା ବାଧାପ୍ରାପ୍ତ ହୋଇପାରେ। ଗୋଟିଏ ସ୍ଥାନରେ ଖେଳିବା, କଲମ୍ବୋର ମନ୍ଥର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇନେବା ପରେ ପାକିସ୍ତାନ ମଧ୍ୟ ଶକ୍ତିଶାଳୀ ଭାରତକୁ ଟକ୍କର ଦେବ ବୋଲି ଆଶା ରଖୁଛି। ପାକିସ୍ତାନୀ ଅଧିନାୟକ ସଲମାନ ଅଲି ଆଘା ଏହି ମୁକାବିଲାରେ ଭାରତ 'ସ୍ପିରିଟ୍ ଅଫ୍ କ୍ରିକେଟ'ରେ ବା ଖେଳୱାଡ ମନୋଭାବ ନେଇ ଖେଳିବ ବୋଲି ଆଶା କରିଛନ୍ତି। ଏହାର ଅର୍ଥ ଏହି ମୁକାବିଲାରେ ଉଭୟ ଦଳର ଅଧିନାୟକ ଓ ଖେଳାଳି ପରସ୍ପର ସହ ହ୍ୟାଣ୍ଡସେକ୍ କରିବେ ବୋଲି ସେ ପରୋକ୍ଷରେ ଆଶା ରଖିଛନ୍ତି। ନିକଟରେ ଖେଳାଯାଇଥିବା ଏସିଆ କପ୍‌ରେ କେହି କାହା ସହ କରମର୍ଦ୍ଦନ କରି ନ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଫାଇନାଲ ସହ ଉଭୟ ଦଳ ପରସ୍ପର ସହ ୩ଥର ମୁକାବିଲା କରିଥିଲେ ଓ ସମସ୍ତ ୩ଟିଯାକ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଏଥର ମଧ୍ୟ ଏଠାରେ ଖେଳ ଦେଖିବାକୁ ଆସିଥିବା ୧୬,୦୦୦ ଦର୍ଶକଙ୍କ ସହ କୋଟି କୋଟି ଭାରତୀୟ ସମର୍ଥକ ଏଭଳି ଆଶା ରଖୁଛନ୍ତି।

ତେବେ ଏହି ମହାମୁକାବିଲାକୁ ନେଇ ପାଣିପାଗ ବିଭାଗର ଭବିଷ୍ୟବାଣୀ ଉତ୍ସାହଜନକ ନୁହେଁ। ବର୍ଷା ସମ୍ଭାବନା ଥିବାରୁ ମୁକାବିଲାଟି ବାଧାପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଆସନ୍ତାକାଲି ବର୍ଷା ସମ୍ଭାବନା ୬୦ ପ୍ରତିଶତ ରହିଛି ବୋଲି ଶ୍ରୀଲଙ୍କା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତରେ ଖେଳିବାକୁ ବାଂଲାଦେଶ ମନା କରିବା ଦାବିକୁ ସମର୍ଥନ କରି ପାକିସ୍ତାନ ସରକାର ପ୍ରଥମେ ଏହି ମ୍ୟାଚ୍ ବୟକଟ କରିବାକୁ ଘୋଷଣା କରିଥିଲେ। ପରେ ଆଇସିସି ଓ ପିସିବି ମଧ୍ୟରେ ଆଲୋଚନା ହେବା ପରେ ଭାରତ ସହ ଖେଳିବାକୁ ପାକିସ୍ତାନ ରାଜି ହୋଇଥିଲା। ଏହି ଘଟଣା ପରେ ଆସନ୍ତାକାଲି ମୁକାବିଲାର ଗୁରୁତ୍ୱ ବୃଦ୍ଧି ପାଇଛି। କଲମ୍ବୋ ପିଚ୍‌ରେ ପାକିସ୍ତାନୀ ସ୍ପିନରଙ୍କ ପ୍ରଭାବ ମଧ୍ୟ ସମାନ ପରିମାଣରେ ବଢ଼ିଛି। ଏଣୁ ଭାରତକୁ ୮ମ ବିଜୟ ହାସଲ କରିବାକୁ ହେଲେ ପାକିସ୍ତାନୀ ସ୍ପିନର ଓ ବର୍ଷାର ଜୋରଦାର ମୁକାବିଲା କରିବାକୁ ହେବ। ଉଭୟ ଦଳର ଅଧିନାୟକ ଯଥା ପାକିସ୍ତାନର ସଲମାନ୍ ଅଲୀ ଓ ଭାରତର ସୂର୍ଯ୍ୟକୁମାର ଯାଦବ ଏହି ମୁକାବିଲା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି ବୋଲି ଦୃଢ଼ ଆତ୍ମବିଶ୍ୱାସର ସହ କହିଛନ୍ତି।

### ବିରୋଧୀ ଦଳ ନେତାଙ୍କୁ...

ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ମାତ୍ର ରୁଷ ରାଷ୍ଟ୍ରପତି ବିକ୍ଷୋଭକୁ ଦମନ କରି ଦେଇଥିଲେ। ଏବେ ବ୍ରିଟେନ ଏବଂ ଏହାର ସହଯୋଗୀ ନଭଲେନିଙ୍କ ରିପୋର୍ଟ ବିଶ୍ଲେଷଣ କରି ବିଷ ଦେଇ ତାଙ୍କୁ ମରାଯାଇଥିବା ଦାବି କରାଯାଇଛି। ନଭଲେନିଙ୍କ ଶରୀରରୁ ଏହି ବିଷର ନମୁନା ମଧ୍ୟ ମିଳିଥିଲା। ବ୍ରିଟେନ ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ନଭଲନିଙ୍କ ଶରୀରରୁ ନିଆଯାଇଥିବା ନମୁନାରେ ଏପିବାଟିଡିନ୍ ନାମକ ବିଷ ମିଳିବାର କାରଣ ଦର୍ଶାଯାଇ ନାହିଁ। ମ୍ୟୁନିସ ସିକ୍ୟୁରିଟି କନଫରେନ୍ସରେ ବ୍ରିଟେନର ବିଦେଶ ସଚିବ ୟାଭେଟ କପର କହିଛନ୍ତି ଯେ ଜେଲ୍‌ରେ ଥିବାବେଳେ ନଭଲନୀଙ୍କୁ ଏଭଳି ବିଷ ଦେଇ ହତ୍ୟା କରିବାର କ୍ଷମତା, ସୁଯୋଗ ଏବଂ ଉପାୟ କେବଳ ରୁଷିଆ ସରକାର ପାଖରେ ଥିଲା।

ବ୍ରିଟେନ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ ଏବଂ ନେଦରଲାଣ୍ଡ ପକ୍ଷରୁ ଜାରି ମିଳିତ ବିବୃତ୍ତିରେ କୁହାଯାଇଛି ଯେ ନଭଲେନିଙ୍କୁ ରୁଷିଆ ବିପଦ ଭାବେ ଦେଖୁଥିଲା। ଏଭଳି ବିଷ ବ୍ୟବହାରକାରୀ ରୁଷ ନଭଲେନିଙ୍କୁ ନିଜ ମାର୍ଗରୁ ହଟାଇ ଦେଇଛି। ନିଜ ରାଜନୈତିକ ବିରୋଧୀଙ୍କୁ ସରକାର ଦମନ କରି ଦେଇଥିଲେ। ଏହି ହତ୍ୟା ପାଇଁ ରୁଷ ହିଁ ଦାୟୀ। କାରଣ ଏହି ବିଷ ବେସରକାରୀ ଭାବେ ରୁଷରେ ମିଳୁ ନାହିଁ। ପ୍ରାକୃତିକ ଭାବେ ମଧ୍ୟ ଏହା ମିଳିବା ଅସମ୍ଭବ। ରୁଷରେ ଗଣତନ୍ତ୍ର ନାହିଁ। ମୁକ୍ତ ଗଣତନ୍ତ୍ର ପାଇଁ ଲଢେଇ କରୁଥିବା ନଭଲେନିଙ୍କୁ ସରକାର ହତ୍ୟା କରିଦେଇଥିଲେ। ରୁଷିଆ ରାସାୟନିକ ଅସ୍ତ୍ରଶସ୍ତ୍ର ବିକଶିତ କରୁଥିବା ନେଇ ମଧ୍ୟ ଦାବି କରାଯାଇଛି।

### ସେଚ ବିକାଶକୁ...

ରଖାଯାଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ବ୍ୟାରେଜର ନିର୍ମାଣ ଓ ସାଳନ୍ଦୀ ନଦୀ ପ୍ରଣାଳୀର ସୁଦୃଢ଼ୀକରଣ କାର୍ଯ୍ୟ ଓ ଉନ୍ମୁକ୍ତ କେନାଲ ପ୍ରଣାଳୀ ମାଧ୍ୟମରେ ୩୦୦୦ ହେକ୍ଟର ଚାଷଜମିର ବିତରଣ ପ୍ରଣାଳୀ ସହ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ସମାପ୍ତ ହୋଇସାରିଛି। ତେବେ ଜମି ଅଧିଗ୍ରହଣରେ ବିଳମ୍ବକୁ ଦୃଷ୍ଟି ରେ ରଖି ଉନ୍ମୁକ୍ତ କେନାଲ ପ୍ରଣାଳୀରେ ହେବାକୁ ଥିବା ଅବଶିଷ୍ଟ ୫୭୦୦୦ ହେକ୍ଟର ଚାଷଜମିର ଜଳବଣ୍ଟନ ବ୍ୟବସ୍ଥାକୁ ବର୍ତ୍ତମାନ ଭୂତଳ ପାଇପଲାଇନ ବ୍ୟବସ୍ଥା ମାଧ୍ୟମରେ ୯ ଗୋଟି ପ୍ୟାକେଜରେ କରାଯିବାର ପ୍ରସ୍ତାବକୁ ପୂର୍ବରୁ ଅନୁମୋଦନ କରାଯାଇଛି। ତେବେ ଶନିବାର ଅନୁଷ୍ଠିତ ବୈଠକରେ "ସାଳନ୍ଦୀବାମ ମୁଖ୍ୟ କେନାଲର ୪୯.୮୧୦କିମିରୁ ୫୯.୯୭୦ କିମି, ୫୯.୯୭୦ କିମିରୁ ୬୦.୩୦୪ କିମି ଓ ୭୧.୫୦୫କିମିରୁ ୭୩.୦୦୩ କିମି ମଧ୍ୟରେ ଭୂତଳ ପାଇପଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ନିର୍ମାଣ ସମ୍ପର୍କିତ ୩ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ମୋଟ ୧୫୮୬୭ ହେକ୍ଟର ଚାଷଜମିରେ ଜଳସେଚନ ସହ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ଏହି ୯ ଗୋଟି ପ୍ୟାକେଜ ମଧ୍ୟରୁ ଅନ୍ତର୍ଭୁକ୍ତ ଅଟେ। ଏହି ୩ଟି ପ୍ୟାକେଜ ନିର୍ମାଣ ପାଇଁ ମୋଟ ୩୫୯ କୋଟି ୭୭ ଲକ୍ଷ ୧୨ ହଜାର ୬୪୬ ଟଙ୍କା ଖର୍ଚ୍ଚ ହେବ। ସେହିପରି ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବ୍ୟକ୍ଷଣ ନିମିତ୍ତ ୧୮ କୋଟି ୭୯ ଲକ୍ଷ ୩୨ ହଜାର ୩୫୪ ଟଙ୍କା ଟେଣ୍ଡରଟିକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ପ୍ରକଳ୍ପଟି ଚବିଶି (୨୪) ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖା ଯାଇଛି।

ସେହିପରି ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା(ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ରାଜ୍ୟର ଇଏସଆଇ ହସ୍ପିଟାଲ ଏବଂ ଡିସପେନସାରିରେ ସେବା କରିବା ପାଇଁ ନିଯୁକ୍ତ ବ୍ୟକ୍ତିମାନଙ୍କ ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ ନିୟନ୍ତ୍ରଣ ପାଇଁ ଏହା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି।

### ବଜେଟ ଆକାର...

ବଜେଟ ଗୃହର ଅନୁମୋଦନ ଲାଭ କରିବ। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ଗୃହରେ ଆଗତ କରିଥିଲେ। ସେହିପରି ୧୭୭୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ ଗତ ଆର୍ଥିକ ବର୍ଷରେ ଗୃହର ସମ୍ମତି ଲାଭ କରିଥିଲା। ଅପରପକ୍ଷେ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଚଳିତ ବଜେଟରେ ସରକାର ନୂଆ କିଛି ଯୋଜନା ଆଣି ପାରନ୍ତି। ଧାନ ବିକ୍ରିରେ ଚାଷୀ ହନ୍ତସନ୍ତ, ବୃଦ୍ଧ ବୃଦ୍ଧାଙ୍କୁ ପ୍ରତିଶ୍ରୁତି ମୁତାବକ ୩୫୦୦ ଟଙ୍କା ଭତ୍ତା ଦେଇନପାରିବା ସହ ତୃଣମୂଳସ୍ତରରେ ଭିତ୍ତିଭୂମି ବିକାଶରେ ମନ୍ଥରତା କାରଣରୁ ସରକାରଙ୍କୁ ବିଭିନ୍ନ ମହଲରୁ ସମାଲୋଚିତ ହେବାକୁ ପଡୁଛି। ସେହିପରି ରାଜ୍ୟ ସରକାର ଘୋଷଣା କରିଥିବା ଅନ୍ୟ ଯୋଜନା ଗୁଡ଼ିକ ମଧ୍ୟ ସଫଳତାର ସହ କାର୍ଯ୍ୟକାରୀ ହୋଇପାରି ନାହିଁ। ତେଣୁ ସାଧାରଣରେ ବଢୁଥିବା ଜନଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସରକାର ବଜେଟରେ ସାଧାରଣ ଲୋକଙ୍କ ପାଇଁ ନୂଆ କିଛି ଯୋଜନା ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଇଛି।

### ଅବସରର ୨୦ ବର୍ଷ...

ଅଧିକାରୀଙ୍କ ଲାଗି ଏବେ ସେଭଳି କୌଣସି ନିୟମ ନାହିଁ। କାର୍ଯ୍ୟରତ ଅଧିକାରୀ ଏବଂ ଅବସରପ୍ରାପ୍ତ ଅଧିକାରୀମାନଙ୍କ ଲାଗି ପୁସ୍ତକ ପ୍ରକାଶନ ବିଭିନ୍ନ ପକାର ବ୍ୟବସ୍ଥା ରହିଛି। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହାକୁ ଗୋଟିଏ ପ୍ରକାର ଗାଇଡଲାଇନ୍ସରେ ପରିଣତ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ନରବାଣେଙ୍କ ଏକ ଅପ୍ରକାଶିତ ପୁସ୍ତକକୁ ନେଇ ବିବାଦ ସୃଷ୍ଟି ହେବା ପରେ ସରକାର ଏହି ପଦକ୍ଷେପ ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଯଦି ସରକାର ୨୦ ବର୍ଷର କଟକଣା ଲାଗୁ କରନ୍ତି, ତେବେ କୌଣସି ବି ଅଧିକାରୀ ଅବସର ନେବାର ୨୦ ବର୍ଷ ପର୍ଯ୍ୟନ୍ତ ନିଜର ଚାକିରି କାଳ ସମ୍ବନ୍ଧୀୟ କୌଣସି ଅନୁଭୂତି ବା ତଥ୍ୟ ପୁସ୍ତକ ଆକାରରେ ଲେଖିପାରିବେ ନାହିଁ। ଏହାର ଲକ୍ଷ୍ୟ ହେଉଛି ସାମରିକ ଓ ରଣନୈତିକ ଗୋପନୀୟତା ବଜାୟ ରଖିବା। ୨୦୨୦ରୁ ୨୦୨୪ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୩୫ଟି ପୁସ୍ତକକୁ ଅନୁମତି ଦେଇଥିବା ବେଳେ ଜେନେରାଲ ନରବାଣେଙ୍କ ପୁସ୍ତକ ଏବେ ବି ବିଚାରାଧୀନ ଅଛି। ସୂଚନାଯୋଗ୍ୟ ଯେ, ନରଭାଣେଙ୍କ ଆତ୍ମଜୀବନୀ 'ଫୋର ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ମୁଖ୍ୟତଃ ୩ଟି କାରଣରୁ ବିବାଦ ଦେଖାଦେଇଛି। ସେହି କାରଣଗୁଡ଼ିକ ହେଲା, ରାଜନୈତିକ ବିବାଦ, ସମ୍ବେଦନଶୀଳ ସୂଚନା ଓ ସରକାରୀ ନିର୍ଦ୍ଦେଶର ବିରୁଦ୍ଧାଚରଣ। ଏହି ପୁସ୍ତକରେ ୨୦୨୦ ଭାରତ- ଚୀନ୍ ସୀମା ବିବାଦ, ଗଲୱାନ ଘଟଣା ଓ ଅଗ୍ନିପଥ ଯୋଜନା ବିଷୟରେ ଉଲ୍ଲେଖ ରହିଛି ଓ ଏହାକୁ ନେଇ ବିବାଦ, ଚର୍ଚ୍ଚା ସୃଷ୍ଟି ହୋଇଛି।

ଏହି ପୁସ୍ତକ ପ୍ରକାଶନ ପାଇଁ 'ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍' ସରକାରଙ୍କ ଅନୁମତି ଲୋଡ଼ିଛି। ତେବେ ଏହା ସରକାରଙ୍କର ବିଚାରାଧୀନ ଥିବା ବେଳେ ଉକ୍ତ ପୁସ୍ତକ ବଜାରରେ ଉପଲବ୍ଧ ହେଉଛି। ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହେବାରୁ ସରକାର ଏହାର ତଦନ୍ତ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମଧ୍ୟ ଏଫ୍‌ଆଇଆର ଦାଖଲ କରିବା ପରେ ଯାଞ୍ଚ ଆରମ୍ଭ କରିଛି।

### ଲକ୍ଷେ କୋଟିର...

ଉତ୍ପାଦକ, ସମାବେଶୀ ଏବଂ ଜଳବାୟୁ-ପ୍ରତିରୋଧୀ ସହର ନିର୍ମାଣ ଏହି ପାଣ୍ଠିର ଲକ୍ଷ୍ୟ। ଏହି ପାଣ୍ଠି ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ୨୦୩୩-୩୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହାକୁ ସମ୍ପ୍ରସାରିତ କରାଯିବ। ଏହା ସହରଗୁଡ଼ିକୁ ବିକାଶର କେନ୍ଦ୍ର କରିବା ସହିତ ସେଗୁଡ଼ିକର ସୃଜନଶୀଳ ପୁନର୍ବିକାଶ ଏବଂ ଜଳ ଓ ପରିମଳ ସମ୍ପର୍କିତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସହାୟକ ହେବ।

ପ୍ରକଳ୍ପ ପାଣ୍ଠିର ଅତି କମରେ ୫୦ ପ୍ରତିଶତ ବଜାର ଉତ୍ସରୁ ସଂଗ୍ରହ କରାଯିବା ଆବଶ୍ୟକ, ଯେଉଁଥିରେ ପୌର ବଣ୍ଡ, ବ୍ୟାଙ୍କ ଋଣ ଏବଂ ସରକାରୀ-ଘରୋଇ ସହଭାଗୀତା (ପିପିପି) ଅନ୍ତର୍ଭୁକ୍ତ। ଅବଶିଷ୍ଟ ଅଂଶ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା କିମ୍ବା ଅନ୍ୟାନ୍ୟ ଉତ୍ସ ଦ୍ୱାରା ଯୋଗାଇ ଦିଆଯାଇପାରେ। ସହରାଞ୍ଚଳ ଶାସନ, ବଜାର ଏବଂ ଆର୍ଥିକ ବ୍ୟବସ୍ଥା, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସହରାଞ୍ଚଳ ଯୋଜନାର ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

ୟୁସିଏଫରେ ୫, ୦୦୦ କୋଟି ଟଙ୍କାର ଏକ ସମର୍ପିତ ପାଣ୍ଠି ରହିଛି। ଏହା ୪, ୨୨୩ ସହରଗୁଡ଼ିକର ଋଣଯୋଗ୍ୟତାକୁ ବୃଦ୍ଧି କରିବ। ଛୋଟ ସହର ପାଇଁ ଋଣ ପରିଶୋଧର ଗ୍ୟାରେଣ୍ଟି ମଧ୍ୟ ରହିଛି। ଉତ୍ତର-ପୂର୍ବ ଏବଂ ପାହାଡିଆ ରାଜ୍ୟର ସମସ୍ତ ସହର/ସହରୀ ପ୍ରଶାସନିକ ସଂସ୍ଥା (ୟୁଏଲବି) ଏବଂ ଅନ୍ୟ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଛୋଟ ୟୁଏଲବି (୧୦୦, ୦୦୦ରୁ କମ ଜନସଂଖ୍ୟା) ପାଇଁ ବଜାର ଆର୍ଥିକ ସହାୟତା ପାଇଁ ପ୍ରଥମ ଥର ୫, ୦୦୦ କୋଟି ଟଙ୍କାର ଋଣ ପରିଶୋଧ ଗ୍ୟାରେଣ୍ଟି ଯୋଜନାକୁ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ପ୍ରଥମ ଥର ଋଣ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ କିମ୍ବା ଋଣ ପରିମାଣର ୭୦ ପ୍ରତିଶତ (ଯାହା କମ୍) କେନ୍ଦ୍ରୀୟ ଗ୍ୟାରେଣ୍ଟି ପ୍ରଦାନ କରିବ। ପ୍ରଥମ ଋଣର ସଫଳ ପରିଶୋଧ ପରେ ୭ କୋଟି ଟଙ୍କା କିମ୍ବା ଋଣ ପରିମାଣର ୫୦ ପ୍ରତିଶତ (ଯାହା କମ୍) କେନ୍ଦ୍ରୀୟ ଗ୍ୟାରେଣ୍ଟି ପ୍ରଦାନ କରାଯିବ। ଏହା ସର୍ବନିମ୍ନ ୨୦ କୋଟି ଟଙ୍କା ଏବଂ ପରବର୍ତ୍ତୀ ୨୮ କୋଟି ଟଙ୍କା ପର୍ଯ୍ୟନ୍ତ ଛୋଟ ସହରଗୁଡ଼ିକରେ ପ୍ରଥମ ଥର ପାଇଁ ପ୍ରକଳ୍ପଗୁଡ଼ିକୁ ପ୍ରଭାବଶାଳୀ ଭାବରେ ସମର୍ଥନ କରିବ।

### ଚୋର ସନ୍ଦେହରେ...

କରି କୋର୍ଟଚାଲାଣ କରିଛି। ଆଗକୁ ଏହି ମାମଲାରେ ଆହୁରି ଅନେକ ଗିରଫ ହେବେ ବୋଲି ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି। ସୂଚନାନୁସାରେ, ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଗାଁର ବେଣୁଧର ପ୍ରଧାନ ଓ ତାଙ୍କର କିଛି ସହଯୋଗୀ ଶୁକ୍ରବାର ରାତିରେ ସାର୍ଦ୍ଦୁଳ ଗ୍ରାମର ସୁଶାନ୍ତ ଗୌଡ଼ଙ୍କ ଘରେ ପଶିଥିଲେ। କେହି ନଥିବାର ସୁଯୋଗ ନେଇ ସେମାନେ ଘର ଆସବାବପତ୍ର ଏଣେତେଣେ ଫୋପାଡ଼ିବା ସହ ଟଙ୍କା, ସୁନା ଖୋଜୁଥିଲେ। ଏତିକିବେଳେ, ଗାଁ ଲୋକେ ସେଠାକୁ ଧାଇଁ ଆସିବାରୁ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଦୁର୍ବୃତ୍ତମାନେ କାର୍‌ରେ ଖସି ପଳାଉଥିବା ବେଳେ ସେମାନଙ୍କ ମଧ୍ୟରୁ ବେଣୁଧରକୁ ଗାଁଲୋକେ ଧରି ପକାଇଥିଲେ। ପରେ ତାଙ୍କୁ ଗାଁ ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତିସାରା ନିସ୍ଠୁକ ମାଡ଼ ମାରିଥିଲେ। ଶନିବାର ଭୋର୍‌ରେ ଗୁରୁତର ଅବସ୍ଥାରେ ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମେଡିକାଲ କର୍ତ୍ତୃପକ୍ଷ ଏନେଇ ସୂଚନା ଦେବା ପରେ ଭଞ୍ଜନଗର ପୁଲିସ ଗାଁରୁ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଉଠାଇ ନେଇଥିଲା। ଏବେ ବି ସାର୍ଦ୍ଦୁଳ ଗାଁରେ ପୁଲିସ ପଇଁତରା ମାରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ତଥ୍ୟ ଓ ରକ୍ତନମୁନା ସଂଗ୍ରହ କରିଛି।

ମୃତ ବେଣୁଧର ନାଁରେ ପୂର୍ବରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ସିନ୍ଧିଚୋରି ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ, ଏସ୍‌ଡିପିଓ ଡକ୍ଟର ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା, ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବରଙ୍କ ସମେତ ୪ ଜଣ ଇନ୍ସପେକ୍ଟର, ବହୁ ସବ୍ ଇନ୍ସପେକ୍ଟର, ପୁଲିସ କର୍ମଚାରୀଙ୍କ ସମେତ ଓଏସ୍‌ଏସ୍‌ଏପି ବାହିନୀ ଗାଁରେ ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଏସ୍‌ପି ରଞ୍ଜନ କୁମାର ଦେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ବିସ୍ତୃତ ବିବରଣୀ ରଖିଛନ୍ତି।

### ସରକାରଙ୍କ 'ନ ଯିବା...

ଘୋଷଣା ହୋଇଥିବାବେଳେ ସେଥିରେ ସମ୍ବଲପୁରର ନାମ ନ ଥିବା ଦେଖାଯାଉଛି। ବୁର୍ଲାସ୍ଥିତ ଭିମ୍‌ସାର ସଙ୍କଟାପନ୍ନ ରୋଗୀ, ଦୁର୍ଘଟଣାଗ୍ରସ୍ତ, ଗୁରୁତର ରୋଗୀଙ୍କ ପାଇଁ କେବଳ ଏକ ରେଫରାଲ୍ ଡାକ୍ତରଖାନା ହୋଇ ରହିଯାଇଛି। ପଶ୍ଚିମ ଓଡ଼ିଶାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ବଲପୁରରେ ଏମ୍‌ସ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ୨୦୨୪ ମସିହା ସେପ୍ଟେମ୍ବର ୮ ତାରିଖ ନୂଆଁଖାଇ ଅବସରରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଦ୍ୱିତୀୟ ଏମ୍‌ସ ସମ୍ବଲପୁରଠାରେ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ। ସେହିବର୍ଷ ନଭେମ୍ବର ୨୪ ତାରିଖ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ବଲପୁର ଜିଲ୍ଲା ରେଙ୍ଗାଲିଠାରେ ଆୟୋଜିତ ପଶ୍ଚିମ ଓଡ଼ିଶା ୨୦ଘର କେଉଁଟ କୁଟୁମ୍ବ ବନ୍ଧୁମିଳନ ସମାରୋହରେ ଯୋଗଦେବା ଅବସରରେ ସମ୍ବଲପୁରେ ରାଜ୍ୟର ଦ୍ୱିତୀୟ ଏମ୍‌ସ ହେବାକୁ ଯାଉଛି, ଏଥିପାଇଁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଭୂମି ଚିହ୍ନଟ, ମାପଚୁପ ଆଦି ଆନୁସଙ୍ଗିକ କାର୍ଯ୍ୟ ଚାଲିଛି। ଦ୍ୱିତୀୟ ଏମ୍‌ସ ପାଇଁ ସରକାର 'ରେକମେଣ୍ଡ' କରିଛନ୍ତି, ମୁଁ ନିଜେ ଚିଠି ଲେଖିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିଜେ ମୁଁ ଦେଖାକରିକି କହିଛି, କେନ୍ଦ୍ର ସରକାର ତାକୁ ବିଚାରକୁ ନେଇଛନ୍ତି, ନିଶ୍ଚିତ ଭାବରେ ଯଥାସମୟରେ କେନ୍ଦ୍ର ସରକାର ତାହା ଉପରେ ବିଚାର କରିକି ନିଷ୍ପତ୍ତି ନେବେ। ଏନେଇ ଆପଣମାନଙ୍କୁ ଶୀଘ୍ର ସୁଖବର ମିଳିବ ବୋଲି ମନ୍ତ୍ରୀ କହିଥିଲେ। ଏପରିସ୍ଥଳେ ପ୍ରତିଶ୍ରୁତିକୁ ବାସ୍ତବତାରେ ପରିଣତ କରିବାରେ ବାଧା କେଉଁଠି ରହୁଛି ବୋଲି ପଶ୍ଚିମ ଓଡ଼ିଶାବାସୀ ପ୍ରଶ୍ନ କରୁଛନ୍ତି।

## ରେଡିଓ ପ୍ରସାରକମାନଙ୍କ ପାଇଁ ନିର୍ବାଚନ ସଚେତନତା ଦକ୍ଷତା ବୃଦ୍ଧି କର୍ମଶାଳା

# ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ



**ଭୁବନେଶ୍ୱର,୧୪।୨(ସମିସ):** ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ ବୋଲି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ କହିଛନ୍ତି। ଦ ସୋସିଓଜେନିକ୍ ଫାଉଣ୍ଡେସନ୍ ଏବଂ ଆଉଟରିଚ୍ ପକ୍ଷରୁ ଆୟୋଜିତ 'ରେଡିଓ ପ୍ରସାରକମାନଙ୍କ ପାଇଁ ଏକ ରାଜ୍ୟ ସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର.ଏସ୍. ଗୋପାଳନ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍‌ଆଇଆର୍) ଉପରେ ଗୁରୁତ୍ୱାରୋପ କରି ୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜିକୃତ କରିପାରିବେ, ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ବିଷୟରେ ସଚେତନ କରିବା ସହ କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଶ୍ରୀ ଗୋପାଳନ ପରାମର୍ଶ ଦେଇଥିଲେ।

ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ ଶନିବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ,ବରିଷ୍ଠ ରେଡ଼ିଓ ପ୍ରସାରକ ଅଶୋକ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କହିଛନ୍ତି। ତେଣୁ ରେଡ଼ିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ କର୍ମଶାଳାରେ ଆଲୋଚନା କରାଯାଇଥିଲା।

# ଆରମ୍ଭ ହେଲା 'ଅପରେସନ୍ ସାଇବର କବଚ'

**ଏସପି ଓ ଡିସିପିଙ୍କ ନେତୃତ୍ୱରେ ଟାସ୍କଫୋର୍ସ**

**କଟକ,୧୪।୨(ସମିସ):** ସାଇବର୍ ସୁରକ୍ଷାକୁ ସୁଦୃଢ଼ ଏବଂ ସଂଗଠିତ କରାଯିବା ସହ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ସାଇବର କବଚ' ଆରମ୍ଭ ହୋଇଛି। ଏହି ଅଭିଯାନ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇବର୍ ଠକେଇ ପାଇଁ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଓ ଜାଲ୍ ସିମ୍ କାର୍ଡର କାରବାରକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ଇଣ୍ଡିଆନ ସାଇବର୍ କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର୍‌ର ତଥ୍ୟ ଓ ଗାଇଡ଼ ଆଧାରରେ ଏହି ଅଭିଯାନ ପରିଚାଳିତ ହେଉଛି। ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ କମିଶନରେଟ ପୁଲିସ ଡିସିପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି।

ପ୍ରକାଶଥାଉକି, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗତ ୧୧ ଫେବୃଆରିରେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ଅଭିଯାନ ସମ୍ପର୍କରେ ଘୋଷଣା କରିଥିଲେ। ସେହି ଅନୁଯାୟୀ, ବଲାଙ୍ଗୀର ଜିଲ୍ଲା ପୁଲିସ ଏକ ବଡ଼ ସାଇବର ଅପରାଧକୁ ପର୍ଦ୍ଦାଫାସ କରିଛି। ବିଭିନ୍ନ ଲୋକଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ୫ କୋଟିରୁ ଅଧିକ ଟଙ୍କା ଠକେଇ ଘଟଣାରେ ୨ଜଣ ସାଇବର ଅପରାଧୀଙ୍କୁ ପୁଲିସ ଗିରଫ କରିଛି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ସାଇବର ଠକେଇ ସମ୍ପର୍କିତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର ମାମଲାରେ ଏକ ମାମଲା ରୁଜୁ କରାଯାଇ ୪ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ ସହ ସେମାନଙ୍କ ବିରୋଧରେ ନୋଟିସ୍ ଜାରି କରାଯାଇଛି। ନକଲି ପରିଚୟପତ୍ର ବ୍ୟବହାର କରି ବଲ୍କ ସିମ୍‌କାର୍ଡ ବିକ୍ରି କରୁଥିବା ଅପରେଟର୍‌ମାନଙ୍କୁ ଚିହ୍ନଟ କରି ଗିରଫ କରାଯିବ। ସାଇବର ଅପରାଧୀମାନଙ୍କ ଟଙ୍କା ଉଠାଣ ସମ୍ପର୍କିତ ହଟସ୍ପଟ୍‌ଗୁଡ଼ିକୁ ଚିହ୍ନଟ କରି ନିୟନ୍ତ୍ରଣ କରାଯିବ। ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟ ତଦନ୍ତ ପାଇଁ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସଂସ୍ଥା ସହ ଉତ୍ତମ ସମନ୍ୱୟ ରଖାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।


**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707


**AFFIDAVIT**

By virtue of an affidavit sworn before The Executive Magistrate, Titilagarh, on dated-13/02/2026. I, **Chermen Bag** (new name), S/o Hamid Bag, permanent & current resident of AT: Palsapada, Jamkani, PO: Bankel, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Teramen Bag** to **Chermen Bag.** Henceforth, I shall be known as **Chermen Bag** (new name) for all future purposes.

**Chermen Bag**

**AFFIDAVIT**

By virtue of an affidavit **no 55** before the **Executive Magistrate, Bhubaneswar, dtd.03.02.2026,** I Mohammad Sadre Alam, resident of Plot No. 187/470, Azad Nagar, Kochilaput, Lane No. 2, Bhubaneswar, Dist- Khordha-751002, do hereby declare that I have changed my name from **Sadre Alam Mohammad to Mohammad Sadre Alam.** Henceforth I shall be known as **Mohammad Sadre Alam** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhawanipatna, Kalahandi on dated 04/02/2026. I, Taslima Firdous present resident of Gosal pada, At/PO:- Bhawanipatna, P.S.- Bhawanipatna Town Dist.:- Kalahandi, Odisha declare that I have changed my name from TASLIMA FIRDOUS to DIBYANI PATRA. Henceforth, I shall be known as **DIBYANI PATRA** for all purposes.

**DIBYANI PATRA**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-13/02/2026. I, **Amit Tandi** (new name), S/o Bhala Tandi, permanent & current resident of AT: Tupaudar, PO: Totopara, PS: Muribahal, Dist: Balangir, State: Odisha, PIN: 767033 declare that I have changed my name from **Amrit Tandi** to **Amit Tandi.** Henceforth, I shall be known as **Amit Tandi** (new name) for all future purposes.

**Amit Tandi**

25001/169/2526 E.Mail – rw_sundargarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E-PROCUREMENT NOTICE
**BID IDENTIFICATION NO. ONLINE-SESNG-27 of 2025-26**

1. Name of the Work :- Road Work
2. Total No. of works :- 2 no Road
3. Estimated cost :- From Rs.45.91 Lakhs to Rs.46.61 Lakhs
4. Class of contractor :- Only 'B'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh.** | **Online-SESNG-27 of 2025-26** | **18.02.2026 11.00 A.M** | **26.02.2026 5.00 P.M** |

Further details can be seen from the website www.tendersorissa.gov.in

OIPR-25001/25046/1/25-26/0004

Executive Engineer
Rural Works Division, Sundargarh

WORKS DEPARTMENT 34001/67/2526
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E. 80 /2025-26

1. Number of works - Road, Building and electric works
2. Approximate estimated cost: - 2.26 lakh to 67.77 lakh
3. Period of Completion :- 01 (One) & 02 (two) Calendar Months
4. Date & Time of availability of bid documents in the portal:- Dt. 19.02.2026 to 05.03.2026
5. Last Date / Time of receipt of bid in the portal :- Dt. 05.03.2026 up to 5.00 PM
6. Date of Opening of bid:- Dt. 06.03.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR-34001/34025/1/25-26/0001

**OFFICE OF THE MUNICIPAL COUNCIL, TALCHER**
**'e' – Procurement Notice** 13001/253/2526
**Tender Reference No. TCRM-13/2025-26**
**Bid Identification No. 2026_ORULB_125906**
**No. 536/ Dt. 11.02.2026**

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20website i.e. www.tendersorissa.gov.in

1) Name of the Work :- Civil work as mentioned in the website.
2) No. of works :- 1 No.
3) Estimated Cost :- Rs. 19.96 lakhs
4) Period of Completion :- As per DTCN
5) Date & time of availability of Bid document in the portal :- dt.12.02.2026 at 4.00 PM
6) Last date & time for receipt of Bid in the portal :- dt.21.02.2026 at 5.00 PM
7) Date of Opening Bid :- dt.23.02.2026 at 11.00 AM
8) Name & Address of the Officer inviting the bid :- Executive Officer, Talcher Municipality
9) The bidders have to participate in ONLINE bidding only.
Further details can be seen from the procurement portal i.e. www.tendersorissa.gov.in

OIPR-13001/13077/1/25-26/0015

Executive Officer
Talcher Municipality

**Government of Odisha "e" procurement Notice** 34001/79/2526
OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
*E-mail* – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/42/2025-26

1. Name of the work :- 1. PROVISION OF LIFT MACHINE AT NEWLY CONSTRUCTED CCE OFFICE RW CIRCLE OFFICE KEONJHAR FOR THE YEAR 2025-26"
2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR"
2. Estimated Cost :- 1. **Rs.16,62,694/-** 2. **Rs.8,05,024/-**
3. Availability of bid document in the website. :- 11.30 Hours of 17.02.2026 to 17:00 Hours of 27.02.2026
4. Date of Opening of Tenders :- 11:30 Hours on dt. 02.03.2026

Further details and any corrigendum/Addendum/cancellation of tender can be seen from the Web Site **www.tendersodisha.gov.in** only.

Executive Engineer
R.W Electrical Division Sambalpur

OIPR-34001/34175/1/25-26/0001

**"e" PROCUREMENT NOTICE** 13001/235/2526
**JAJPUR MUNICIPALITY: JAJPUR**
Tender Call Notice No.: 488Date: 13.02.26

Bid documents consisting of the schedule of quantities and the set of Terms & Conditions of contract and other necessary documents can be seen in the Government Website i.e. www.tendersodisha.gov.in

1. Name of work : wall arts different places
2. No. of works : 2 (Two) Nos.
3. Bid Value : Rs. 845457/- to 847458/-
4. Bid Id : JM-08/2025-26
5. Tender Id : 2026_ORULB_125978_01 & 2026_ORULB_125978_2
6. Period of Completion : 60 Days
7. Date of availability of Bid documents in the portal :From 05.00 P.M of Dt. 14.02.2026 to 24.02.2026 up to 5.00 P.M
8. Last Date for receipt of Bids in the portal :Dt. 24.02.2026 up to 5.00 P.M
9. Bids received online shall be opened on :Dt. 27.02.2026 at 11.00 A.M
10. Name & address of the officer inviting Bid :Executive Officer, Jajpur Municipality.

All other terms and conditions are available in the DTCN & BOQ uploaded in the above website.

Executive Officer,
Jajpur Municipality

OIPR-13001/13171/1/25-26/0001

# ନିର୍ବାହୀ ଅଧିକାରୀ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କଲେ ପୌରାଧ୍ୟକ୍ଷା

ଝାରସୁଗୁଡ଼ା, ୧୪।୨(ସମିସ)



- ସାମ୍ବାଦିକ ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା ଓ ପୌରାଧ୍ୟକ୍ଷାଙ୍କ ସ୍ପଷ୍ଟୀକରଣ
- ୭ ଦିନରେ ଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ଝାରସୁଗୁଡ଼ାର ଏକ ଘରୋଇ ହୋଟେଲରେ ଜିଲ୍ଲା ବିଜେଡି ଏବଂ ଝାରସୁଗୁଡ଼ା ପୌରପରିଷଦର ପୌରାଧ୍ୟକ୍ଷା ଏବଂ କାଉନସିଲର ମାନଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ପୌରାଧ୍ୟକ୍ଷାଙ୍କୁ ମାନସିକ ନିର୍ଯାତନା ଦେବା ସହିତ ଦସ୍ତଖତ ପାଇଁ ଚାପ ପକାଉଥିବା ନିଜେ ପୌରାଧ୍ୟକ୍ଷା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଭାଜପା ଅଭିଯୋଗ କରୁଥିବା ସମସ୍ତ ତଥ୍ୟ ଭିତ୍ତିହୀନ ଏବଂ ପୌରାଧ୍ୟକ୍ଷା ସମସ୍ତ କାର୍ଯ୍ୟଗୁଡିକ ପୌର ଆଇନ ମଧ୍ୟରେ କରିଛନ୍ତି ବୋଲି କୁହାଯାଇଛି। ଦୁର୍ନୀତିରେ ଲିପ୍ତ ଥିବା ଝାରସୁଗୁଡ଼ା ପୌର ପରିଷଦର ଇଓଙ୍କ ବିରୋଧରେ ଯଦି ଆସନ୍ତା ଏକ ସପ୍ତାହ ମଧ୍ୟରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ପୌର ପରିଷଦ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଜିଲ୍ଲା ବିଜେଡି ପକ୍ଷରୁ କୁହାଯାଇଛି।

ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, କାଉନସିଲର ନବନୀତ କୌର, ବିଜେଡି ଯୁବ ସଭାପତି ରୁବିନ ପାଣ୍ଡେ ପ୍ରମୁଖ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଭାଜପା ପକ୍ଷରୁ ପୌରାଧ୍ୟକ୍ଷାଙ୍କ ନାମରେ କରାଯାଇଥିବା ଅଭିଯୋଗ ଗୁଡିକ ଭିତ୍ତିହୀନ ବୋଲି କହିଥିଲେ। ଏହି ଅବସରରେ ଜେଇମ ପୋର୍ଟାଲ୍ ମାଧ୍ୟମରେ କ୍ରୟ କରାଯାଇଥିବା ଗୋଷ୍ଠୀ ଶୌଚାଳୟ, ସାଧାରଣ ଶୌଚାଳୟ, ଆସ୍ପିରେସ୍ନାଲ୍ ଶୌଚାଳୟ, ଏଲ୍ଇଡି ପ୍ରଦର୍ଶନୀ ବୋର୍ଡ ଏବଂ ଫଗିଂ ମେସିନ୍ ଆଦିର କ୍ରୟ ତଥା ସ୍ଥାପନ ପ୍ରକ୍ରିୟା ସରକାରୀ ଇ-ମାର୍କେଟ୍ ମାଧ୍ୟମରେ କରାଯାଇଛି ବୋଲି କୁହାଯାଇଥିଲା। ଭାରତ ସରକାରଙ୍କ ଅଗଷ୍ଟ ୨୦୧୬ ନିର୍ଦ୍ଦେଶାବଳୀ ଅନୁଯାୟୀ ସାମଗ୍ରୀ କ୍ରୟ ଏବଂ ପେମେଣ୍ଟ କରିବା ପାଇଁ ପୌର ଯନ୍ତ୍ରୀ ଏବଂ ଇଓଙ୍କୁ ସରକାରଙ୍କ ପକ୍ଷରୁ ବାୟର୍ ପାସୱାର୍ଡ ପ୍ରଦାନ କରାଯାଇଛି। ଜିଇଏମର ନିୟମ ଓ ସର୍ତ୍ତାବଳୀ ପାଳନ କରିବା ପାଇଁ କେବଳ ପୌର ଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀ ହିଁ ଦାୟୀ। ଏଣୁ ଏହି କ୍ରୟ ପ୍ରକ୍ରିୟାରେ ଚେୟାରମ୍ୟାନ୍‌ଙ୍କର କୌଣସି ଭୂମିକା ନଥିବାରୁ ତାଙ୍କର ସମ୍ପୃକ୍ତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରାଯାଉଛି।

ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପାର୍କର ବିକାଶ କାର୍ଯ୍ୟ ପୌରପାଳିକା ଦ୍ୱାରା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସମ୍ପାଦିତ ହୋଇଛି। ତତ୍କାଳୀନ ଜିଲ୍ଲାପାଳଙ୍କ ଦ୍ୱାରା ଏହାର ସୁପାରିଶ କରାଯାଇଥିଲା। ଏହି ପ୍ରକଳ୍ପର ଅଟକଳ ଏବଂ ବିସ୍ତୃତ ପ୍ରକଳ୍ପ ବିବରଣୀ ଆଇଏଲଡବ୍ଲ୍ୟୁ ବା ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ନବ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରକ୍ରିୟାରେ ମଧ୍ୟ ସ୍ୱଚ୍ଛତା ସମ୍ପର୍କିତ ସ୍ପଷ୍ଟୀକରଣ ବିଜେଡି କର୍ମକର୍ତ୍ତା ଓ କାଉନସିଲର ଦେଇଥିଲେ। ଦାଣ୍ଡି ଯାତ୍ରା, ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଓଡ଼ିଶା ସରକାରଙ୍କ ମୁକ୍ତା ଯୋଜନାର ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ସମ୍ପାଦିତ ହୋଇଛି। ଯୋଜନାର ନିୟମ ଅନୁସାରେ ସ୍ଥାନୀୟ ଶ୍ରମିକ ଓ ଗୋଷ୍ଠୀଗତ ସମ୍ପୃକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ବ୍ୟକ୍ତିଗତ ନିଷ୍ପତ୍ତି ନୁହେଁ ବରଂ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କରାଯାଇଛି। ଏହି କାର୍ଯ୍ୟର ତଦାରଖ ପୌର ଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହୋଇଛି। ସମସ୍ତ କାର୍ଯ୍ୟ ସରକାରୀ ପୋର୍ଟାଲ ଏବଂ ପ୍ରଚଳିତ ଟେଣ୍ଡର ନିୟମ ମାଧ୍ୟମରେ ହୋଇଥିବାରୁ ଏଥିରେ କୌଣସି ପ୍ରକାରର ଅନିୟମିତତା ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ବିଜେଡି କହିଛି। ଅମୃତ ଯୋଜନା ଅଧୀନରେ ଲଗାଯାଇଥିବା ଗାର୍ଡେନ ବେଞ୍ଚ ପାଇଁ ପିସ୍ ପିଛା ୨୨ ହଜାର ଟଙ୍କା ମୂଲ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଦର। ଏଥିରେ କୌଣସି ମନଇଚ୍ଛା ମୂଲ୍ୟ ଧାର୍ଯ୍ୟ କରାଯାଇ ନାହିଁ। କୌଣସି କାର୍ଯ୍ୟ ଟେଣ୍ଡର କିମ୍ବା କୋଟେସନ୍ ମାଧ୍ୟମରେ କରାଗଲେ ସମସ୍ତ ଆର୍ଥିକ ନିୟମାବଳୀର କଠୋର ଅନୁପାଳନ ତଦାରଖ ପୌର ଯନ୍ତ୍ରୀ ଏବଂ ଇଓଙ୍କ କାମ। ଏହା ସହିତ ସମସ୍ତ ସାମଗ୍ରୀ କ୍ରୟ ଏବଂ କାର୍ଯ୍ୟ ସମ୍ପାଦନ ପ୍ରସ୍ତାବ କାଉନସିଲ୍ ବୈଠକରେ ଗୃହୀତ ହୋଇଛି। ସମସ୍ତ କାଉନସିଲରଙ୍କ ସମେତ ଭାଜପା କାଉନସିଲର ମଧ୍ୟ ଏହି ପ୍ରସ୍ତାବଗୁଡିକୁ ଅନୁମୋଦନ କରିଛନ୍ତି। କାର୍ଯ୍ୟ ସମ୍ପାଦନ ସମୟରେ ଭାଜପାର କୌଣସି କାଉନସିଲର ଅଭିଯୋଗ କରି ନଥିଲେ।

ଏହାଛଡ଼ା ଆର୍ଥିକ ଅନିୟମିତତା ଅଭିଯୋଗ ଅନୁଯାୟୀ କାଉନସିଲରମାନେ ଗଣମାଧ୍ୟମରେ ଝାରସୁଗୁଡ଼ା ମନ୍ଦିର ପାଇଁ ୧.୫୭ କୋଟି ଟଙ୍କାର କାର୍ଯ୍ୟ ସମ୍ପାଦନ ବିଷୟରେ ଦର୍ଶାଇଥିଲେ। ସେତେବେଳେ ଜଣାପଡ଼ିଥିଲା ଯେ ଗତ ନଭେମ୍ବର ୨୦ରେ ଡିଟିସିଏନ-୪୫୫୯ ରେ ଉଲ୍ଲେଖ ଥିବା ଝାରସୁଗୁଡ଼ା ମନ୍ଦିର ନାମକ କୌଣସି ସ୍ଥାନ ବାସ୍ତବରେ ନାହିଁ। ଏହା ଝାରସୁଗୁଡ଼ା ବାସିନ୍ଦାଙ୍କୁ ବିଭ୍ରାନ୍ତ କରୁଛି ଏବଂ ଇଓ ମାନସରଞ୍ଜନ ମଲ୍ଲିକଙ୍କ ମିଥ୍ୟା ବିଲ୍ ମାଧ୍ୟମରେ ସରକାରୀ ଅର୍ଥ ଆତ୍ମସାତ କରିବାର ମନ୍ଦ ଉଦ୍ଦେଶ୍ୟକୁ ପ୍ରମାଣିତ କରୁଛି। ପୌରାଧ୍ୟକ୍ଷା ରାନୀ ହାତୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, "ମୁଁ ବିଜେଡି ଦଳର ସଦସ୍ୟା ହୋଇଥିବାରୁ, ବର୍ତ୍ତମାନର ନିର୍ବାହୀ ଅଧିକାରୀ କୌଣସି ଆପତ୍ତି ନକରି ସମସ୍ତ ଫାଇଲରେ ସ୍ୱାକ୍ଷର କରିବାକୁ ମୋତେ ସବୁବେଳେ ଧମକ ଦେଉଛନ୍ତି। ମୁଁ ଜଣେ ଅନୁସୂଚିତ ଜାତି ମହିଳା ଚେୟାରମ୍ୟାନ୍ ଏବଂ ରାଜନୀତିରେ ପ୍ରଥମଥର ପାଇଁ ଆସିଥିବାରୁ, ସେ ମୋତେ ସବୁବେଳେ ମାନସିକ ନିର୍ଯାତନା ଦେବା ସହ ଚାପ ପ୍ରୟୋଗ କରୁଛନ୍ତି।" ବିଜେଡି କର୍ମକର୍ତ୍ତା ଓ କାଉନସିଲର ମାନେ ପ୍ରେସମିଟରେ କହିଛନ୍ତି ଯେ ଆର୍ଥିକ କାରବାର ଏବଂ ନିୟମ ପାଳନ କରିବା ପାଇଁ ପୌରଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀ ଆଇନତଃ ଦାୟୀ। ତେଣୁ ଯଦି କୌଣସି ତ୍ରୁଟି ହୋଇଥାଏ, ତେବେ ସେମାନେ ହିଁ ଦାୟୀ ରହିବେ। ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଆଧାରହୀନ। ଏହାପରେ ଜିଲ୍ଲା ପ୍ରଶାସନ ଆଗାମୀ ଏକ ସପ୍ତାହ ମଧ୍ୟରେ ଇଓଙ୍କ ଉପରେ ଅଭିଯୋଗ ହୋଇଥିବା ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପୌର ପରିଷଦ ସମ୍ମୁଖରେ ଧାରଣା ଦିଆଯିବା ସହିତ ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ପୌରାଧ୍ୟକ୍ଷା ରାନୀ ହାତୀ, ଜିଲ୍ଲା ଯୁବ ବିଜେଡି ସଭାପତି ରୋବିନ ପାଣ୍ଡେ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶିବାଶିଷ ପଟ୍ଟନାୟକ, ରଘୁମଣି ପଟେଲ, ପ୍ରତାପ ନନ୍ଦ, ରବି ସିଂ, ପିଣ୍ଟୁ ପାଢ଼ୀ, ଅଶୋକ ଦାସ, ଆଲୋକ ତ୍ରିପାଠୀ, କାଉନସିଲର ନବନିତ୍ କୋର, ନିତୁରାନି ସାହା, ଗୀତାଞ୍ଜଳି ପଣ୍ଡା, ଝରଣା ଭୋଇ, ପ୍ରତିମା ଭଇଁସାଲ ପ୍ରମୁଖ ଉପସ୍ଥିତ ଥିଲେ।

## ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ପ୍ରସ୍ତୁତି

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ଆନୁକୂଲ୍ୟରେ ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଓ ଯୁକ୍ତ ଦୁଇ ପରୀକ୍ଷାର ସଠିକ ପରିଚାଳନା ପାଇଁ ଜିଲ୍ଲା କାର୍ଯ୍ୟାଳୟର ଡିଏମଏଫ ହଲ୍‌ରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲିଲିନା ଲଳିତା ବାର୍ଲା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ ଯୋଗ ଦେଇ ପରୀକ୍ଷାଗୁଡ଼ିକର ସୁପରିଚାଳନା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶାବଳୀ ଅନୁଯାୟୀ ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ପରିଚାଳନା ପାଇଁ ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡ଼ତିଆ ପରୀକ୍ଷା କେନ୍ଦ୍ରଗୁଡ଼ିକର ଆନୁଷଙ୍ଗିକ ବ୍ୟବସ୍ଥା ଓ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାର ଯୁକ୍ତ ଦୁଇ ପରୀକ୍ଷା କେନ୍ଦ୍ର ପାଇଁ ୧୮ ଜଣ କେନ୍ଦ୍ରାଧୀକ୍ଷକ ଓ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି। ସେହିପରି ମାଟ୍ରିକ ପରୀକ୍ଷା ପାଇଁ ଜିଲ୍ଲାରେ ପାଇଁ ୪୦ଟି ପରୀକ୍ଷା କେନ୍ଦ୍ର ପାଇଁ ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହାସହିତ ୨୨ଟି ଡେସ୍କାଟ୍ ଟିମ୍‌ର ଅଧିକାରୀମାନେ ସେମାନଙ୍କର ପରୀକ୍ଷା ପରିଚାଳନା ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ଦୂର କରିଥିଲେ। ପ୍ରକାଶ ଥାଉ କି ଏବର୍ଷ ଜିଲ୍ଲାରେ ମୋଟ୍ ୬୪୦୧ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି। ପରୀକ୍ଷାଗୁଡିକର ସୁପରିଚାଳନା ତଥା ଜରୁରୀକାଳୀନ ସହାୟତା ପାଇଁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଏହା ସହିତ କପି ରୋକିବା ପାଇଁ ଦୁଇଟି ଜିଲ୍ଲା ସ୍ତରୀୟ ଓ ଗୋଟିଏ ରାଜ୍ୟ ସ୍ତରୀୟ ସ୍କ୍ୱାଡ ଗଠନ କରାଯାଇଛି।

- ଅନ୍ତର୍ଜାତୀୟ ମହିଳା ଦିବସ

## ମହିଳା ସଶକ୍ତୀକରଣ ଓ ସୁରକ୍ଷା ଉପରେ ଗୁରୁତ୍ୱ

ଝାରସୁଗୁଡ଼ା, ୧୪।୨(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ଅବସରରେ ଝାରସୁଗୁଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ତ୍ତିଆ ସ୍ୱାଗତ ଭାଷଣରେ ମହିଳା ସଶକ୍ତିକରଣକୁ ଏକ ନିରନ୍ତର ସାମାଜିକ ଆନ୍ଦୋଳନ ଭାବେ ଅଭିହିତ କରିଥିଲେ। କାର୍ଯ୍ୟଶାଳାରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ବିଶେଷଜ୍ଞମାନେ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ମହିଳାମାନଙ୍କ ବିକାଶ ଓ ସୁରକ୍ଷା ଉପରେ ମତାମତ ଦେଇଥିଲେ। ଲିଗାଲ୍ ଏମ୍ପାନେଲ୍ଡ ଆଡଭୋକେଟ୍ ବି.ନାଗେଶ୍ୱରୀ ମହିଳାଙ୍କ ଆଇନଗତ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ସେହାଡା ଏନଜିଓର ନିର୍ଦ୍ଦେଶକ ଆନନ୍ଦିନୀ ପାଢ଼ୀ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ଡିଏସପି ମାଡାମ୍ ହସଦା ମାଣ୍ଡା ମହିଳା ସୁରକ୍ଷା ଓ ଅପରାଧ ନିବାରଣ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଚାଇଲ୍ଡ ୱେଲଫେୟାର କମିଟିର ଅଧ୍ୟକ୍ଷ ଆଶିଷ ପଣ୍ଡା ଶିଶୁ ସୁରକ୍ଷା ଓ ପରିବାର ମୂଲ୍ୟବୋଧ ଏବଂ ଓଏଲଏମର ଡିପିଏମ ପୁଷ୍ପଶ୍ରୀ ନାୟକ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାକୁ କହିଥିଲେ। ସଦର ସୁରକ୍ଷା ଅଧିକାରୀ ମୀନାକ୍ଷୀରାଜ ଏକ ସମାନତାମୂଳକ ସମାଜ ଗଠନ ପାଇଁ ସମସ୍ତଙ୍କୁ ସଙ୍କଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ପିଓ କମ୍ ପିଓ ଯାଜ୍ଞସେନୀ ମହାନନ୍ଦ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଜିଲ୍ଲା ସଂରକ୍ଷକ ଲିଲେଶ୍ୱର ସାହୁ ଓ ଜିଲ୍ଲା ହବ୍‌ର ସମସ୍ତ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଶିବ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା



ରିଆମାଳ, ୧୪।୨(ସମିସ): ରିଆମାଳ ବ୍ଲକ ଅଧୀନ ନାଉଲିପଡ଼ା ଶିବ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରେ ମହାଶିବରାତ୍ରି ଉପଲକ୍ଷେ ଶନିବାର ୧୨ ତମ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାର ଅଡିସନ୍ ରାଉଣ୍ଡ ଆରମ୍ଭ ହୋଇଯାଇଛି। ମନ୍ଦିର କମିଟିର ପୂର୍ବତନ ସଭାପତି ହୃଷୀକେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ନୃତ୍ୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଲୋକନାଥ ପ୍ରଧାନ, ମନ୍ଦିର କମିଟି ସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ, ସମ୍ପାଦକ କୌଶିକ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ପାତ୍ର, କଳା ଶିକ୍ଷକ ଚନ୍ଦ୍ରଭାନୁ ଜ୍ୟୋତିଷ ଓ ନାଟ୍ୟ ନିର୍ଦ୍ଦେଶକ ମିଳନ ପ୍ରଧାନ ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିକ୍ଷକ ପ୍ରହ୍ଲାଦ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ନୃତ୍ୟ ପ୍ରତିଯୋଗିତା କମିଟି ସଭାପତି ପ୍ରଶାନ୍ତ ପ୍ରଧାନ ଓ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅଲେଖ ମହାପାତ୍ର, ସୌଭାଗ୍ୟ ପ୍ରଧାନ, ସାଇ ଅଭିଜିତ ପ୍ରଧାନ, ଅଜିତ ପ୍ରଧାନ, ମୁନ୍ନ ପ୍ରଧାନ, ପୁପୁନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଡିସନ୍ ରାଉଣ୍ଡରୁ ଆସନ୍ତା କାଲି ଫାଇନାଲ ରାଉଣ୍ଡକୁ ୨୦ ଜଣ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହେବେ। ଫାଇନାଲ ରାଉଣ୍ଡର ପ୍ରଥମ ପ୍ରତିଯୋଗୀଙ୍କୁ ୫ ହଜାର ଅର୍ଥରାଶି ସହିତ ଟ୍ରଫି ଓ ଦ୍ୱିତୀୟ ପ୍ରତିଯୋଗୀଙ୍କୁ ୪ ହଜାର ଅର୍ଥରାଶି ସହିତ ଟ୍ରଫି ଏବଂ ତୃତୀୟ ପ୍ରତିଯୋଗୀଙ୍କୁ ୩ ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ। ଦେବଗଡ଼, ଅନୁଗୋଳ, ରେଢ଼ାଖୋଲ, ସମ୍ବଲପୁର, ବଣେଇ, ଅଞ୍ଚଳରୁ ନୃତ୍ୟ ପ୍ରତିଯୋଗୀ ମାନେ ପ୍ରତିଯୋଗିତାରେ ଭାଗ ନେଇଥିବା ଜଣାପଡ଼ିଛି।

## ଚତୁର୍ଥ ଜିଲ୍ଲାସ୍ତରୀୟ ଚୟନ କମିଟି ବୈଠକ

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏବଂ ଏହାର ବିଭିନ୍ନ ଆନୁଷଙ୍ଗିକ ଉପାଦାନ ଅଧୀନରେ ଚତୁର୍ଥ ଜିଲ୍ଲା ସ୍ତରୀୟ ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ମତ୍ସ୍ୟ ଚାଷୀଙ୍କ ଉନ୍ନତି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ସହ ଅନୁମୋଦନ ପ୍ରଦାନ କରାଯାଇଛି। ଏଥିରେ ମତ୍ସ୍ୟ ପୋଖରୀ ଯୋଜନା (ଓ ଓ ଓଓ) ଅଧୀନ ୪ଟି ପ୍ରସ୍ତାବ, ୬ଟି ବାୟୋଫ୍ଲକ୍ ଟ୍ୟାଙ୍କ ବିଶିଷ୍ଟ ୧ଟି ୟୁନିଟ୍, ୧୯ଟି ମତ୍ସ୍ୟ ପାଳନ ଯନ୍ତ୍ରପାତି ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୪ଟି ପୋଷ୍ଟ-ହାର୍ଭେଷ୍ଟ ପରିବହନ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ଓ ଚାଷୀଙ୍କ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନୂତନ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଝାରସୁଗୁଡ଼ାର ଏକତାଲି ଏବଂ ଲଖନପୁରର ବାଘମୁଣ୍ଡାଠାରେ ମତ୍ସ୍ୟ ଜାଆଁଳ ପାଳନ ଫାର୍ମର ଉନ୍ନତିକରଣ ପାଇଁ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି। ଏହାବ୍ୟତୀତ ଲଖନପୁର ବ୍ଲକ ଅଞ୍ଚଳର ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ପାଇଁ ସୋଲାର ଡ୍ରାୟର୍ ମାଧ୍ୟମରେ ଶୁଖୁଆ ପ୍ରସ୍ତୁତି ପ୍ରକଳ୍ପ ଏବଂ ଲଚିପାଲି ଗାଁରେ ନର୍ସରୀ ଟ୍ୟାଙ୍କର ପୁନରୁଦ୍ଧାର ସହ ଏକ ଫିସ୍ ଲ୍ୟାଣ୍ଡିଂ ସେଣ୍ଟର ନିର୍ମାଣ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଉପସ୍ଥିତ ରହି ବିଭିନ୍ନ ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

- ଝାରସୁଗୁଡ଼ା ଜିଲ୍ଲାରେ ବିକାଶର ନୂଆ ରୋଡମ୍ୟାପ୍

## ଉଚ୍ଚପ୍ରାଥମିକତା ସମ୍ପନ୍ନ ପ୍ରକଳ୍ପ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ ତାରିଖରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ଆଭାସୀ ସମୀକ୍ଷା ବୈଠକ ପୂର୍ବରୁ ଜିଲ୍ଲା ଯୋଜନା ଓ ସମୀକ୍ଷା ୟୁନିଟ୍ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଏବଂ ମୁଖ୍ୟ ଶାସନ ସଚିବଙ୍କ ଦକ୍ଷ ମାର୍ଗଦର୍ଶନରେ 'ସମୃଦ୍ଧ ଓଡ଼ିଶା ୨୦୩୬'ର ଦୂରଦୃଷ୍ଟିସମ୍ପନ୍ନ ଲକ୍ଷ୍ୟ ହାସଲ କରିବା ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ, ବିମାନବନ୍ଦର, କ୍ରୀଡା, ସଡକ ଭିତ୍ତିଭୂମି ଏବଂ ଜଳସେଚନ ଭଳି ପ୍ରମୁଖ କ୍ଷେତ୍ରରୁ ୨୫ଟି ଉଚ୍ଚପ୍ରାଥମିକତା ବିଶିଷ୍ଟ ପ୍ରକଳ୍ପ ଚିହ୍ନଟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଏକ ସ୍ପଷ୍ଟ ରଣନୀତି ପ୍ରସ୍ତୁତ କରିବା ସହ ଏହାର ନିୟମିତ ସମୀକ୍ଷା କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ବିକାଶ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା, ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ, ଟିବି ନିରାକରଣ ଅଭିଯାନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବଂ ଖାଲଖମା ମୁକ୍ତ ରାସ୍ତା ନିର୍ମାଣ ଉପରେ ଜିଲ୍ଲାପାଳ ସ୍ୱତନ୍ତ୍ର ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସମସ୍ତ ନିର୍ମାଣାଧୀନ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ କହିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧୪।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଶନିବାର ସଂସ୍କୃତି ଭବନ ପରିସରରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ଏବଂ ଏମବିକେ ମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ସେ ମତବ୍ୟକ୍ତ କରିଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ଭାରତ ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଏହାସହ ପୋଷ୍ଟାଲ ଇନସୁରାନ୍ସ ପିଏ ଅଭିନବ ସାହୁ ଡାକ ବୀମାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଅଧିକାରୀ ସୁମିତ ପ୍ରମାଣିକ ସାଇବର ଅପରାଧରୁ ସୁରକ୍ଷିତ ରହିବାର ଉପାୟ ବତାଇଥିଲେ। ଷ୍ଟେଟ ବ୍ୟାଙ୍କର ଆର୍ଥିକ ସାକ୍ଷରତା ପରାମର୍ଶଦାତା ମୁକୁନ୍ଦ ମାଝୀ ବେଆଇନ ଚିଟଫଣ୍ଡ ସଂସ୍ଥାରେ ଅର୍ଥ ବିନିଯୋଗ କରିବାର ଅପକାରିତା ଓ ସେଥିରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଓଏଲଏମର ଡିପିଏମ ପୁଷ୍ପାଶୀ ନାୟକ ଆର୍ଥିକ ସାକ୍ଷରତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଏବଂ ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## କଲ୍ୟାଣକାରୀ ଯୋଜନା ସମ୍ପର୍କିତ କର୍ମଶାଳା

ଦେବଗଡ଼, ୧୪।୨(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ମେରା ଯୁବା ଭାରତ ଦେବଗଡ଼ ପକ୍ଷରୁ ଆଡସ ପଞ୍ଚାୟତ ସଭାଗୃହରେ କଲ୍ୟାଣକାରୀ ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମେରା ଯୁବା ଭାରତ ଦେବଗଡ଼ର ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଡସ ପଞ୍ଚାୟତର ସରପଞ୍ଚ ନାଜର ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ଗୋଲ ବଦନ ବିଶ୍ୱାଳ, ଡାକସେବା ବିଭାଗର ପୋଷ୍ଟମାଷ୍ଟର ନାରାୟଣ ସାହୁ, ଦୂରଦର୍ଶନର ଜିଲ୍ଲା ପ୍ରତିନିଧି ସୁଜାତା ସାହୁ, ଅଭିବୃଦ୍ଧି କୃଷକ ଉତ୍ପାଦକ ସଂଘର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆୟୁଷ୍ମାନ ଭାରତ ଯୋଜନା, ମୁଦ୍ରା ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଦକ୍ଷତା ବିକାଶ ନିମନ୍ତେ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ, ସ୍ୱାବଲମ୍ବୀ ହେବା ନିମନ୍ତେ ଅନେକ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ସହିତ ବିଭିନ୍ନ ପ୍ରକାରର ସରକାରୀ ଯୋଜନା କିପରି ଲୋକାଭିମୁଖୀ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୬୦ ଜଣ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଧାଂଶୁ ସ୍ୱାଇଁ, ହୃଷୀକେଶ ସାହୁ, ଶୋଭା ପ୍ରଧାନ ଓ ପ୍ରଭାସିନି ନାଗ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୃଷି ଓ କୃଷକ କଲ୍ୟାଣ ପାଇଁ ବୈଠକ

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ୨ଟି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମ ବୈଠକରେ ଜିଲ୍ଲାସ୍ତରୀୟ ମନିଟରିଂ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ଖରିଫ ୨୦୨୫) ଏବଂ ଡିଜିଟାଲ କ୍ରପ୍ ସର୍ଭେ ଓ ଫାର୍ମର ରେଜିଷ୍ଟ୍ରି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଖରିଫ ୨୦୨୫ ପାଇଁ ଧାନ ଓ ଅଣଧାନ ଫସଲ କାଟିବା ପରୀକ୍ଷଣ (ସିସିଇ) ଏବଂ ଶରତ କାଳୀନ ଋତୁ ପାଇଁ ବିଏଲଟିସି ଦ୍ୱାରା ଅନୁମୋଦିତ ଚାଷ ଜମିର କ୍ଷେତ୍ରଫଳକୁ ଅନୁମୋଦନ କରାଯାଇଥିଲା। ଏହାବ୍ୟତୀତ ଡିଜିଟାଲ କ୍ରପ୍ ସର୍ଭେର ଗୁଣବତ୍ତା ଓ ଦୈନିକ ଅଗ୍ରଗତିର ସମୀକ୍ଷା କରିବା ସହ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ନିୟମିତ ଭାବେ ବ୍ଲକ ସ୍ତରୀୟ କମିଟି ବୈଠକ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ)ର ସଫଳରୂପାୟନ ନେଇ ଜିଲ୍ଲା ସ୍ତରୀୟ କମିଟିରେ ପର୍ଯ୍ୟାଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦଙ୍କ ସମେତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ଏବଂ ଏପିକଲ୍‌ର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଯୋଜନା ଅଧୀନରେ ଆସିଥିବା ମୋଟ ୬ଟି ପ୍ରକଳ୍ପକୁ ଜିଲ୍ଲାପାଳ ଯାଞ୍ଚ କରି କାର୍ଯ୍ୟକ୍ଷମ କରିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। ଜିଲ୍ଲାର କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ କୃଷି ଭିତ୍ତିକ ସେକ୍ଟରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଏବଂ କୃଷି ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

## ଜିଲ୍ଲାସ୍ତରୀୟ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ସଚେତନତା ଶିବିର

ଝାରସୁଗୁଡ଼ା, ୧୪।୨(ସମିସ): ଜିଲ୍ଲା ଡିଏମଏଫ୍ ପ୍ରେକ୍ଷାଳୟ ପରିସରରେ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ଅଧୀନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଓଏଲଏମର ଡିପିଏମ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବରିଷ୍ଠ ନାଗରିକ ସଂଘର ପ୍ରତିନିଧିମାନେ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ 'ହେଲ୍ପଏଜ୍ ଇଣ୍ଡିଆ'ର କର୍ମଚାରୀମାନେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ଉପରେ ଆଲୋଚନା କରିଥିଲେ। ସଭାରେ ଅତିଥିମାନେ ଏହି ଯୋଜନାର ବିଭିନ୍ନ ସୁଫଳ, ମୁଖ୍ୟ ଉଦ୍ଦେଶ୍ୟ ଏବଂ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇବା ସହ ସଚେତନ କରିଥିଲେ। ବିଶେଷ କରି ବୃଦ୍ଧବୃଦ୍ଧାମାନଙ୍କ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟରକ୍ଷା ଏବଂ ସମ୍ମାନଜନକ ଜୀବନଯାପନ ଉପରେ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ଯୋଜନାର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ, ସାମାଜିକ ସଂସ୍ଥା ଏବଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ମିଳିତ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

# ପ୍ରେମ ଦିବସ ଶିକ୍ଷା ଘଟଣା: ଅଭିଯୁକ୍ତ ଶିକ୍ଷକକୁ ଜେଲ୍

ଦେବଗଡ଼, ୧୪।୨(ସମିସ)







କୁଣ୍ଢେଇଗୋଲା ସରକାରୀ ବିଦ୍ୟାଳୟରେ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଭାଲେଣ୍ଟାଇନ ଦିବସ ପାଠପଢ଼ା ଓ ଛାତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଘଟଣାରେ ଅଭିଯୁକ୍ତ ଶିକ୍ଷକ ତପନ ମିଶ୍ରଙ୍କୁ ଗତକାଲି ଠାରୁ ଥାନାରେ ଅଟକ ରଖିବା ପରେ ଆଜି କୁଣ୍ଢେଇଗୋଲା ଥାନା ପୁଲିସ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନର ଶୁଣାଣି ପାଇଁ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ମଧୁମିତା ମହାନ୍ତି ଆସନ୍ତା ୧୭ ତାରିଖ ଧାର୍ଯ୍ୟ କରିଛନ୍ତି। ଏହାପରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକ ତପନକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି।

ପୀଡିତା ନାବାଳିକା ଛାତ୍ରୀର ମା'ଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ତପନଙ୍କ ବିରୁଦ୍ଧରେ କୁଣ୍ଢେଇଗୋଲା ଥାନାରେ ପକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ପୂର୍ବରୁ ଗତ ୨୦୨୧ ମସିହାରେ ମଧ୍ୟ ଅଭିଯୁକ୍ତ ଶିକ୍ଷକ ବିରୁଦ୍ଧରେ ବୁଢ଼ାପାଳ ସ୍କୁଲର ଜଣେ ଅଭିଭାବକଙ୍କ ରିପୋର୍ଟ ଆଧାରରେ କୁଣ୍ଢେଇଗୋଲା ଥାନାରେ ପକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ସ୍କୁଲରେ ଛାତ୍ରୀଙ୍କୁ ବିଜ୍ଞାନ ବଦଳରେ ଭାଲେଣ୍ଟାଇନ ସପ୍ତାହରେ ପ୍ରେମ ଦିବସ, ହଗ ଡେ ଓ ଚକୋଲେଟ ଡେ'ର ବ୍ୟବହାରିକ ଶିକ୍ଷା ଦେଉଥିଲେ। ଛାତ୍ରୀ ମାନେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଶିକ୍ଷକ ନାଲି ଆଖି ଦେଖାଉଥିବା ପୀଡିତା ଛାତ୍ରୀ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜଣା ପଡ଼ିବା ପରେ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବୈଠକ ବସିଥିଲା। ଅଭିଯୁକ୍ତ ଶିକ୍ଷକଙ୍କ ଯୋଗୁଁ ବିଦ୍ୟାଳୟର ଛାତ୍ରୀ ସୁରକ୍ଷିତ ନ ଥିବା ଦର୍ଶାଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ଅପସାରଣ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରେ ଦାବି କରାଯାଇଥିଲା। ସେହିପରି ଏହି ଘଟଣାକୁ ନେଇ ଗତକାଲି କୁଣ୍ଢେଇଗୋଲାରେ ଉତ୍ତେଜନା ଦେଖାଦେଇଥିଲା। ଅଭିଭାବକ ଓ ସ୍କୁଲର ଛାତ୍ରଛାତ୍ରୀ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକ ତପନ ମିଶ୍ର ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କିଷାନଙ୍କ ବଦଳି ଦାବି କରି ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ଗତକାଲି ବିଦ୍ୟାଳୟ ପରିସରରେ କୁଣ୍ଢେଇଗୋଲା ଥାନା ପୁଲିସ ପକ୍ଷରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ରିଜର୍ଭ ପୁଲିସ ପକ୍ଷରୁ ରକ୍ତଦାନ ଶିବିର, ୫୫ ୟୁନିଟ୍ ସଂଗ୍ରହ

ଦେବଗଡ଼, ୧୪।୨(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ସମୁଦାୟ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ମୁଖ୍ୟ ଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର ଓ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଉପସ୍ଥିତ ଥିଲେ। ପୁଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷରେ ପୁଲିସ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ମଧ୍ୟ ଶିବିରର ଲକ୍ଷ୍ୟ ରହିଥିଲା। ଆଗକୁ ଜିଲ୍ଲାର ପ୍ରତ୍ୟେକ ଥାନା ଏବଂ ଫାଣ୍ଡି ଅଞ୍ଚଳରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଥିଲେ। ଶିବିରରେ ରିଜର୍ଭ ପୁଲିସ କର୍ମଚାରୀ ଓ ଗୃହରକ୍ଷୀ ପ୍ରମୁଖ ରକ୍ତଦାନ କରିଥିଲେ।

# ଗଞ୍ଜେଇ ଜବତ; ବେପାରୀ କୋର୍ଟ ଚାଲାଣ



**ଧର୍ମଗଡ଼, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା କୁମ୍ଭାରୀ ଗାଁ ରେ ବେଆଇନ ଭାବରେ ଗଞ୍ଜେଇ ବିକ୍ରି କରୁଥିବା ଜଣେ ବ୍ୟବସାୟୀ ଘରେ ଅବକାରୀ ବିଭାଗ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତ ଗଞ୍ଜେଇ ବ୍ୟବସାୟୀ ହେଲେ ସେହି ଗାଁ ର ଠୁଲୋଶୂନ୍ୟ ସା। ସୂଚନା ଥାଉ କି ଦୀର୍ଘ ଦିନରୁ ଠୁଲୋଶୂନ୍ୟ ବେଆଇନ ଭାବରେ ଗଞ୍ଜେଇ ବିକ୍ରି କରୁଥିବା ବେଳେ ଶୁକ୍ରବାର ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ଅବକାରୀ ଥାନା ଅଧିକାରିଣୀ ପ୍ରତିମା ବେହେରାଙ୍କ ନେତୃତ୍ୱରେ ଅବକାରୀ ପୁଲିସ କର୍ଣ୍ଣ ବାଗ, ଭୁଜବଳ ପଟେଲ, ଯଶୋବନ୍ତି ଭୋଇ ପ୍ରମୁଖ କୁମ୍ଭାରୀ ଗାଁକୁ ଯାଇ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ତାଙ୍କଠାରୁ ୧. ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଅଭିଯୁକ୍ତ ଠୁଲୋଶୂନ୍ୟକୁ ଗିରଫ କରିଥିଲେ। ଏନେଇ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଥିବା ଧର୍ମଗଡ଼ ଅବକାରୀ ଥାନା ଅଧିକାରିଣୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି।

### ସରକାରଙ୍କ ଧାନ କିଣା ଗୋଲକଧନ୍ଦାରେ ପେଶି ହେଉଛି ଚାଷୀ

# ୬୧ ଲକ୍ଷ ଧାନ ଉଠିଲାଣି, ତଥାପି ଅଭାବୀ ବିକ୍ରି ଆଶଙ୍କା

**ଭବାନୀପାଟଣା, ୧୪।୨(ସମିସ)**

କଳାହାଣ୍ଡି ଜିଲ୍ଲାରେ ବିଳମ୍ବରେ ମଣ୍ଡି ଖୋଲିବା ଏବଂ ବିଳମ୍ବରେ ଧାନ ସଂଗ୍ରହ ହେବା ଏକ ନୂଆ ପରମ୍ପରା ସୃଷ୍ଟି କରିଛି। ଗତ ଖରିଫ୍ ଓ ରବିରେ ରାଜ୍ୟ ସରକାର ସବୁ ସପନ ଦେଖାଇ ଚଳିତ ଖରିଫରେ ଚାଷୀଙ୍କୁ କନ୍ଦାଇକନ୍ଦାଇ ନୟାନ୍ତ କରିଦେଲେ। ପୂର୍ବବର୍ଷ ଅପେକ୍ଷା ଏଥର ଖରିଫ ଧାନ ବିକ୍ରି ବ୍ୟବସ୍ଥା ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ମଣ୍ଡି ଆରମ୍ଭରୁ ଚାଷୀ ଟୋକନ ସମସ୍ୟା, ମିଲର୍ସଙ୍କ ଆନ୍ଦୋଳନ ଓ ଆଖା ତଥା ଗନି ବ୍ୟାଗ୍ ଅଭାବ ଏବଂ ଶ୍ରମିକ ସମସ୍ୟାରେ ଛନ୍ଦି ହେବାକୁପଡ଼ିଥିଲା। ଏଥିପାଇଁ ଜିଲ୍ଲାରେ ଧାନ ଉଠାଣ ପ୍ରକିୟା ମନ୍ଥର ହୋଇପଡ଼ିଥିଲା। ଗତବର୍ଷ ଖରିଫ ଧାନ ସଂଗ୍ରହ ଫେବୃଆରୀ ୧୦ରେ ଶେଷ ହୋଇଥିବାବେଳେ ଚଳିତ ଖରିଫଧାନ ସଂଗ୍ରହ କିନ୍ତୁ ବର୍ତ୍ତମାନ ଯାଏଁ ଚାଲିଛି। ବିଗତ ବର୍ଷମାନଙ୍କରେ ଜାନୁୟାରୀ କିମ୍ବା ଫେବୃଆରୀ ପ୍ରଥମ ସପ୍ତାହରେ ମଣ୍ଡି ଶେଷ ହେଇଥାନ୍ତା। ତାହା ହେଲାନାହିଁ। ଜିଲ୍ଲା ପ୍ରଶାସନ ପାଇଁ ଶେଷରେ ମର୍ଯ୍ୟାଦାର ପ୍ରଶ୍ନ ପାଲଟିଲା। ତେଣୁ ଗତକାଲି ଜିଲ୍ଲାପାଳ ମିଲର୍ସଙ୍କ ସହିତ ଭିଡିଓ



କନଫରେନ୍ସ କରି ବଳକା ପ୍ରାୟ ୩ଲକ୍ଷ୍ୟ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଆସନ୍ତା ୧୬/୧୭ତାରିଖ ସୁଦ୍ଧା ମଣ୍ଡିରୁ ଧାନ ଉଠାଇବାକୁ କହିଥିଲେ। ଏଥର ମାର୍ଚ୍ଚ ଯାଏଁ ମଣ୍ଡି ଚାଲିବ ବୋଲି ଯୋଗାଣମନ୍ତ୍ରୀ ପ୍ରକାଶ କରିଥିଲେ। ହେଲେ ଏହାଯୋଗୁଁ ରାଜ୍ୟର ରବି ଫସଲ ଚାଷ ହେଉଥିବା କଳାହାଣ୍ଡି, ବରଗଡ଼ ପ୍ରମୁଖ ଜିଲ୍ଲାର ଚାଷୀ ଏହା ଦ୍ୱାରା ଘୋର ପ୍ରଭାବିତ ହେବେବୋଲି କେମିତି ବୁଝି ପାରିଲେ ନାହିଁ ତାହା ହିଁ ବଡ଼ ଆତଙ୍କ ସୃଷ୍ଟି କରିଛି। ବର୍ତ୍ତମାନ ରବି ଚାଷକାର୍ଯ୍ୟ ସମୟ ଗଡ଼ି ଚାଲିଛି। କିଛି ଚାଷୀ ତଳିପକା କାର୍ଯ୍ୟ ସାରିଥିବାବେଳେ ଆଉ କିଛି ବିଲରେ ଧାନପହ୍ଲା ରୋଇ ସାରିଛନ୍ତି। ମାତ୍ର ଜିଲ୍ଲାରେ ଏବେ ମଧ୍ୟ ଅନେକ ଚାଷୀ ଗତ ଖରିଫ ଧାନକୁ ଏପର୍ଯ୍ୟନ୍ତ ବିକ୍ରି କରି ପାରିନାହାନ୍ତି। ବିଭିନ୍ନ ମଣ୍ଡିରେ ଶହଶହ କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ରହିଛି। କିଛି ଚାଷୀ ଟୋକନ ସମସ୍ୟା ଯୋଗୁଁ ସେମାନଙ୍କ ଅମଳ ଧାନ ମଣ୍ଡିକୁ ଆଣି ପାରୁନାହାନ୍ତି ତ ଆଉ କିଛି ଚାଷୀ ଟୋକନ ଅଭାବରୁ ମଣ୍ଡିରୁ ବଳକା ଧାନ କୁ ବିକ୍ରି କରି ନ ପାରି ଘରକୁ ନେଇ ଯାଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲାରେ ଏପର୍ଯ୍ୟନ୍ତ ୬୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଛି। ସେଥିମଧ୍ୟରୁ ଶନିବାର ସୁଦ୍ଧା ୧ ଲକ୍ଷ ୧୪ ହଜାର ୯୭୫ ଜଣ ଚାଷୀଙ୍କ ଠାରୁ ୬୧ ଲକ୍ଷ ୬ ହଜାର ୪୯୨ କୁଇଣ୍ଟାଲ ଧାନ ଉଠି ଯାଇଛି। ଜିଲ୍ଲାରେ ସମୁଦାୟ ୨୩୦ ଟି ମଣ୍ଡିରୁ ବର୍ତ୍ତମାନ ସୁଦ୍ଧା ୧୩୮ ରେ ଧାନ କିଣା ଶେଷ ହୋଇଥିବାବେଳେ ଅବଶିଷ୍ଟ ମଣ୍ଡିରେ ଧାନ କିଣା ଚାଲୁଛି। ଜିଲ୍ଲାରେ ଗତ ବର୍ଷ ତୁଳନାରୁ ଧାନ ସଂଗ୍ରହ ଚଳିତବର୍ଷ ଅଧିକ ହୋଇଥିବାବେଳେ ଏବେ ମଧ୍ୟ ୯୨ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ିରହିଛି। କାଣ୍ଡେଲ ମଣ୍ଡିରେ ଏବେ ୮ ହଜାର କ୍ୱିଣ୍ଟାଲ ଧାନ ଉଠି ନାହିଁ। ଏ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ଜିଲ୍ଲାରେ ଆହୁରି ପ୍ରାୟ ୩ ଲକ୍ଷ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ମଣ୍ଡିରେ ରହିଥିବା ଅନୁମାନ କରାଯାଇଛି। ଯଦି ଟାର୍ଗେଟ ଭିତରେ ତାହା ହୋଇଯିବ ତ ଭଲ କଥା ନଚେତ ସରକାରଙ୍କୁ ଆହୁରି ଟାର୍ଗେଟ ପାଇଁ ଜଣାଇବୁ। ଧାନ କିଣାର ସରକାରଙ୍କ ଗୋଲକ ଧନ୍ଦାରେ କେବଳ ଚାଷୀ ଅଯଥାରେ ପେଶୀହେବା ସାର ହେଉଛି।

# ସାଥୀଙ୍କ ଅକାଳ ବିୟୋଗରେ ସହାୟତାର ହାତ ବଢ଼ାଇଲେ ବନ୍ଧୁ

**କୋମନା, ୧୪।୨(ସମିସ):** ବନ୍ଧୁତ୍ୱ କେବଳ ହସଖୁସିରେ ସୀମିତ ନୁହେଁ, ବରଂ ବିପଦ ସମୟରେ ପରସ୍ପରର ପାଖରେ ଛିଡ଼ା ହେବା ହେଉଛି ପ୍ରକୃତ ବନ୍ଧୁତ୍ୱ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା କୋମନା ସହରରେ। ୧୯୮୭ ମାଟ୍ରିକ ବ୍ୟାଚର ବନ୍ଧୁମାନେ ନିଜର ଜଣେ ପ୍ରିୟସାଥୀଙ୍କ ବିୟୋଗରେ ଶୋକସନ୍ତପ୍ତ ପରିବାରକୁ ସହଯୋଗ କରି ମାନବିକତାର ପରିଚୟ ଦେଇଛନ୍ତି। କୋମନା ଗ୍ରାମର ବାସିନ୍ଦା ତଥା ୧୯୮୭ ମାଟ୍ରିକ ବ୍ୟାଚର ସଦସ୍ୟ ଭଗବାନ ସିଂ ଠାକୁରଙ୍କର କିଛି ଦିନ ପୂର୍ବରୁ ଅକାଳ ବିୟୋଗ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ପୁରାତନ ସାଙ୍ଗମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିବା ବେଳେ ଅନ୍ତ୍ୟେଷ୍ଟି କ୍ରିୟାରେ ମଧ୍ୟ କିଛି ବନ୍ଧୁ ସାମିଲ ହୋଇ କାନ୍ଧ ଦେଇଥିଲେ। ଏହାପରେ କେବଳ ଶୋକ ପ୍ରକାଶ କରି ସେମାନେ ରହିଯାଇ ନ ଥିଲେ, ବରଂ ସ୍ୱର୍ଗତ ଭଗବାନଙ୍କ ଦଶାହ କାର୍ଯ୍ୟରେ ସାମିଲ ହୋଇ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଏହି ଦୁଃଖଦ ସମୟରେ ପରିବାରର ଆର୍ଥିକ ବୋଝକୁ ସାମାନ୍ୟ ହାଲୁକା କରିବା ପାଇଁ ୧୯୮୭ ବ୍ୟାଚର ବନ୍ଧୁମାନେ ସ୍ୱତଃପ୍ରବୃତ୍ତ ଭାବେ ଆଗେଇ ଆସିଥିଲେ। ବନ୍ଧୁମାନେ ଏକତ୍ରିତ ହୋଇ ସ୍ୱର୍ଗତ ସାଥୀଙ୍କ ପରିବାରକୁ ଏକ ସହାୟତା ରାଶି ପ୍ରଦାନ କରିଛନ୍ତି। ଶିକ୍ଷା ସରିବାର ଦୀର୍ଘ ବର୍ଷ ପରେ ମଧ୍ୟ ବନ୍ଧୁମାନଙ୍କ ମଧ୍ୟରେ ଥିବା ଏହି ଆନ୍ତରିକତା ଏବଂ ଭଲପାଇବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସାଙ୍ଗଟିଏ ଚାଲିଗଲେ ବି ତା' ପରିବାର ଆମ ନିଜର - ଏହି ମନୋଭାବ ନେଇ ସମସ୍ତ ବନ୍ଧୁ ଯେଉଁ ସହାୟତା କରିଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା। ଏହି ସମୟରେ ବ୍ୟାଚର ଭୋଳାନାଥ ଖମାରୀ, ନନ୍ଦିଘୋଷ ଖମାରୀ, ପବିତ୍ର ମିର୍ଦ୍ଧା, ନୀଳକଣ୍ଠ ପ୍ରଧାନ, ଖଗେଶ୍ୱର ସାହୁ, ହିମାଂକେଶ ପାଣିଗ୍ରାହୀ, ମୋହନ ଜୈନ, ମାନଭଞ୍ଜନ ହୋତା, ଭାଗବତ ଅହୀର, ପ୍ରତାପ ନିଆଲ ଓ ସଦା ସାହୁ ପ୍ରମୁଖ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆଗକୁ ମଧ୍ୟ ସାଥିରେ ରହିବାର ପ୍ରତିଶ୍ରୁତି ଦେଇଛନ୍ତି।

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ନୂଆପଡ଼ା, ୧୪।୨(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ଓ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ନୂଆପଡ଼ା ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ମଧୁସୁଦନ ଦାଶ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ମହିଳାମାନଙ୍କ ସଶକ୍ତିକରଣରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ଆତ୍ମବିଶ୍ୱାସ ଓ ସମ୍ମିଳିତ ଭାବନା ବୃଦ୍ଧି ପାଇବ ବୋଲି କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ପ୍ରୋଗ୍ରାମ ଅଫିସର ନମିତା ପାଢ଼ୀ, ମଞ୍ଜୁଲତା ଶୁକ୍ଳା, ଦେବକୀ ମଲ୍ଲିକ, ନିରୁପମା ନାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ କବାଡ଼ି, ଖୋ-ଖୋ, ରସି ଟଣା, ରଙ୍ଗୋଲି ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲାର ନୂଆପଡ଼ା, କୋମନା, ଖରିଆର, ବୋଡେନ ଓ ସିନାପାଲି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ବିଜେତା ଦଳମାନଙ୍କୁ ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରାଜ୍ୟସ୍ତର ଓ ଜିଲ୍ଲାସ୍ତରରେ ପୁରସ୍କାର ପ୍ରଦାନ କରାଯିବ। ଏହି କ୍ରୀଡା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ମହତାବ ଆଡ଼ୟୁଆଡ଼, ବିଦ୍ୟାଧର ମାଝୀ, ମଦନଲାଲ ଦଣ୍ଡସେନା, ଗୋଦାବରୀ ରାଉତରାୟ, ନିରୁପମା ପଟେଲ ଓ ଚମନଲାଲ ରାଉତ ପରିଚାଳନା କରିଥିଲେ। ପରିଚାଳନାରେ ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ମିଶନ ସଂଯୋଜକ ଆଶିଷ ରଞ୍ଜନ ଖମାରୀଙ୍କ ସହ ନାରଦ ଛତର, ସଞ୍ଜୟ ବନ୍ଦିଛୋର, ଇପ୍ସିତା ରାଜପୁତ, ରମାକାନ୍ତ ସେଠୀ, ଦେଶରାମ ହରିଜନ, ରାକେଶ ନାଗ, ସୁମିତ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ। ନାରଦ ଛତର ଧନ୍ୟବାଦ ଦେଇଥିଲେ।



# ଯୋଗୀବେରୁଣୀ ଇଟା ଫାକ୍ଟ୍ରିକୁ ୨୩ ହଜାର ଟଙ୍କା ଜରିମାନା



**ବୌଦ୍ଧ, ୧୪।୨(ସମିସ):** ବୌଦ୍ଧ ସହର ରାଜନପାଲି ଓ ଯୋଗୀବେରୁଣୀ ନିକଟରେ ଥିବା ପାଉଁଶ ଇଟାଫାକ୍ଟ୍ରିରେ ପ୍ରଶାସନ ପକ୍ଷରୁ ଚଢଉ କରାଯାଇଛି। ରାଜନପାଲି ସାଇ ବ୍ରିକ ଫାକ୍ଟ୍ରିରେ ମହଜୁଦ୍ ଥିବା ବାଲିର ଟ୍ରାଞ୍ଜିଟ ପାସ୍ ଓ ଜିଏସ୍‌ଟି ଆଦି ସମସ୍ତ କାଗଜ ପତ୍ର ଠିକ୍‌ଠାକ ଥିବାରୁ ଚଢଉରେ ଯାଇଥିବା ଅଧିକାରୀମାନେ ନିରାଶ ହୋଇ ଫେରି ଆସିଥିଲେ। ପରେ ଯୋଗୀବେରୁଣୀ ନିକଟରେ ଥିବା ଇଟାଫାକ୍ଟ୍ରିରେ ଚଢଉ କରିଥିଲେ। ମହଜୁଦ୍ ଥିବା ବାଲିର ଟ୍ରାଞ୍ଜିଟ୍ ପାସ୍ ନ ଥିବା ହେତୁ ୨୩ ହଜାର ଟଙ୍କା ଜରିମାନା କରା ଯାଇଛି। ଏହି ଚଢଉରେ ଉପ ଜିଲ୍ଲାପାଳ ବିନୟ ଭୋଇ, ତହସିଲଦାର ଅନୀତା ସାହୁ, ଜିଲ୍ଲା ଖଣି ଅଧିକାରୀ ଓ ପୁଲିସ ସାମିଲ ଥିଲେ।

# ଚାରିଶହ ମିଟର ଦୌଡ଼ରେ ମହାଶ୍ୱେତା ପ୍ରଥମ

**ଧର୍ମଗଡ଼, ୧୪।୨ (ସମିସ):** ୨୦୨୪-୨୫ ଶିକ୍ଷାବର୍ଷର ଜାତୀୟ ଗ୍ରାମୀଣ ପ୍ରତିଭା ଅନ୍ୱେଷଣ (ଏନ୍‌ଆର୍‌ଟିଏସ୍) ପରୀକ୍ଷାରେ ଧର୍ମଗଡ଼ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଛାତ୍ରଛାତ୍ରୀ ମାନଙ୍କ ସଫଳତା ବିଦ୍ୟାଳୟକୁ ଗୌରବାନ୍ୱିତ କରିଛି। ଏନ୍‌ଆରଟିଏସ୍ ପରୀକ୍ଷାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀମାନେ ହେଲେ ଇଶିକା ଗୋପାଲ, ଅନ୍ୱେଷା ପଣ୍ଡା, ଚନ୍ଦନ ସରାପ, ପ୍ରଭାସିନୀ ଶବର, ବିବେକାନନ୍ଦ ସାଗର, ଜଗମୋହନ ସୁନାନୀ, ଓ ଯଶୋବନ୍ତ ମାଝୀ। ସେହିପରି ତୃତୀୟ ଓ ପଞ୍ଚମ ସରକାରୀ ବୃତ୍ତି ପରୀକ୍ଷାରେ ପ୍ରଦ୍ୟୁମ୍ନ ମଶ୍ରା, ସାଇକୁମାର ବେମାଲ, ଆଶୁତୋଷ ବେହେରା ଓ ଦୟା ନାଏକ କୃତିତ୍ୱ ଅର୍ଜନ କରିଛନ୍ତି। ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ ପ୍ରାନ୍ତୀୟସ୍ତରୀୟ ପ୍ରତିଯୋଗିତାର ୪୦୦ମିଟର ଦୌଡ ପ୍ରତିଯୋଗିତାରେ ମହାଶ୍ୱେତା ମଙ୍ଗରାଜ ପ୍ରଥମ ସ୍ଥାନ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପକ୍ଷରୁ ନିୟମିତ ଅଭ୍ୟାସ ଶିବିର, ମକ୍ ଟେଷ୍ଟ ଓ ବିଶେଷ ପ୍ରଶିକ୍ଷଣ ଶ୍ରେଣୀ ଆୟୋଜନ କରାଯାଇଥିଲା। ଯାହା ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତିକୁ ଅଧିକ ମଜଭୁତ କରିଥିଲା ବୋଲି ବିଦ୍ୟାଳୟର ସମ୍ପାଦକ ସାଇ ଗୋପାଲ ସାହୁ କହିଛନ୍ତି।



### ଅବ୍ୟବସ୍ଥା ଘେରରେ ମର୍ଦ୍ଦିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଦୁଇଟି କୋଠରିରେ ବସୁଛନ୍ତି ୧୭୩ ପିଲା

**ଥୁଆମୂଳ ରାମପୁର, ୧୪।୨(ସମିସ):** ଦୀର୍ଘଦିନ ଧରି ଚାଲିଥିବା ଶ୍ରେଣୀଗୃହ ଏବଂ ଛାତ୍ରାବାସ ମରାମତି କାର୍ଯ୍ୟ ଏପର୍ଯ୍ୟନ୍ତ ଅଧପନ୍ତରିଆ ଅବସ୍ଥାରେ ଥିବାରୁ ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମର୍ଦ୍ଦିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୮୬ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟର ଚିତ୍ର ବର୍ତ୍ତମାନ ଅତ୍ୟନ୍ତ ଦୟନୀୟ। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୭୪ ଜଣ ଛାତ୍ରଛାତ୍ରୀ ରହିଥିବା ସତ୍ତ୍ୱେ ବର୍ତ୍ତମାନ ମାତ୍ର ଦୁଇଟି କକ୍ଷରେ ସମସ୍ତ ଶ୍ରେଣୀର ପାଠପଢ଼ା ଚାଲୁଛି। ଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଏବଂ ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ବ୍ୟବସ୍ଥା ହୋଇଛି। ହେଲେ ଦୀର୍ଘ ଦିନ ଧରି ଶୋଚନୀୟ ଅବସ୍ଥାରେ ଥିବା ଛାତ୍ରାବାସର ମରାମତି କାର୍ଯ୍ୟ ଅତି ମନ୍ଥର। ତିନି ମାସରୁ ଊର୍ଦ୍ଧ୍ୱ ହେବ ମରାମତି କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ଏଥିରୁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଶିକ୍ଷାଦାନ କଷ୍ଟକର ହେଉଥିବାବେଳେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଗୁଣମାନ ମଧ୍ୟ ପ୍ରଭାବିତ ହେଉଛି। ଏଥିସହିତ ଛାତ୍ରାବାସ ଅଭାବ ଯୋଗୁଁ ହଷ୍ଟେଲର ଛାତ୍ରମାନେ ନାହିଁ ନଥିବା ଅସୁବିଧା ମଧ୍ୟରେ ରହୁଛନ୍ତି। ଅଧପନ୍ତରିଆ କାର୍ଯ୍ୟ, ନିର୍ଦ୍ଧାରିତ ସମୟରେ ମରାମତି ସମାପ୍ତ ନହେବା ଏବଂ ବିକଳ୍ପ ବ୍ୟବସ୍ଥାର ଅଭାବ ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ କରୁଛି। ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀମାନେ ଶୀଘ୍ର ମରାମତି ସମାପ୍ତ କରି ଯଥେଷ୍ଟ ଶ୍ରେଣୀଗୃହ, ଆବାସ ଓ ମୌଳିକ ସୁବିଧା ପ୍ରଦାନ କରିବାକୁ ପ୍ରଶାସନକୁ ଦାବି କରିଛନ୍ତି।




# ଜୟପାଟଣା ଶିଶୁମନ୍ଦିରରେ ମାତୃପିତୃ ପୂଜନ ଦିବସ

**ଜୟପାଟଣା, ୧୪।୨ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ସନ୍ଥ ଆଶାରାମ ଜୀ ବାପୁ ଆଶ୍ରମ ପକ୍ଷରୁ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଇଛି। ଏଥିରେ ଛାତ୍ରଛାତ୍ରୀମାନେ ନିଜ ନିଜର ବାପା ମାଆଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମାଜସେବୀ ଶେଷଦେବ ବେହେରା, ଗଙ୍ଗାଧର ମାଝୀ, ଭାରତେନ୍ଦୁ ବେହେରା, ବିକ୍ରମ ମହାରଣା ଉପସ୍ଥିତ ଥିବା ବେଳେ ସମସ୍ତ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ ଆଶ୍ରମର ଭାଇମାନେ ସାମିଲ ହୋଇଥିଲେ। ଦିନକୁ ଦିନ ଦେଶରେ ବୃଦ୍ଧାଆଶ୍ରମ ସଂଖ୍ୟା ବୃଦ୍ଧି ପାଉଛି। ଏହାର ପ୍ରତିକାର ପାଇଁ ସନ୍ଥଶ୍ରୀ ଆଶାରାମଜୀ ବାପୁ ଏହି ଦିନକୁ ମାଆ ବାପାଙ୍କ ପାଇଁ ମାତୃପିତୃ ପୂଜନ ଦିବସ ଭାବେ ପାଳନ କରିବା ପାଇଁ ମାର୍ଗଦର୍ଶନ ଦେଇଛନ୍ତି।

# ୩ ଅସହାୟ ଶିଶୁଙ୍କ ନିକଟରେ ପହଞ୍ଚିଲା ପ୍ରଶାସନ

**ଥୁଆମୂଳ ରାମପୁର, ୧୪।୨(ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ଅଧୀନ ମାଳିଗାଁ ପଞ୍ଚାୟତର ସୂର୍ଯ୍ୟଗଡ଼ ଅଞ୍ଚଳରେ ମାନବିକତା ଓ ତ୍ୟାଗର ଏକ ହୃଦୟସ୍ପର୍ଶୀ କାହାଣୀ ସାମ୍ନାକୁ ଆସିଛି। ପରିବାରିକ ଦୁଃଖଦ ଘଟଣାପରେ ଅସହାୟ ହୋଇପଡ଼ିଥିବା ତିନି ଶିଶୁଙ୍କୁ ତାଙ୍କର ପିଉସୀ ନାନୀ ନିଜ ଭରସାରେ ରଖି ଲାଳନପାଳନ କରୁଛନ୍ତି। ପ୍ରଥମେ ଶିଶୁମାନଙ୍କର ବାପା କେରଳ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ସେଠାରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ପରେ ମା ମଧ୍ୟ ତିନି ଶିଶୁଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ଅନ୍ୟତ୍ର ଚାଲିଗଲା ପରେ ସମ୍ପୂର୍ଣ୍ଣ ଅନାଥ ହୋଇପଡ଼ିଥିଲେ। ଦୁର୍ଗମ ଅଞ୍ଚଳ, ଆର୍ଥିକ ଅଭାବ ଓ ସାଧନ ସମ୍ପତ୍ତି ନଥିବା ସତ୍ତ୍ୱେ ପିଉସୀ ନାନୀ ସୁବର୍ଣ୍ଣା ମାଝୀ ନିଜର ଶିଶୁମାନଙ୍କ ଭବିଷ୍ୟତ ପାଇଁ ଲଢ଼େଇ କରୁଛନ୍ତି। ଗରିବ ଆଦିବାସୀ ପରିବାର ପାଇଁ ସରକାରୀ ଯୋଜନା କହିଲେ କେବଳ ଖାଦ୍ୟ ସୁରକ୍ଷା ଯୋଜନାରୁ ମାସକୁ ମାତ୍ର ୧୫ କେଜି ଚାଉଳ ମିଳିପାରୁଥିବା ବେଳେ ଆବାସ ଯୋଜନା କିନ୍ତୁ ସ୍ୱପ୍ନ ହୋଇପଡ଼ିଛି। ଚାଳଛପର ଘରେ ଅତି ଦୟନୀୟ ଅବସ୍ଥାରେ ଭାଇର ତିନି କୋମଳ ଛୁଆଙ୍କୁ ନେଇ ଅସହାୟ ଅବସ୍ଥାରେ ରହୁଥିବା ସୁବର୍ଣ୍ଣାଙ୍କ ପାଇଁ ଦୁର୍ଦ୍ଦଶା ବଢ଼ିଯାଉଛି। ଏହି ସମସ୍ତ ଘଟଣା 'ସକାଳ' ଖବରକାଗଜରେ ପ୍ରକାଶ ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତତ୍ପର ହୋଇ ଘଟଣାସ୍ଥଳରେ ପହଞ୍ଚିଛି। ଜିଲ୍ଲା ଶଶିଶୁ ସୁରକ୍ଷା ବିଭାଗର ଚାଇଲ୍ଡ ଲାଇନ୍ ସୁପରଭାଇଜର ଯାଗେଶ୍ୱର ନିଆଲ, ଏବଂ କେସ୍ ୱାର୍କର ଦୁଷ୍ମନ୍ତ କେତକିଙ୍କ ସହ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ସଦସ୍ୟ ବିଶ୍ୱନାଥ ଦାଶ କର୍ତ୍ତବ୍ୟ ଅନୁଷ୍ଠାନ ମୁଖ୍ୟ ଅଶୋକ ପଟ୍ଟନାୟକ ଏବଂ ଉକ୍ତ ଅନୁଷ୍ଠାନର ସଂଯୋଜକ ସନ୍ତୋଷ ଦାସ ପ୍ରମୁଖ ସୁବର୍ଣ୍ଣା ଏବଂ ଦୁଇ ଛୁଆଙ୍କୁ ଭେଟିଥିଲେ। ମାଳିଗାଁ ସମିତି ସଭ୍ୟ ବଳଦେବ ଗୌଡ଼, ସ୍ଥାନୀୟ ଅଙ୍ଗନବାଡ଼ି, ଆଶାକର୍ମୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଉକ୍ତ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଶିଶୁମାନଙ୍କ ପାଇଁ ସରକାରୀ ସହାୟତା, ଭତ୍ତା, ଶିକ୍ଷା ଓ ସୁରକ୍ଷା ସୁବିଧା ଯୋଗାଇବାକୁ ପଦକ୍ଷେପ ନିଆଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସାମାଜିକ ସଚେତନତା ଓ ମାଧ୍ୟମର ଦାୟିତ୍ୱବୋଧ କିପରି ଅସହାୟଙ୍କ ଜୀବନରେ ଆଶାର ଆଲୋକ ଜଳାଇପାରେ ଏହି ଘଟଣା ତାହାର ଏକ ଜୀବନ୍ତ ଉଦାହରଣ। ପ୍ରଶାସନ ଏହି ତିନି ଅସହାୟ ଶିଶୁ ଏବଂ ପିଉସୀ ନାନୀର ଭବିଷ୍ୟତ କିଭଳି ନିରୂପଣ କରିବେ ତାହା ଦେଖିବାକୁ ବାକି ରହିଲା।



ସକାଳ ପ୍ରଭାବ

# ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ପ୍ରଡ୍ୟୁସର କମ୍ପାନୀ ଗଠିତ

**ଲାଞ୍ଜିଗଡ଼, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ ପଞ୍ଚାୟତ ଅଧୀନ କିଡିଙ୍ଗ, କାଉଗୁଡା ଓ ମାଡିବନ୍ଧା ଗ୍ରାମର ୧୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଷ ପ୍ରଧାନଙ୍କ ନିର୍ଦ୍ଦେଶରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ଏକ ପ୍ରଡ୍ୟୁସର କମ୍ପାନୀ ଗଠନ କରାଯାଇଛି। ଉକ୍ତ କମ୍ପାନୀର ସଭାପତି ଭାବେ କନକ ଶବରଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦିକା ଭାବେ ମୋହିନୀ ବଗର୍ତ୍ତିଙ୍କୁ ଚୟନ କରାଯାଇଥିଲା। ଏହି କମିଟି ଏହି ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ସୂର୍ଯ୍ୟମୁଖୀ ଚାଷୀ ମାନଙ୍କୁ ନେଇ ଗଠିତ ହୋଇଅଛି। ଉକ୍ତ ଚୟନ ପ୍ରକ୍ରିୟାରେ ଲାଞ୍ଜିଗଡ଼ରୋଡ ସରପଞ୍ଚ ମମତା ଶବର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡମ୍ବରୁଧର ସେନାପତି ଓରମାସ, ଜିଲ୍ଲା ବ୍ୟବସ୍ଥାପନ ପ୍ରବନ୍ଧକ ପ୍ରକାଶ ବେହେରା, ଭିଏଡବଲ୍ୟୁ ଭାସ୍କର ମାଝୀ, ମିଶନ ଶକ୍ତି ଏକାଉଟେଣ୍ଟ ଯୁଗେଶ୍ୱର ଶବର ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ କୃଷକ ସାଥୀ ଗଣେଶ ଶବର, କେ ରୋଶନ ବର୍ମା, ଏମ୍‌ବିକେ ସନ୍ତୋଷୀ ଗଉଡ଼, ସିଆରପି ପୂର୍ଣ୍ଣମୀ ବଗର୍ତ୍ତୀ, ପଙ୍କଜିନୀ ନିଆଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ସହିଦ ପ୍ରସନଙ୍କ ବଳିଦାନକୁ ଝୁରୁଛି ପାରିଶିଖର ମାଟି



ନାଉଗାଁ,୧୪।୨(ସମିସ): ଅମର ସହିଦ ପ୍ରସନଙ୍କ ପାଇଁ ଆଜି ଗର୍ବିତ ପାରିଶିଖର ଗାଁ। ଆଜି ବି ମନେ ପଡ଼େ ସେଦିନର ୪୦ ଯବାନଙ୍କ ବଳିଦାନର ଗାଥା। ୨୦୧୯ ଫେବୃଆରୀ ୧୪ ଯେଉଁ ଦିନକୁ ଭୁଲିନି ସମଗ୍ର ଭାରତ। ଯେଉଁ କଥା ମନେ ପଡିଲେ ଦେହରେ ଖେଳି ଯାଏ ଶିହରଣ, ଆଖିରେ ଝରିଆସେ ଲୁହ ଏବଂ ଥରି ଉଠେ ଛାତି। ଏହି ଦିନ ହୋଇଥିଲା ଜାମ୍ମୁକଶ୍ମୀରର ପୁଲୱମାରେ ସିଆର୍‌ପିଏଫ୍‌ର ଗାଡ଼ି ଉପରକୁ ହୋଇଥିଲା ଭୟଙ୍କର ବିସ୍ଫୋରଣ। ଯେଉଁ ଆତଙ୍କବାଦୀଙ୍କ ଆକ୍ରମଣରେ ସହିଦ ହୋଇଯାଇଥିଲେ ୪୦ ବୀର ଯବାନ। ଯାହାଙ୍କ ମଧ୍ୟରେ ଥିଲେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ପାରିଶିଖର ଗ୍ରାମର ସହିଦ ପ୍ରସନ ସାହୁ। ଯାହାଙ୍କ ବଳିଦାନରେ ଗର୍ବିତ ହୋଇଥିଲା ନାଉଗାଁ ମାଟି ଓ ଦେଶ। ତାଙ୍କର ଏହି ବଳିଦାନ ଆଜି ବିତିଯାଇଛି ୭ ବର୍ଷ। କିନ୍ତୁ ତାଙ୍କର ଏହି ବଳିଦାନକୁ ଭୁଲିନି ନିଜ ଜନ୍ମମାଟି ଆଉ ସାରା ଦେଶ। ଆଜି ବି ଝୁରୁଛି ଦେଶ ଓ ଜନ୍ମମାଟି। ଦେଶ ପାଇଁ ତାଙ୍କର ଏହି ବଳିଦାନକୁ ନେଇ ଗର୍ବ କରୁଛନ୍ତି ପରିବାର ଲୋକେ। ଆଜି ତାଙ୍କର ଏହି ସ୍ମୃତିକୁ ମନେ ରଖିବା ପାଇଁ ଗ୍ରାମବାସୀ ଓ ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ ପକ୍ଷରୁ ଏହି ବଳିଦାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆର୍‌ପିଏଫ୍ ଡିଆଇଜିପି ଭରତ ଭୂଷଣ ସେଠି ଯୋଗଦେଇଥିବା ବେଳେ ତାଙ୍କ ସହିତ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ୍, ଜିଲ୍ଲା ପରିଷଦ ସଦସ୍ୟା ଅମିତା ସ୍ୱାଇଁ, ଉତ୍କଳ ସେବା ନିବୃତ୍ତ ସେନାନି ସଂଘର ସଭାପତି ସୋମନାଥ ମହାରଣା, ସମାଜସେବୀ ବିଜୟ କୁମାରବାରିକ୍, ମନୋଜ ସ୍ୱାଇଁ, ନାଉଗାଁ ଥାନାର ସବ୍‌ଇନ୍ସପେକ୍ଟର ପ୍ରସନଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ସଂଘର ଯୁଗ୍ମ ସମ୍ପାଦକ କେଦାର ଦାସ ପରିଚାଳନା କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର, ସରକାରୀ ବିଦ୍ୟାଳୟର ପିଲାମାନେ ସାଂସ୍କୃତିକ କାର୍ଯକ୍ରମରେ ସମସ୍ତଙ୍କ ମନ କିଣିଥିଲେ। ଏହି ସଭାରେ ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ ଜଗତସିଂହପୁରର ସମସ୍ତ ସଭ୍ୟ, ସ୍ମୃତି ପରିଷଦର ସଦସ୍ୟ ବୃନ୍ଦ, ନାଉଗାଁ ଯୁବ ପରିଷଦ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ।


ଶେଷରେ ସଂଘର ପ୍ରଦୀପ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଘର ସଭାପତି ସୋମନାଥ ମହାରଣା, ସମ୍ପାଦକ ସୁଧାଂଶୁ ନାୟକ ଓ ଅନ୍ୟ ସଦସ୍ୟଙ୍କ ପକ୍ଷରୁ ମିଳିତ ଉଦ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟପଟେ ଯାହାଙ୍କ ବଳିଦାନ ପାଇଁ ସାରା ଦେଶ ଗର୍ବିତ ହେଲେ ତାଙ୍କରି କାର୍ଯ୍ୟକୁ ଅଣାଦେଖା କରୁଛନ୍ତି ଜିଲ୍ଲା ପ୍ରଶାସନ। କଥା ଦେଇ କଥା ରଖିପାରି ନାହାନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ତାଙ୍କର ଏହି ବଳିଦାନକୁ ଚିରସ୍ମରଣୀୟ କରି ରଖିବା ପାଇଁ ଆଦର୍ଶ ବିଦ୍ୟାଳୟ, ଆଦର୍ଶ ଗ୍ରାମ କରିବା ସହିତ ଗ୍ରାମୀଣ ପାର୍କ ଓ ଶିଖରଘାଟ ପୋଲ ପ୍ରଭୃତିକୁ ତାଙ୍କ ନାମରେ ନାମିତ କରାଯିବାର ଯେଉଁ ବ୍ୟବସ୍ଥା ରହିଥିଲା, ତାହା କେବଳ କାଗଜ ପତ୍ରରେ ସୀମିତ ହୋଇ ରହିଯାଇଛି ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏହାକୁ ଯଥାଶୀଘ୍ର କରାଯିବା ପାଇଁ ସରକାର ଓ ପ୍ରଶାସନ ନିକଟରେ ଦାବି ରଖିଛନ୍ତି ଗ୍ରାମବାସୀ।

## ଗୋପାଳପୁର ଛକରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର

ମହାକାଳପଡ଼ା,୧୪।୨ (ସମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଛକ ନିକଟରେ ଖୋଲା ଅବସ୍ଥାରେ ବିଦ୍ୟୁତ ତାର ଲଟକି ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତିଦିନ ଏହି ରାସ୍ତା ଦେଇ ହଜାର ହଜାର ଲୋକ ଯାତାୟାତ କରୁଥିବା ସତ୍ତ୍ୱେ ବିଦ୍ୟୁତ ବିଭାଗ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଖୋଲା ଓ ତଳକୁ ଝୁଲିଥିବା ବିଦ୍ୟୁତ୍ ତାର ଦୁର୍ଘଟଣାର କାରଣ ହୋଇପାରେ। ବର୍ଷାଋତୁ କିମ୍ବା ବାତ୍ୟା ସମୟରେ ପରିସ୍ଥିତି ଅଧିକ ବିପଦଜନକ ହୋଇଯାଏ। ଏହା ସତ୍ତ୍ୱେ ମହାକାଳପଡ଼ା ବିଦ୍ୟୁତ ବିଭାଗ ପକ୍ଷରୁ ସମସ୍ୟାର ସ୍ଥାୟୀ ସମାଧାନ ହେଉ ନ ଥିବା ଅଭିଯୋଗ ହୋଇଛି। ଯଦି କୌଣସି ଅଘଟଣ ଘଟେ, ଏଥିପାଇଁ ମହାକାଳପଡ଼ା ବିଦ୍ୟୁତ ବିଭାଗ ଦାୟୀ ରହିବ। ତେଣୁ ତୁରନ୍ତ ସ୍ଥଳ ପରିଦର୍ଶନ କରି ଆବଶ୍ୟକ ମରାମତି କାର୍ଯ୍ୟ କରାଯାଇ ଲୋକଙ୍କ ଜୀବନ ସୁରକ୍ଷା ସୁନିଶ୍ଚିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଶ୍ରୀଜଗନ୍ନାଥ ଷ୍ଟଡି ସେଣ୍ଟରରେ ବିଦାୟକାଳୀନ ସଭା




ରାଜନଗର, ୧୪।୨(ସମିସ): ରାଜନଗର ବ୍ଲକ ମହିଷାସୁର ଶ୍ରୀଜଗନ୍ନାଥ ଷ୍ଟଡି ସେଣ୍ଟରରେ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଅଷ୍ଟଶମ୍ଭୁ ମହାବିଦ୍ୟାଳୟର ଅଧ୍ୟାପିକା ଶ୍ରୀମତୀ ଭଗବତୀ ରାଉତ, ସମ୍ମାନିତ ଅତିଥି ଭାବେ ରାଜନଗର କୃଷି ସେବା ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ସମ୍ବିତ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ସେ କହିଥିଲେ, ଶିକ୍ଷାର ଲକ୍ଷ୍ୟ କେବଳ ଭଲ ମାର୍କ ରଖିବା ନୁହେଁ, ବରଂ ଜୀବନରେ ଜଣେ ଉତ୍ତମ, ସଚେତନ ଓ ଦାୟିତ୍ୱଶୀଳ ମଣିଷ ହେବା ଆବଶ୍ୟକ।

## ଶିକ୍ଷକ ଭଗୀରଥ ଓ ଜଗନ୍ନାଥଙ୍କ ସ୍ମୃତିଚାରଣ ସଭା



ପଟ୍ଟାମୁଣ୍ଡାଇ,୧୪।୨(ସମିସ): ରାଜ୍ୟରେ ଶିକ୍ଷକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ପାଇଁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ତତ୍କାଳୀନ ମହାସଚିବ ସଚ୍ଚିଦାନନ୍ଦ ରାଉତ ଓ ସଭାପତି ଜଗନ୍ନାଥ ମହାନ୍ତିଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିଲା। ୧୯୮୯ରେ ତତ୍କାଳୀନ ସରକାର ସଚ୍ଚିଦାନନ୍ଦ ରାଉତ ଓ ଜଗନ୍ନାଥ ମହାନ୍ତିଙ୍କ ନେତୃତ୍ୱରେ ଚାଲିଥିବା ଶିକ୍ଷକ ଆନ୍ଦୋଳନ ଓ ଶିକ୍ଷକଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବା ଦାବି ପ୍ରତି ସମର୍ଥନ କରି ସରକାରୀ କର୍ମଚାରୀ ଭାବେ ଘୋଷଣା କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପ୍ରାକ୍ତନ ମହାସଚିବ ସଚ୍ଚିଦାନନ୍ଦ ରାଉତ ଓ ସଭାପତି ଜଗନ୍ନାଥ ମହାନ୍ତିଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ଓ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ସ୍ମୃତିଚାରଣ ସଭା ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ଭ୍ରମରବର ରାଉତ, ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ ସାହୁ, ସମ୍ପାଦକ ରାଜେନ୍ଦ୍ର ସିଂ, ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ସାଧାରଣ ସମ୍ପାଦକ ବଳଭଦ୍ର ରାଉତ, ଗଣତାନ୍ତ୍ରିକ ଶିକ୍ଷକ ସଂଗଠନ ସଭାପତି ବିଭୂତି ଭୂଷଣ ନାୟକ, ଶିକ୍ଷକ ନେତା ଉଦକର ସାମଲ, ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ସଚ୍ଚିଦାନନ୍ଦ ରାଉତ ଓ ଜଗନ୍ନାଥ ମହାନ୍ତିଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।


● ବାଜିରେ ଲାଗୁଛି ଜୀବନ

## ବିନା ସୁରକ୍ଷାରେ ଚାଲିଛି ଯାତ୍ରୀ ପରିବହନ



ରାଜକନିକା,୧୪।୨(ସମିସ): କନିକା ତହସିଲ ପ୍ରଶାସନର ବେପରୁଆ ମନୋଭାବ ଯୋଗୁଁ କନିକାର ସମସ୍ତ ନଦୀପାର ବ୍ୟବସ୍ଥା ପାରମ୍ପରିକ ଭାବେ ଚାଲିଛି। ଏହି ବ୍ୟବସ୍ଥାର ସୁଧାର ପାଇଁ ଯେତେ ନିୟମାବଳି ଆସିଥିଲେ ବି ଏହି ବ୍ୟବସ୍ଥାରେ ସାମାନ୍ୟତମ ସୁଧାର ଆସିନାହିଁ। ଫଳରେ ଲୋକଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗ ହେଉଛି। କନିକା ତହସିଲ ଅନ୍ତର୍ଗତ ଜୟନଗର ଘାଟ ଏକ ବ୍ୟସ୍ତବହୁଳ ଯାତ୍ରୀ ପରିବହନ ମାଧ୍ୟମ ରହିଛି। ପ୍ରତିଦିନ ଏହି ଘାଟ ଦେଇ ଭିତରକନିକା ଅଭୟାରଣ୍ୟକୁ ବର୍ଷ ସାରା ପର୍ଯ୍ୟଟକ ଆସିଥା'ନ୍ତି। ପର୍ଯ୍ୟଟନ ଋତୁରେ ଦେଶ ଓ ବିଦେଶରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଓ ଗବେଷକ ଏଠାରେ ନଦୀପାର ହୋଇ ଭିତରକନିକା ଆସିଥା'ନ୍ତି। ବିଶେଷକରି ପ୍ରତି ଛୁଟିଦିନରେ ଏହି ଘାଟ ପାର ବେଳେ ମାତ୍ରାଧିକ ସଂଖ୍ୟକ ଲୋକ ଭୁଟୁଭୁଟି ଯୋଗେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଘାଟ ପାର ହେବା ଜୀବନ ପ୍ରତି ଘାତକ ସାବ୍ୟସ୍ତ ହୋଇଛି। ପ୍ରତି ରବିବାର ଓ ଛୁଟିଦିନରେ ଜୟନଗର ଘାଟରୁ ୧୫ଟି ଘରୋଇ ବୋଟ୍ ଓ ୧୨ଟି ଭୁଟଭୁଟି ଯୋଗେ ଭିତରକନିକା ଅଭୟାରଣ୍ୟକୁ ପର୍ଯ୍ୟଟକ ନେଇ ଯାତାୟାତ କରୁଛନ୍ତି। ଏହି ପରିବହନ ବ୍ୟବସ୍ଥାରେ କେଉଁ ଭୁଟୁଭୁଟିରେ କେତେ ଲୋକ ପରିବହନ ପାଇଁ ଅନୁମତି ରହିଛି, ତାହାର କୌଣସି ତଦାରଖ କରା ନ ଯିବା, ଏହି ବ୍ୟବସ୍ଥା ପାଇଁ କେହି କର୍ମଚାରୀ ବା ପୁଲିସ ଉପସ୍ଥିତ ନ ରହିବା ଅତ୍ୟନ୍ତ ବେପରୁଆ ସାବ୍ୟସ୍ତ ହୋଇଛି। ତହସିଲ ପକ୍ଷରୁ କୌଣସି ଦାୟିତ୍ୱ ନ ଥିବା ଭଳି ଭୁଟୁଭୁଟି ମାଲିକଙ୍କ ସ୍ୱେଚ୍ଛାଚାରୀ ମନୋଭାବ ଯୋଗୁ କେତେବେଳେ ଯେ ଅଘଟଣ ନ ଘଟିବ, ତାହା କହିବା ମୁସ୍କିଲ।

## ପଥର ପ୍ୟାକିଂ କାର୍ଯ୍ୟରେ ଅନିୟମିତତା



ବାଲିକୁଦା,୧୪।୨(ସମିସ): ବାଲିକୁଦା ଜଳସମ୍ପଦ ବିଭାଗ ପକ୍ଷରୁ ବାଲିକୁଦା ବ୍ଲକର ଦ୍ୱୀପାଞ୍ଚଳ ଭାବେ ପରିଚିତ ତରାସାହି ପଞ୍ଚାୟତ ଛେଳିକୁଳିଆ ଠାରେ ଥିବା ଦେବୀ ନଦୀ ବନ୍ଧ କଡ଼ରେ ପଥର ପ୍ୟାକିଂ କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅନ୍‌ଲାଇନ ପୋର୍ଟାଲ ଆପ୍‌ରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ତରାସାହି ଗ୍ରାମବାସୀ। କାର୍ଯ୍ୟ କରୁଥିବା ଠିକାଦାର ସଂସ୍ଥା ପ୍ରଭାତ ବସ୍ତିଆ ଏହି ଟେଣ୍ଡର ପାଇଥିଲେ। ହେଲେ କାର୍ଯ୍ୟ ଆରମ୍ଭ ହୋଇ ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟ ସ୍ଥଳୀରେ କୌଣସି ସୂଚନା ଫଳକ ନଥିବା ବେଳେ କାର୍ଯ୍ୟର ଆନୁମାନିକ ଅନୁଦାନ ୩୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅଭିଯୋଗ ମୁତାବକ କାର୍ଯ୍ୟ କରୁଥିବା ଠିକାଦାର କାର୍ଯ୍ୟରେ ଅତି ଛୋଟ ପଥର ବ୍ୟବହାର କରିଥିବା ବେଳେ ମାଟିଆ ଓ ଧୂସର ରଙ୍ଗର ପଥର ବ୍ୟବହାର କରିଥିଲେ। ଏପରିକି ଉକ୍ତ ପଥରକୁ ଖଞ୍ଜିବା ପରିବର୍ତ୍ତେ ମେସିନ ଲଗାଇ ଗଡ଼ାଇ ଦେଇ ରାତି ଅଧିଆ ତରବରିଆ ଭାବେ କାର୍ଯ୍ୟ ସ୍ଥଳିରୁ ଛାଡ଼ି କେଉଁଆଡ଼େ ଉଭାନ ହୋଇଯାଇଥିଲେ। କାର୍ଯ୍ୟ ସମୟରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିମ୍ନମାନର କାର୍ଯ୍ୟକୁ ବିରୋଧ କରିବା ସହ ଜଳ ପତନ ଠାରୁ ପଥର ପ୍ୟାକିଂର ଯେଉଁ ନିୟମ ରହିଛି ସେହି ଆଧାରରେ କାର୍ଯ୍ୟ କରିବାକୁ କହିଥିଲେ। ହେଲେ ଅଳ୍ପ ହାତଗଣତି କେତେ ହାଇୱା ପଥର ପକାଇ କାର୍ଯ୍ୟକୁ ସ୍ୱାହା କରି ଦେଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତ ପ୍ରତ୍ୟେକ ବନ୍ୟାରେ ଜଳବନ୍ଦୀ ଅବସ୍ଥାରେ ରହୁଥିବା ବେଳେ ଏଠାରେ ପ୍ରାୟ ୧୫ ହଜାର କୈବର୍ତ୍ତ ଓ ସାଧାରଣ ବର୍ଗର ଲୋକ ବସବାସ କରିଥାନ୍ତି। ରାଜ୍ୟ ସରକାର ଏହି ପଞ୍ଚାୟତ ଦେବୀ ନଦୀ ବନ୍ଧର ସୁରକ୍ଷା ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଅନୁଦାନ ଖର୍ଚ୍ଚ କରୁଛନ୍ତି; ତେବେ ଠିକାଦାର ଲୁଟ୍ କରିବା ପାଇଁ ଏହି ଅର୍ଥକୁ ଚଳୁ କରିଥିବା ଅଭିଯୋଗ କରିଛନ୍ତି ତରାସାହି ଗ୍ରାମର ଅରକ୍ଷିତ ବେହେରା, ମାନସ ଲେଙ୍କା, ସଂଗ୍ରାମ ସାହୁ, ଦାରିଦ୍ର୍ୟ ବେହେରା, ସୁବାସ ବେହେରା, ମିଥୁନ ବେହେରା, ପବିତ୍ର ବେହେରା, କ୍ଷୀରୋଦ ଚନ୍ଦ୍ର ବେହେରା, ପ୍ରମୋଦ ବେହେରା, ପୀତବାସ ବେହେରାଙ୍କ ସମେତ ବହୁ ଗ୍ରାମବାସୀ। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସେ ତଦାରଖ ସମୟରେ ଏଭଳି କୌଣସି ଖବର ନଥିଲା। ସେ ଅଭିଯୋଗ ବିଷୟରେ ଜାଣିନାହାନ୍ତି। ସେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସୂଚନା ଫଳକ ଲଗାଇବା ପାଇଁ ଠିକାଦାରଙ୍କ ସହ ଆଲୋଚନା କରିବେ। ଯଦି କାର୍ଯ୍ୟ କିଛି ଖରାପ ହୋଇଥାଏ ତେବେ କାର୍ଯ୍ୟାଦେଶ ମୁତାବକ ଠିକାଦାର କାର୍ଯ୍ୟ କରିବ ବୋଲି କହିଥିଲେ।

■ ମହାକାଳପଡ଼ାରେ ନଳକୂପ ଖନନ

## ଟ୍ୟାଙ୍କରରେ ପାଣି ଯୋଗାଣରେ ଦୁର୍ନୀତି ଅଭିଯୋଗ



ମହାକାଳପଡ଼ା,୧୪।୨(ସମିସ): ମହାକାଳପଡ଼ା ବ୍ଲକ୍ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ନଳକୂପ ବସାଇବା ଓ ପାନୀୟ ଜଳ ଯୋଗାଣ ପାଇଁ କେତେକ ଅଞ୍ଚଳରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି। କିନ୍ତୁ ବାସ୍ତବ ଚିତ୍ର ମହାକାଳପଡ଼ା ବ୍ଲକ୍‌ରେ ଦେଖିଲେ ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି। ଏଠାରେ ଆଜି ବି ଲୋକେ ନଳକୂପରେ ପାଣି ପାଇପାରୁନାହାଁନ୍ତି। ବହୁତ୍ ନଳକୂପ ଅଚଳ ହୋଇପଡ଼ିଛି। ଲୋକେ ଟ୍ୟାଙ୍କର ଆସିବାକୁ ଅପେକ୍ଷା କରି ପାଣି ସଂଗ୍ରହ କରୁଛନ୍ତି। ଠିକ୍ ସମୟରେ ପାଣି ଲୋକମାନେ ପାଇପାରୁନାହାଁନ୍ତି। ଦିନେ ଆସିଲେ ଦିନେ ଆସୁଛି ପାଣି। ପାଣି ପାଇଁ ଲୋକମାନେ ଡହଳବିକଳ ହେଉଛନ୍ତି। କିନ୍ତୁ ସରକାରୀ ଦଲିଲ ଅନୁଯାୟୀ ମହାକାଳପଡ଼ା ବ୍ଲକର ମଙ୍ଗଳପୁର, ବରକନ୍ଧା, ପେଛଲା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ୭ଟି ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣ କରାଯାଉଥିବା ସରକାରି ରିପୋଟ କହୁଛି। ଯଦି କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନଳକୂପ ଖନନ ଓ ଜଳଯୋଗାଣ ବ୍ୟବସ୍ଥା ଠିକ୍ ହୋଇଥା'ନ୍ତା, ତେବେ ଲୋକମାନେ ପାଣି ପାଇଁ ହଇରାଣ ହୋଇ ନ ଥାନ୍ତେ। ଟ୍ୟାଙ୍କର ଉପରେ ଏଭଳି ନିର୍ଭରଶୀଳ ହୋଇ ନ ଥା'ନ୍ତେ। ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଉଠୁଛି। କେତେକ ଗ୍ରାମରେ ଦିନ ଦିନ ଧରି ଟ୍ୟାଙ୍କର ଆସୁ ନ ଥିବା ଅଭିଯୋଗ ମଧ୍ୟ ରହିଛି। ମହିଳା ଓ ଶିଶୁ ଘଣ୍ଟା ଘଣ୍ଟା ଧରି ଟ୍ୟାଙ୍କର ଆସିବାକୁ ଅପେକ୍ଷା କରୁଥିବାବେଳେ ନଳକୂପ କେଉଁଠି ଅଚଳ, କେଉଁଠି କାଗଜରେ ସୀମିତ ହୋଇ ରହିଯାଇଛି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା କଥା, ନଳକୂପ ଓ ପାଇପ ଜଳ ଯୋଜନା ନାମରେ ଅର୍ଥ ଖର୍ଚ୍ଚ ହେଲା। କିନ୍ତୁ ଲାଭ ମିଳୁନାହିଁ। ପାଣି ପାଇଁ ଆଜି ବି ଟ୍ୟାଙ୍କର ଅପେକ୍ଷାରେ ରହୁଛୁ। ଏଭଳି ପରିସ୍ଥିତିରେ ୭ କୋଟି ଟଙ୍କାର ଖର୍ଚ୍ଚ, ତାହାର କାର୍ଯ୍ୟାନ୍ୱୟନ ଓ ଗୁଣମାନ ଉପରେ ସ୍ୱଷ୍ଟ ତଦନ୍ତ ହେବା ଦରକାର ବୋଲି ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରୁଛନ୍ତି।

## ବିଶ୍ୱକର୍ମା ସମିତି ଜିଲ୍ଲା ଶାଖାର ସାଂଗଠନିକ ବୈଠକ

ଜଗତସିଂହପୁର,୧୪।୨(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଜଗତସିଂହପୁର ଜିଲ୍ଲା ଶାଖାର ସାଂଗଠନିକ ବୈଠକ ଏବଂ କର୍ମକର୍ତ୍ତା ଚୟନ ଜୟବଡ଼ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଗୋଲେଖ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ଇଂ. ରାମକୃଷ୍ଣ ମହାରଣାଙ୍କ ସମେତ ଇଂ. ଯୁଗଳ କିଶୋର ମହାରଣା, ଅଶୋକ କୁମାର ମହାରଣା, କିଶୋର କୁମାର ସୁତାର ପ୍ରମୁଖ ଯୋଗଦେଇଥିଲେ। ପରେ ଜିଲ୍ଲାଶାଖାର କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଜିଲ୍ଲା ଶାଖାର ଉପଦେଷ୍ଟା ଭାବେ ଗୋଲେଖ ମହାରଣା, ସୁରେଶ କୁମାର ଚୌଧୁରୀ, ନାରାୟଣ ମହାରଣା, ଅରୁଣ କୁମାର ମହାରଣା, ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣା, ଶୁଭଙ୍କର ଜେନା, ଅକ୍ଷୟ କୁମାର ଦାସ, ଜିଲ୍ଲା ସଭାପତି ଭାବେ ଅବସରପ୍ରାପ୍ତ ସୈନିକ ସୋମନାଥ ମହାରଣା, ସଂପାଦକ



ଭାବେ ପ୍ରଶାନ୍ତ କୁମାର ଓଝା, କୋଷାଧ୍ୟକ୍ଷ ଭାବେ ଜ୍ଞାନରଞ୍ଜନ ଓଝା, ଉପସଭାପତି ଭାବେ ନରେଶ କୁମାର ମହାରଣା, ସଂଗଠନ ସଂପାଦକ ଭାବେ ସୁଚିତ୍ରା ମହାରଣା, ଯୁଗ୍ମ ସଂପାଦକ ଭାବେ ମାନିନି ଓଝା ଓ ସତ୍ୟ ନାରାୟଣ ଓଝା, ସହ ସଂପାଦକ ଭାବେ ସୁଦର୍ଶନ ଓଝା ଓ କିଶୋର ଚନ୍ଦ୍ର ମହାରଣାଙ୍କୁ ଜିଲ୍ଲା ସଂଗଠନକୁ ସୁଦୃଢ଼ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଂଘ ତରଫରୁ ବରିଷ୍ଠ ବିଶ୍ୱକର୍ମା ଭାଇମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ସଭାପତି ଗୋବିନ୍ଦ ଚନ୍ଦ୍ର ମହାରଣା, ସଂପାଦକ ରାମହରି ମହାରଣା, ଦୀପକ ମହାରଣା, ସତ୍ୟଶିବ ଓଝା, ବିଶ୍ୱନାଥ ଓଝା, ବିଜୟ କୁମାର ଓଝା, ରଞ୍ଜିତ ମହାରଣା, ସୁଜିତ ମହାରଣା, ରଶ୍ମୀରଂଜନ ମହାରଣା ପ୍ରମୁଖ ବିଶ୍ୱକର୍ମା ଭାଇମାନେ ଯୋଗଦେଇଥିଲେ।

## ବିଲିପଡ଼ା ଗ୍ରାମରୁ ୧୮ ଟି ଛେଳି ଚୋରି

ନାଉଗାଁ,୧୪।୨(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଶିଖର ପଞ୍ଚାୟତ ବିଲିପଡା ଗ୍ରାମରୁ ଜୈନିକ ବ୍ୟକ୍ତିଙ୍କ ଗୁହାଳରୁ କେହି ଦୁର୍ବୃତ୍ତ ୧୮ ଟି ଛେଳି ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଉକ୍ତ ଗ୍ରାମର ଶ୍ରୀଚରଣ କାଣ୍ଡିଙ୍କ ପରିବାର ଲୋକେ ଶୁକ୍ରବାର ରାତିରେ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ଓ ତାଙ୍କ ଘରକୁ ଲାଗିଥିବା ଦୁଇ ପଡୋଶୀଙ୍କ ଘର ଲୋକଙ୍କୁ ଆଗପଟୁ କବାଟ ହୁକ ଦେଇ ତାଙ୍କ ଗୁହାଳ ଘରେ ଥିବା ୩ଟି ଛେଳି ଛୁଆଙ୍କୁ ଛାଡି ୧୮ ଟି ବଡ଼ ଛେଳି ଚୋରିକରି ନେଇଛନ୍ତି। ଫଳରେ ଛୁଆ ଛେଳି ଗୁଡ଼ିକ ବୋବାଇବାରୁ ଶ୍ରୀଚରଣ ଦେଖିବାକୁ ଘରୁ ଉଠି ଆସିବା ସମୟରେ ବାହାରୁ କବାଟ ଦିଆଯାଇଥିବାରୁ ସେ ପାଟିକରି ଡାକିଥିଲେ। ତାଙ୍କ ଡାକସୁଣି ଗ୍ରାମବାସୀ ଉଠି କବାଟ ଖୋଲିଥିଲେ। ହେଲେ ସେତେବେଳକୁ ଚୋରମାନେ ଗ୍ରାମରୁ ପାର ହୋଇଯାଇଥିଲେ। ଯାହାକୁନେଇ ଶ୍ରୀଚରଣ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ନାଉଗାଁ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ପକ୍ଷରୁ କୁହାଯାଇଛି।

## ଗଣେଶ୍ୱରପୁର ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ



ଗୋବିନ୍ଦପୁର,୧୪।୨(ସମିସ): ଆଳି ବ୍ଲକ ମୋହନପୁର ଗଣେଶ୍ୱରପୁର ଉଚ୍ଚବିଦ୍ୟାଳୟ ୨୦୦୧ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତା ବେହେରା ସଭାପତିତ୍ୱ କରିଥିଲେ। ଜନାର୍ଦ୍ଦନ ପରିଡ଼ା, ରଜନୀକାନ୍ତ ଦାସ, ଅମୀୟ ରାୟ, ବୈଦ୍ୟନାଥ ସାମଲ, କାଳନ୍ଦୀ ସାମଲ, ତପନକ ସ୍ୱାଇଁ, ଅଚ୍ୟୁତ ସାମଲ, ଈଶ୍ୱର ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଦେଇଥିଲେ।

ବାଲିଘାଟରୁ ଅବାଧ ବାଲି ଚାଲାଣ

# ଖରାପ ହେଉଛି ରାସ୍ତା; ଅଞ୍ଚଳବାସୀ ପ୍ରଦୂଷଣର ଶିକାର



ଡେରାବିଶ,୧୪।୨(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଲୁଣାନଦୀର ଅର୍ତାମୂଳ ବାଲି ଘାଟରୁ ଅବାଧରେ ହେଉଥିବା ବାଲି ଚାଲାଣ ଯୋଗୁଁ ଏବେ ସ୍ଥାନୀୟ ଅଞ୍ଚଳ ରାସ୍ତା ମରଣଯନ୍ତା ପାଲଟିଥିବାବେଳେ ସ୍ଥାନୀୟ ଲୋକେ ପ୍ରଦୂଷଣର ଶିକାର ହେଉଥିବା ନେଇ ଅଭିଯୋଗ ହେଉଛି। ଏହାର ପ୍ରତିକାର କରା ନ ଗଲେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସଜବାଜ ହେଉଥିବା ଜଣାଯାଇଛି।

ସୂଚନା ମୁତାବକ, ଲୁଣାନଦୀର ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ବାଲିଘାଟରୁ ଦୈନିକ ଶହ ଶହ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଛି। ଏହି ଗାଡ଼ିଗୁଡ଼ିକ କ୍ଷମତାଠାରୁ ଅଧିକ ପରିମାଣରେ ବାଲି ବୋଝେଇ କରି ବାଲିଘାଟରୁ ବାହାରି ଅର୍ତାମୂଳଠାରୁ ଲୁଣାନଦୀ ବନ୍ଧରେ ଦାନପୁର ଯାଏ ଓ ଦାନପୁରଠାରୁ ଦାନପୁର-ଚାନ୍ଦୋଳ ପୂର୍ତ୍ତ ବିଭାଗ ରାସ୍ତା ଦେଇ କଟକ-ଚାନ୍ଦବାଲି ରାଜରାସ୍ତାକୁ ବାହାରିଥା'ନ୍ତି। ଅନ୍ୟପଟରେ ଗାଡ଼ିଗୁଡ଼ିକ ଅର୍ତାମୂଳ ବାଲିଘାଟରୁ ବାହାରି କେନ୍ଦ୍ରାପଡ଼ା କେନାଲର ଶାଖା ୧୨ନଂ କେନାଲ ବନ୍ଧ ଦେଇ କଟକ-ଚାନ୍ଦବାଲି ରାସ୍ତାକୁ ବହାରିଥା'ନ୍ତି। ସେହିପରି ଘାଟରୁ ବାହାରି ଦାନପୁର ଲକ୍ ବାଟ ଦେଇ କେନ୍ଦ୍ରାପଡ଼ା କେନାଲ୍ ବନ୍ଧ ରାସ୍ତାରେ କେନ୍ଦ୍ରାପଡ଼ା ଓ ଘାଟରୁ ଲୁଣାନଦୀ ବନ୍ଧରେ ଅସୁରେଶ୍ୱର ଆଡ଼କୁ ବାଲି ବୋଝେଇ ଗାଡ଼ି ଚଳାଚଳ କରୁଛି। ଅପରାହ୍ନ ୫ଟାରୁ ଭୋର ୭ଟା ଯାଏ ଉପରୋକ୍ତ ରାସ୍ତାକୁ ବାଲି ନେବା ଆଣିବା କରୁଥିବା ଭାରୀଯାନ ସତେ ଯେପରି କବ୍‌ଜା କରିନେଇଥା'ନ୍ତି। ଫଳରେ ସକାଳେ ଓ ସନ୍ଧ୍ୟାବେଳେ ଏହି ରାସ୍ତା ଉପରେ ନିର୍ଭର କରି ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ପ୍ରମାଦ ଗଣିଥା'ନ୍ତି। ଏଥିସହିତ ଏହି ରାସ୍ତାରେ ଅନ୍ୟ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ଚଳପ୍ରଚଳ କରିବା କଷ୍ଟକର ହୋଇପଡ଼ିଛି। ବହୁ ସମୟରେ ଏହି ରାସ୍ତାରେ ସନ୍ଧ୍ୟାରେ ଏପରି ଟ୍ରାଫିକ ସମସ୍ୟା ଉପୁଜିଥାଏ ଯେ ଯାତ୍ରୀମାନେ ବହୁ ହୀନସ୍ତା ଭୋଗିଥା'ନ୍ତି। ତେବେ ଚାନ୍ଦୋଳ-ଦାନପୁର ରାସ୍ତା ଓ ଚାନ୍ଦୋଳ ଭାୟା ଅର୍ତାମୂଳ ଦେଇ ଦାନପୁର ସେତୁକୁ ସଂଯୋଗ କରୁଥିବା ରାସ୍ତା ଦୁଇଟି ଉପରେ କେବଳ ଡେରାବିଶ ବ୍ଲକ୍‌ର ଜନସାଧାଣ ନୁହଁନ୍ତି, ଗରଦପୁର ଓ ମାର୍ଶାଘାଇ ବ୍ଲକ୍‌ର ଜନସାଧାରଣ କଟକ-ଚାନ୍ଦବାଲି ରାସ୍ତାକୁ ଆସିବା ପାଇଁ ନିର୍ଭର କରିଥା'ନ୍ତି।

ଏହି ଭାରୀଯାନ ଯାତାୟାତ ଫଳରେ ଉଭୟ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଖାଲଖମାରେ ପରିପୂର୍ଣ୍ଣ ହେବା ସହିତ ବାଲି ବୋଝେଇ ଗାଡ଼ିରୁ ବାଲି ଝଡ଼ି ରାସ୍ତାର ଦୁଇପଟେ ୬ ଇଞ୍ଚର ବାଲି ଆସ୍ତରଣ ଜମିଥିବାବେଳେ ରାସ୍ତା ମଝିରେ ୨ ଇଞ୍ଚର ବାଲି ଆସ୍ତରଣ ରହିଛି। ଏହି ବାଲି ଆସ୍ତରଣ ଯୋଗୁଁ ଏହି ଅଞ୍ଚଳରେ ଥିବା ୮ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ, ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଛାତ୍ରଛାତ୍ରୀ, ଅସୁସ୍ଥ ବ୍ୟକ୍ତି ଓ ସାଧାରଣ ଜନତା ପ୍ରଦୂଷଣର ଶିକାର ହେଉଛନ୍ତି। ଏଥିସହିତ ସାମାନ୍ୟ ପବନ ବହିଲେ ସ୍ଥାନୀୟ ଅଞ୍ଚଳରେ ବାଲିଝଡ଼ ସୃଷ୍ଟି ହେବା ସହିତ ବୟସ୍କ ଓ ଛୋଟପିଲା ଓ ଶ୍ୱାସରୋଗୀ ଅଣନିଶ୍ୱାସୀ ହୋଇପଡୁଛନ୍ତି। ତୁରନ୍ତ ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନିୟମିତ ବ୍ୟବଧାନରେ ରାସ୍ତାରେ ଜମା ହୋଇଥିବା ବାଲି ଆସ୍ତରଣକୁ ସଫା କରିବା ଓ ଭାରୀଯାନରେ ଅନୁମୋଦିତ ପରିମାଣରେ ବାଲି ବୋଝେ କରି ଚାଲାଣ କରିବାକୁ ଦାବି କରିଛନ୍ତି। ନଚେତ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପ୍ରେକ୍ଷାଳୟରେ 'ବର ବଧୂ' ଓ 'ରକ୍ତ ଗୋଲାପ'



ପ୍ରେମ ଦିବସ ଅବସରରେ ମୁକ୍ତିଲାଭ କରିଛି ଦୁଇଟି ଓଡ଼ିଆ ସିନେମା 'ବର ବଧୂ' ଓ 'ରକ୍ତ ଗୋଲାପ'। 'ବର ବଧୂ'ର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀ ନଜର ଆସିଛନ୍ତି। ଏଥିରେ ଶିବାନୀ ଓ ଶୈଳେନ୍ଦ୍ରଙ୍କ ଯୋଡ଼ି ଚର୍ଚ୍ଚା ସାଉଁଟୁଛି। ସିନେମାରେ ଶୈଳେନ୍ଦ୍ର ବିଜୁ ଏବଂ ଶିବାନୀ ସୁମନ ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମଟିରେ ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହାର କାହାଣୀରେ ରହିଛି। ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିଛନ୍ତି। ସିନେମାର ନିର୍ଦ୍ଦେଶନାରେ ବିଶ୍ୱରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ରମଣି। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ।

ସେହିପରି ଏଲିନା ଏବଂ ଅଭିଷେକଙ୍କ ଅଭିନୀତ ସିନେମା 'ରକ୍ତ ଗୋଲାପ'କୁ ବି ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ବିଶେଷକରି ଏହାର 'ମେଘ କଦମ୍ବ...' ଗୀତଟିକୁ ଦର୍ଶକୀୟ ଆଦୃତି ମିଳିଛି। ଅଭିଷେକ ଗିରିଙ୍କ ସହ ତାଙ୍କର ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛି। ହର ରଥ, ସମରେଶ, ଉଦିତ, ଚୌଧୁରୀ ଜୟପ୍ରକାଶ ଏବଂ ଅଭିଷେକ ଗିରି ସେମାନଙ୍କର ବହୁ ବର୍ଷର ଅଭିନୟ ଅନୁଭୂତିକୁ ପରଦା ଉପରେ ଜୀବନ୍ତ କରିଛନ୍ତି। ସେମାନଙ୍କର ନିଖୁଣ ଅଭିନୟ ଏବଂ ଚରିତ୍ରର ଗଭୀରତା ଏହି ସସ୍‌ପେନ୍ସ-ଥ୍ରୀଲର୍ କାହାଣୀକୁ ସାଧାରଣ ବ୍ୟବସାୟିକ ସିନେମାଠାରୁ ବହୁତ ଉପରକୁ ନେଇଯାଇଛି। ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହରାଇବାର ଦୁଃଖ ଏବଂ ତଦନ୍ତ ପ୍ରକ୍ରିୟା ମଧ୍ୟର ସଂଘର୍ଷକୁ ସେ ଚମତ୍କାର ଭାବେ ରୂପାୟନ କରିଛନ୍ତି। ନିର୍ଦ୍ଦେଶକ ଶିଶିର ପିନାକୀଙ୍କ ସୁନ୍ଦର ନିର୍ଦ୍ଦେଶନା, 'ରକ୍ତ ଗୋଲାପ'କୁ ଏକ ସମ୍ପୂର୍ଣ୍ଣ ଅଭିନୟ-ଭିତ୍ତିକ ଥ୍ରୀଲର୍ ଭାବରେ ପ୍ରତିଷ୍ଠିତ କରିଛି। ■

# ଆନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ 'ଚାରିକାନ୍ଧ'

ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ବିଶ୍ୱନାଥ ରଥଙ୍କ ନିର୍ଦ୍ଦେଶନା ଓ ଅତିଶ କୁମାର ରାଉତଙ୍କ ପ୍ରଯୋଜନାରେ ନିର୍ମିତ ମଧ୍ୟମ ଅବଧିର ଓଡ଼ିଆ ଚଳଚ୍ଚିତ୍ର 'ଚାରିକାନ୍ଧ' ଜାପାନର ହୋକ୍କାଇଡ଼ୋ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇଛି। ଜୀବନର ସାୟାହ୍ନରେ ପହଞ୍ଚିଲା ପରେ ଯେତେବେଳେ



ପଛକୁ ଚାହିଁଲେ ଦେଖାଯାଏ -ସ୍ତ୍ରୀ ଚାଲିଯାଇଛି, ପିଲାମାନେ ନିଜ ସଂସାର ନେଇ ସୁଦୂର ବିଦେଶରେ, ଆଉ ଘର କହିଲେ କେବଳ ଚାରିକାନ୍ଥର ଶୂନ୍ୟତା। ଗାଁର ସେଇ ବଡ଼ ପରିବାର ଆଜି ସହରୀ ସଭ୍ୟତାର ଚକାଚକ ମଧ୍ୟରେ ହଜି ଯାଇଛି। ମନରେ ଗୋଟିଏ ପ୍ରଶ୍ନ – 'ଯଦି ଆଜି ମୁଁ ମରିଯାଏ, ମୋ ଶବକୁ କାନ୍ଧ ଦେବ କିଏ?' ବାର୍ଦ୍ଧକ୍ୟ ଅବସ୍ଥାରେ ମନ ଖୋଜେ ଏକ ସାଥି, ନିଜର ଲୋକଙ୍କ ସାହାଯ୍ୟ ଆଉ ସହାୟତା। ସାମ୍ପ୍ରତିକ ସମାଜର କଠୋର ବାସ୍ତବତା ଓ ବାର୍ଦ୍ଧକ୍ୟର ଏକଲାପଣକୁ ନେଇ ନିର୍ମିତ ଓଡ଼ିଶାର ଏକ ଭିନ୍ନ ଧରଣର ଫିଲ୍ମ 'ଚାରିକାନ୍ଧ'। ଅଠତିରିଶ ମିନିଟ ଫିଲ୍ମଟି ଶତଚାଳିଶରୁ ଅଧିକ ଜାତୀୟ ଏବଂ ଆନ୍ତର୍ଜାତୀୟ ଫେଷ୍ଟିଭାଲରେ ଯୋଗ ଦେବା ସହିତ ଏକୋଇଶିରୁ ଅଧିକ ପୁରସ୍କାର ସାଉଁଟିଲାଣି। ଏବେ ସିନେମାକୁ ନେଇ ଜାପାନ ଫିଲ୍ମ ଫେଷ୍ଟିଭାଲକୁ ଯାଇଛନ୍ତି ପ୍ରଯୋଜକ ଅତିଶ କୁମାର ରାଉତ। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ଶକ୍ତି ବରାଳ, ଶତାବ୍ଦୀ ସୂର୍ଯ୍ୟସ୍ନାତା, ସୁଶୀଲ ମିଶ୍ର , ଗୌରବ ମହାନ୍ତି , ଶିବାନୀ, ପ୍ରଭଞ୍ଜନ ମିଶ୍ର ଏବଂ ଅନ୍ୟାନ୍ୟ ପ୍ରତିଭାବାନ କଳାକାର। ଚାରିକାନ୍ଧ ବେଲଜିୟମରେ ପ୍ରଦର୍ଶିତ ହୋଇଥିବା ପ୍ରଥମ ଓଡ଼ିଆ ଫିଲ୍ମ ଭାବେ ଇତିହାସ ରଚିଛି। ■

# 'ତୁ ଖରା ମୁଁ ଛାଇ'ର ତୃତୀୟ ଅଧ୍ୟାୟ ଆରମ୍ଭ

ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଛି ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' । ଏହି ଧାରାବାହିକର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ଅଭି ଓ ମାନି । ଅକ୍ଷୟ ପରିଜା ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ଖରା ମୁଁ ଛାଇ' କାହାଣୀରେ ସାତ ବର୍ଷ ପରେ ଅଭି ଆଉ ସେହି ପୁରୁଣା ମଣିଷ ହୋଇ ରହିନାହିଁ। ମାନିର ମୃତ୍ୟୁ ଖବର ତାକୁ ଏକ ଶାନ୍ତ କିନ୍ତୁ ଭୟଙ୍କର ବ୍ୟକ୍ତିତ୍ୱରେ ପରିଣତ କରିଛି । ସେ ଗମ୍ଭୀର ଏବଂ ସଂଯମ। ଅନ୍ୟପଟେ ମାନି ନିଜର ପୁରୁଣା ସ୍ମୃତିକୁ ହରାଇ ଏକ ଅଲଗା ଦୁନିଆରେ ବଞ୍ଚିଛି। ସେ ମାନସିକ ଅସୁସ୍ଥତା ସହ ସଂଗ୍ରାମ କରିବା ସହିତ ନିଜର ଛଅ ବର୍ଷର ପୁଅ 'ଗୋଲୁ'କୁ ବଡ଼ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛି। ମାଧବ ଚରିତ୍ର ପ୍ରତିଶୋଧ ନେବା ପାଇଁ ମାନିର ମନରେ ଲୁଚି ରହିଥିବା କ୍ରୋଧକୁ ଉସୁକାଉଥିବା ବେଳେ କାହାଣୀରେ ଆରମ୍ଭ ହେଉଛି ଏକ ଭୟଙ୍କର ଷଡ଼ଯନ୍ତ୍ର, ଯାହା ମାନିକୁ ନିଜ ଭାଗ୍ୟ ବିରୁଦ୍ଧରେ ଛିଡ଼ା କରିଦେଇପାରେ। ନାଟକ ପ୍ରିୟ ଗୋଲୁ (ମାନିର ପୁଅ) ନିଜର ବିଭିନ୍ନ ବେଶଭୂଷା ଏବଂ ଚପଳତା ମାଧ୍ୟମରେ ସମସ୍ତଙ୍କ ଜୀବନରେ ଉତ୍ସାହ ଓ ଭରସା ଭରି ଦେଉଛି। ତେବେ କାହାଣୀରେ ଆସୁଛି ଏକ ରୋମାଞ୍ଚକର ଇମୋସନାଲ୍ ଥ୍ରୀଲର । ■



ପରଦା ପଛର କାହାଣୀ

# ଫାଇଟ୍ ଦୃଶ୍ୟ ପାଇଁ ଭୟଭୀତ ଅଲି ହସନ୍

୨୦୨୬ ଜାନୁଆରୀରେ ୨୩ରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ବର୍ଡର-୨'। ଫିଲ୍ମଟି ପ୍ରେକ୍ଷାଳୟରେ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା। ଏଥିସହ ବକ୍ସ ଅଫିସ୍‌ରେ ଫିଲ୍ମଟି ମାତ୍ର ୨୦ ଦିନ ମଧ୍ୟରେ ୩୧୬ କୋଟି ଆୟ କରିଛି। ନିକଟରେ ଫିଲ୍ମ ଅଭିନେତା ଅଲି ହସନ୍ ଏଥିରେ ଅଭିନୟ କରିଥିବା ଚରିତ୍ର ସଂପର୍କରେ ରୋଚକୀୟ କଥା କହିଛନ୍ତି। 'ବର୍ଡର-୨'ରେ ସନ୍ନି ଦେଓଲଙ୍କ ସହ ଫାଇଟ୍ ଦୃଶ୍ୟ ସୁଟ୍ କରିବା ତାଙ୍କ ପାଇଁ ଏତେ ସହଜ ନ ଥିଲା। ସେ ଫାଇଟ୍ ଦୃଶ୍ୟ ସୁଟିଂ କରିବାବେଳେ ଅନେକ ଥର ଭୟଭୀତ ହୋଇପଡୁଥିଲେ। କାରଣ ପିଲାବେଳୁ ଯାହାଙ୍କୁ ଟିଭିରେ ଦେଖି ବଡ଼ ହୋଇଛୁ, ତାଙ୍କ ସମ୍ମୁଖରେ ଅଭିନୟ କରିବା ସେତେ ସହଜ ନଥିଲା । କ୍ୟାମେରା ସମ୍ମୁଖରେ ତାଙ୍କ ଆଭା, ଶକ୍ତି ସହ ସମନ୍ୱୟ ରକ୍ଷା କରି ସୁଟିଂ କରିବା ବଡ଼ ଚ୍ୟାଲେଞ୍ଜ୍ ଥିଲା ବୋଲି ଅଭିନେତା ଅଲି ହସନ୍ କହିଛନ୍ତି। ଅବଶ୍ୟ ସେ ଏହା ପୂର୍ବରୁ ସନ୍ନି ଦେଓଲଙ୍କ ସହ ଧାରାବାହିକ ସିଆଇଡିରେ ଅଭିନୟ କରିଛନ୍ତି। ସେ ସମୟରେ ସନ୍ନି ଦେଓଲ ଫିଲ୍ମ ପ୍ରମୋସନ୍ ପାଇଁ ସୁଟ୍ କରିବାକୁ ଆସିଥିଲେ। ଏହାପରେ ପ୍ରାୟ ଏକ ଦଶନ୍ଧି ପରେ ହସନ୍‌ଙ୍କୁ ସନ୍ନି ଦେଓଲଙ୍କ ସହ 'ବର୍ଡର-ଟୁ'ରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ତେବେ ସେଟ୍‌ରେ ସେ ସନ୍ନିଙ୍କ ସହ ପୂର୍ବରୁ ସୁଟ୍ କରିଥିବା ସିଆଇଡିର ଦୃଶ୍ୟ ବା ଫଟୋ ଦେଖାଇଥିଲେ। ଏହାକୁ ଦେଖି ସନ୍ନି ବେଶ୍ ଖୁସି ହୋଇଥିଲେ। ତେବେ ଏହି ଫିଲ୍ମରେ ଅଲି ହସନ୍ ପାକିସ୍ତାନୀ କର୍ଣ୍ଣଲ ଜାହିର୍ ହୁସେନ୍‌ଙ୍କ ଭୂମିକାରେ ଅଭିନୟ କରିଛନ୍ତି। ■



# ବାହା ହେବେ କୃତିକା



ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ କୃତିକା କମରା ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବେ। ସେ କ୍ରିକେଟ ହୋଷ୍ଟ ଗୌରବ କପୁରଙ୍କୁ ବିବାହ କରିବେ। ତେବେ ଦୁହିଁଙ୍କ ବିବାହ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ରହି ଆସିଛି। ହେଲେ ଦୁହେଁ ଡେଷ୍ଟିନେସନ ବିବାହ କରିବେ ନାହିଁ। ମଡର୍ଣ୍ଣ ଏବଂ ମିନିମଲିଷ୍ଟ ବିବାହ କରିବା ନିଷ୍ପତ୍ତି ନେଇଛନ୍ତି। ଦୁହେଁ ନିଜ ବିବାହ ପ୍ରସ୍ତୁତିରେ ପୂରା ସାମିଲ ଅଛନ୍ତି। ସେମାନେ ପ୍ରତ୍ୟେକ ଛୋଟ ବଡ଼ ଜିନିଷକୁ ବୁଝିବିଚାରି ଯୋଜନା କରୁଛନ୍ତି। ବର୍ତ୍ତମାନର ଦେଖାଣିଆ ବିବାହ ପରିବର୍ତ୍ତେ ସୋନେ ଶାନ୍ତ ବାହାଘର ଚାହୁଁଛନ୍ତି। ଯାହାକି ସେମାନଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିବ। ସେମାନଙ୍କ ପାଇଁ ବାହାଘରର ଅର୍ଥ ବଡ଼ ଆୟୋଜନ ନୁହେଁ, ବରଂ ଏହାର ଗୁରୁତ୍ୱକୁ ବୁଝିବା ଉପରେ ଦୃଷ୍ଟି ଦିଅନ୍ତି। ମୁମ୍ବାଇରେ ହିଁ ଦୁହିଁଙ୍କ ବାହାଘର ହେବ। ସାଜସଜ୍ଜାଠାରୁ ଆରମ୍ଭ କରି ଷ୍ଟାଇଲ୍, ପସନ୍ଦ ସବୁକିଛି ଦୁହିଁଙ୍କ ବ୍ୟକ୍ତିତ୍ୱକୁ ହିଁ ପ୍ରତିଫଳିତ କରିବ ବୋଲି କୁହାଯାଉଛି। ■

ସା କ୍ଷା ତ କା ର

# "ନିର୍ଭୀକତା ସହ କାମ କଲେ ସଫଳତା ମିଳେ"

**ଲକ୍ଷ୍ମୀପ୍ରିୟା ସାହୁ, ଅଭିନେତ୍ରୀ**



ସେ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଅନେକ ମ ରେ ସେ ଚମ ାର ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଛନ୍ତି ହେଲେ ସେ ଭାଗ୍ୟବଶତ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ ୨୦୨ ଏହି 'ରଜସୁ ରୀ' ରିଆଲିଟି ଶୋ'ର ସେ ବିଜେତା ହୋଇଥିଲେ ପରେ ପରେ ଧାରାବାହିକରେ କାମ କରିବାକୁ ତାଙ୍କୁ ସୁ ାଗ ମିଳିଲା ବର୍ତ୍ତମାନ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ଦୀପା ଭୂମିକାରେ ଅଭିନୟ କରୁଛନ୍ତି ଏହି ଦୀପ୍ୟମାନ ଅଭିନେତ୍ରୀ ଜଣକ ହେ ଛନ୍ତି ଜଗ ାଥ ଧାମ ପୁରୀର ଲକ୍ଷ୍ମୀପ୍ରିୟା ସାହୁ ଦୁଇଟି ମ୍ୟୁଜି ଭି ିଓ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲେ ତେବେ ଭବିଷ୍ୟତରେ ଲକ୍ଷ୍ମୀପ୍ରିୟା ଶାସ୍ତ୍ରୀୟ ନୃତ୍ୟ ସହିତ ଅଭିନୟ ାତ୍ରା ଜାରି ରଖିବେ କି ନାହିଁ ଜାଣିବା ତାଙ୍କ ମୁହଁରୁ

**ଶାସ୍ତ୍ରୀୟ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ବାଛିଲେ ?**

● ମୁଁ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ଏହା ସହ ପାର୍ଲର କୋର୍ସ କରିଥିଲି। ହେଲେ ଓଲିଉଡ୍ ନାୟିକା ଏଲିନା ସାମନ୍ତରାୟଙ୍କ 'ଲଭ୍ ଷ୍ଟେସନ୍' ସିନେମାଟି ମୋ ହୃଦୟକୁ ଗଭୀର ଭାବରେ ଛୁଇଁଥିଲା । ସମାନ ସିନେମାକୁ ବାରମ୍ବାର ଦେଖିଲି। ସେଥିରେ ଏଲିନାଙ୍କ ଅଭିନୟ ଓ କଥା କହିବାର ଶୈଳୀରେ ମୁଁ ଅନୁପ୍ରାଣିତ ହୋଇଥିଲି। ତାଙ୍କର ସମସ୍ତ ସଂଳାପ କହିବାକୁ ଲାଗିଲି। ତେଣୁ ଅଭିନେତ୍ରୀ ହେବା ଉଦ୍ଦେଶ୍ୟରେ ୨୦୨୪ ମସିହାରେ ସିଦ୍ଧାର୍ଥ ଟିଭିର ରିଆଲିଟି ଶୋ' 'ରଜ ସୁନ୍ଦରୀ'ରେ ଭାଗ ନେଇ ବିଜେତା ହେଲି। ପରେ ପରେ କିଛି ଅଡିସନ୍ ଦେଇଥିଲି। ସୌଭାଗ୍ୟ ବଶତଃ ମୋତେ 'ସାଥି ସାତଜନ୍ମର' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା। 'ମା' ତୋ ପଣତରେ ମୋ ଦୁନିଆ' ଓ 'ଫୁଲବାଣୀ' ଦୁଇଟି ମ୍ୟୁଜିକ୍ ଭିଡ଼ିଓରେ ମୁଁ କାମ କରିଛି।

**କ୍ୟାମେରା ସାମ୍ନାରେ ପ୍ରଥମ ସଟ୍ ଓକେ ହୋଇଥିଲା ?**

● ନା। ପୂର୍ବରୁ ଏକାଧିକ କ୍ୟାମେରା ସାମ୍ନାରେ ମୁଁ କେବେ କାମ କରି ନ ଥିଲି। କ୍ୟାମେରା ସାଙ୍ଗକୁ ସିନିୟର୍ କଳାକାରମାନଙ୍କୁ ଦେଖି ପ୍ରଥମ ଥର ମୁଁ ବହୁତ ଡରି ଯାଇଥିଲି। ସଂଳାପ କିଛି ମନେ ପଡ଼ି ନଥିଲା। ହେଲେ ସେଟ୍‌ର ସମସ୍ତେ ମୋତେ ସ୍ୱାଭାବିକ କରିଥିଲେ। ଭଲ କାମ କରିବାକୁ ଉତ୍ସାହ ଯୋଗାଇଥିଲେ।

**'ସାଥି ସାତ ଜନ୍ମର'ରେ ଆପଣଙ୍କ ଚରିତ୍ର ବିଷୟରେ କିଛି କୁହନ୍ତୁ ?**

● ଏଥିରେ ମୁଁ ନାୟକର ଭଉଣୀ ଦୀପା ଚରିତ୍ରରେ ଅଭିନୟ କରୁଛି। ଦୀପା ଜଣେ ସାଧାସିଧା ଝିଅ। ସେ ତାର ଦୁଇ ଭାଉଜଙ୍କୁ ସମର୍ଥନ କରୁଛି। ସବୁବେଳେ ସେ ସତ୍ୟପଥରେ ଥାଏ। ଭୁଲ୍‌କୁ ଭୁଲ୍ କହିବାକୁ ସେ କୁଣ୍ଠାବୋଧ କରୁନାହିଁ।

**ସ୍ମରଣୀୟ ମୁହୂର୍ତ୍ତ ?**

● ଯେଉଁଦିନ ମୁଁ ଟିଭିରେ ମୋ ନିଜକୁ ଦେଖିଥିଲି ଏତେ ଖୁସି ଲାଗିଥିଲା ଯେ ମୁଁ ଭୋ ଭୋ ହୋଇ କାନ୍ଦିଥିଲି।

**ଆପଣଙ୍କ ପ୍ରେରଣା ?**

● ମୋ' ପରିବାର ଲୋକ ଓ ପ୍ରିୟ ବନ୍ଧୁ।

**ସୁଟିଂ ନ ଥିଲେ କ'ଣ କରନ୍ତି ?**

● ମୋତେ ଖାଲି ବସିବାକୁ ଆଦୌ ଭଲ ଲାଗେନି। କିଛି ନା କିଛି କାମ କରୁଥାଏ। ପ୍ରୋମୋସନ୍, ମଡେଲ ସୁଟ୍, ମଞ୍ଚ ପରିଚାଳନାରେ ସମୟ ବିତାଏ।

**ଲକ୍ଷ୍ମୀପ୍ରିୟା ଏତେ ଫିଟ୍ କେମିତି ?**

● ମୁଁ ଜିମ୍ ଯାଏନି। ହେଲେ ଶାସ୍ତ୍ରୀୟ ନୃତ୍ୟ ଯୋଗୁଁ ସର୍ବଦା ମୁଁ ଫିଟ୍ ରହିଥାଏ।

**ଅଭିନୟ ଜୀବନ୍ତ କରିବାକୁ କ'ଣ କରନ୍ତି ?**

● ପ୍ରଥମତଃ କଥାବାର୍ତ୍ତା ଶୈଳୀ, ଭାବଭଙ୍ଗୀ, ଷ୍ଟୋରୀ ଲାଇନକୁ ବୁଝିବାକୁ ଗୁରୁତ୍ୱ ଦିଏ। ଅଭିନୟ ମାଧ୍ୟମରେ କେମିତି ଲୋକଙ୍କ ମନ କିଣିପାରିବି ସେ ସବୁ ଦିଗ ପ୍ରତି ଧ୍ୟାନ ଦିଏ। ମୋତେ କ'ଣ ଚରିତ୍ର ମିଳିଛି ସେଥିରେ କେତେ ଭିତରକୁ ଯାଇହେବ ତାହାକୁ ଧ୍ୟାନ ଦିଏ। ମୁଁ ମୋ ରୁମ୍‌କୁ ବନ୍ଦ କରି ଦର୍ପଣ ସାମ୍ନାରେ ସଂଳାପ କହୁଥାଏ।

**ଡ୍ରିମ୍ ରୋଲ ?**

● ମୋ' ପାଇଁ କିଛି ଡ୍ରିମ୍ ରୋଲ୍ ନାହିଁ। ହେଲେ ଇଚ୍ଛା ଅଛି ସାରା ଓଡ଼ିଶାରେ ମୋର ପୋଷ୍ଟର ଲାଗୁ। ସାଢ଼େ ଚାରିକୋଟି ଓଡ଼ିଆ ମୋତେ ଜାଣନ୍ତୁ। ଭଲ ଅଭିନୟ ମାଧ୍ୟମରେ ମୁଁ ସେମାନଙ୍କ ମନରେ ମୋ ପାଇଁ ଟିକେ ଭଲ ପାଇବା ପାଇପାରେ।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ ?**

● ଯଦି ଏହି ଲାଇନ୍‌ରେ କାମ କରିବାକୁ ଅଛି ତେବେ କାମକୁ ହୃଦୟର ସହ କରନ୍ତୁ। କାମକୁ ଶହେ ପ୍ରତିଶତ କରନ୍ତୁ। ନିର୍ଭୀକତା ସହିତ କାମ କଲେ ସଫଳତା ନିଶ୍ଚୟ ମିଳେ। ■

## ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମୁକାବିଲା ଆଜି

# ସ୍ପିନ୍ ଓ ବର୍ଷା ଭାରତ ରାସ୍ତାରେ ପ୍ରତିବନ୍ଧକ

କଲମ୍ବୋ,୧୪।୨ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତୀକ୍ଷିତ ବିଶ୍ୱକପ୍ କ୍ରିକେଟ୍ ମୁକାବିଲା ଆସନ୍ତାକାଲି କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତ-ପାକିସ୍ତାନ ମୁକାବିଲାକୁ କେବଳ ଉଭୟ ଦେଶ ନୁହେଁ ସମଗ୍ର ବିଶ୍ୱର ଦର୍ଶକ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଏପରିକି ଉଭୟ ଦେଶର ଦର୍ଶକ ଏହି ମୁକାବିଲାରେ ବିଜୟକୁ ବିଶ୍ୱକପ୍ ବିଜୟଠାରୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏଭଳି ସ୍ଥିତିରେ ବାଂଲାଦେଶକୁ ସମର୍ଥନ କରି ଭାରତର ଏହି ମୁକାବିଲାକୁ ବୟକଟ କରିଥିବା ପାକିସ୍ତାନ ସରକାର ମ୍ୟାଚ୍ ଖେଳିବାକୁ ରାଜି ହେବା ପରେ ଏହାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ପରିବର୍ତ୍ତିତ ରାଜିନାମା ଅନୁଯାୟୀ ପାକିସ୍ତାନ ଏହି ବିଶ୍ୱକପ୍‌ରେ ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ଏଣୁ ପରିବେଶ, ପିଚ୍ ଓ ଜଳବାୟୁ ସମ୍ପର୍କରେ ପାକିସ୍ତାନ ଖେଳାଳିମାନେ ଆଗୁଆ ଅବଗତ ହୋଇସାରିଛନ୍ତି। ଏହି ବିଭାଗରେ ଭାରତ ଅପେକ୍ଷା ପାକିସ୍ତାନକୁ ଫାଇଦା ମିଳିବ। ପାକିସ୍ତାନର ଆଉ ଏକ ବଡ଼ ଫାଇଦା ହେଉଛି ଏଠିକାର ମନ୍ଥର ୱିକେଟରେ ସ୍ପିନରଙ୍କ ଦବ୍‌ଦବା। ପାକିସ୍ତାନ ଏଠାରେ ଖେଳିଥିବା ୨ଟି ମ୍ୟାଚ୍‌ରେ ସ୍ପିନରମାନେ ପ୍ରଭାବ ବିସ୍ତାର କରିଛନ୍ତି। ଏପରିକି ଏମାନଙ୍କୁ ମିଡିଲ ଓଭରରେ ଖେଳିବା କଷ୍ଟକର ହେଉଛି। ଭାରତ ବିପକ୍ଷରେ ଏହା ମ୍ୟାଚ୍ ଜିତିବାରେ ବଡ଼ ପ୍ରତିବନ୍ଧକ ହୋଇପାରେ। ଆଉ ଏକ ପ୍ରତିବନ୍ଧକ ହେଉଛି ବର୍ଷା। ଏଠାରେ ଆସନ୍ତାକାଲି ମଧ୍ୟମରୁ ପ୍ରବଳ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଣୁ କହିବାକୁ ଗଲେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଜିତିବାକୁ ହେଲେ ଭାରତ ଆଗରେ ସ୍ପିନ୍‌ର ଓ ବର୍ଷା ମୁଖ୍ୟ ପ୍ରତିବନ୍ଧକ ହୋଇ ଛିଡା ହୋଇଛନ୍ତି।





### ● ସ୍ପିନ୍ ବିପକ୍ଷରେ ଭାରତ ଦୁର୍ବଳ

କୁହାଯାଏ ଭାରତୀୟ ଉପମହାଦେଶୀୟ ପିଚ୍‌ରେ ବିଦେଶୀ ଦଳଗୁଡିକ ସ୍ପିନ୍ ବୋଲିଂକୁ ମୁକାବିଲା କରିବାରେ ଅସୁବିଧା ଭୋଗିଥାନ୍ତି। ଭାରତକୁ ଟେଷ୍ଟ ଓ ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଏହାକୁ ଭୁଲ ପ୍ରମାଣିତ କରିଛି। ଏବେ ଭାରତୀୟମାନେ ସ୍ପିନ ବୋଲିଂ ବିପକ୍ଷରେ ଭଲ ଖେଳିପାରୁ ନାହାନ୍ତି। ଏହି ବିଶ୍ୱକପ୍‌ରେ ମଧ୍ୟ ତାହାର ଏକ ଝଲକ ଦେଖିବାକୁ ମିଳିଛି। ଗ୍ରୁପ୍‌ରେ ଦୁଇ ଦୁର୍ବଳ ଦଳ ଭାବେ ବିବେଚିତ ୟୁଏସ୍‌ଏ ଓ ନାମିବ୍ୟା ବିପକ୍ଷରେ ଭାରତ ବିଜୟୀ ହୋଇଛି ସତ, କିନ୍ତୁ ଦଳ ୯ଟି ଲେଖାଏଁ ୧୮ଟି ୱିକେଟ ହରାଇଛି। ଏହା ମଧ୍ୟରୁ ସ୍ପିନରମାନେ ୮ଟି ୱିକେଟ ନେଇଛନ୍ତି। ୱିକେଟପ୍ରତି ୧୨.୨୩ ହାର ଓ ୯୯ ଷ୍ଟ୍ରାଇକ୍‌ରେଟ୍‌ରେ ଭାରତୀୟ ବ୍ୟାଟର ରନ୍ ସଂଗ୍ରହ କରିଛନ୍ତି। ଅନ୍ୟ ପକ୍ଷରେ ପେସ୍ ବୋଲିଂ ବିପକ୍ଷରେ ୱିକେଟ ପ୍ରତି ୫୦ ହାରରେ ଓ ୧୮୨ ଷ୍ଟ୍ରାଇକ୍ ରେଟ୍‌ରେ ରନ ମିଳିଛି। ଏଣୁ ଭାରତୀୟମାନେ ସ୍ପିନରଙ୍କ ବିପକ୍ଷରେ କେତେ ଦୁର୍ବଳ ଏଥିରୁ କିଛି ସୂଚନା ମିଳୁଛି। ଚଳିତ ବିଶ୍ୱକପ୍‌ରେ ଏଠାରେ ୩ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ସ୍ପିନରମାନେ ୨୦ଟି ୱିକେଟ ନେଇଛନ୍ତି। ଏପରିକି ରାତିରେ ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ସ୍ପିନରଙ୍କୁ ୧୦ଟି ୱିକେଟ ମିଳିଥିଲା। ଭାରତ ଓ ପାକିସ୍ତାନ ମୁକାବିଲା ମଧ୍ୟ ରାତି ୭ଟାରୁ ଆରମ୍ଭ ହେବ। ପାକିସ୍ତାନ ଏହି ମ୍ୟାଚ୍‌ରେ ଆମେରିକା ମୁକାବିଲା ଭଳି ୪ କିମ୍ବା ୫ଜଣ ସ୍ପିନରଙ୍କୁ ଖେଳାଇବାକୁ ସୁଯୋଗ ଦେଇପାରେ। ମିଷ୍ଟ୍ରି ସ୍ପିନର ଆବ୍ରାର ଅହମ୍ମଦ୍, ବାମହାତୀ ସ୍ପିନର ମହମ୍ମଦ୍ ନୱାଜ, ଲେଗ୍ ସ୍ପିନର ସଦାବ ଖାନ୍ ଏବଂ ଅଣପାରମ୍ପରିକ ଶୈଳୀରେ ବୋଲିଂ କରୁଥିବା ଉସ୍‌ମାନ ତାରିକ୍ ଏହି ମ୍ୟାଚ୍‌ରେ ପାକିସ୍ତାନର ଟ୍ରମ୍ପକାର୍ଡ ସାଜିବେ।

### ● ପିଚ୍‌ରେ ୧୭୦ରୁ ୧୯୦ ବଡ଼ ସ୍କୋର

ରଣସିଂହେ ପ୍ରେମଦାସା ପିଚ୍ ଅତ୍ୟନ୍ତ ମନ୍ଥର ରହିଛି। କିନ୍ତୁ ବଲ ଅଧିକ ଟର୍ଣ୍ଣ ନେଉନାହିଁ। ବ୍ୟାଟରଙ୍କୁ ହାତଖୋଲା ସଟ୍ ଖେଳିବାରେ ଆଦୌ ସହାୟକ ହେଉନାହିଁ। ଏପରିକି ଏଠାରେ ଖେଳାଯାଇଥିବା ୩ଟି ମ୍ୟାଚ୍‌ରେ ଜିତିଥିବା ଦଳ ଶ୍ରୀଲଙ୍କା, ଅଷ୍ଟ୍ରେଲିଆ ଓ ଜିମ୍ବାୱେ ମିଡିଲ ଓଭରରେ ଗୋଟିଏ ହେଲେ ଛକା ମାରି ନାହାନ୍ତି। ଏଠାରେ ୭ମରୁ ୧୬ତମ ଓଭରରେ ଦଳଗୁଡିକ ୭.୪ ହାରରେ ରନ୍ ସଂଗ୍ରହ କରିଛନ୍ତି। ପାୱାର ପ୍ଲେ'ରେ କମ୍ ୱିକେଟ ଓ ଅଧିକ ରନ୍ ମିଳିଛି। ଏଣୁ ଷ୍ଟ୍ରୋକ୍‌ମେକରଙ୍କ ଲାଗି ପାୱାର ପ୍ଲେରେ ଦ୍ରୁତ ରନ୍ ସଂଗ୍ରହ କରିବା ସହଜ ହେବ। ଭାରତୀୟ ଦଳରେ ତିଲକ ବର୍ମା ଏବଂ ଯଦି ଖେଳିବାର ସୁଯୋଗ ପାଆନ୍ତି ତେବେ ସଞ୍ଜୁ ସାମସନ ମିଡିଲ ଓଭରରେ ଭଲ ଖେଳିବେ। ଚଳିତ ବିଶ୍ୱକପ୍‌ରେ ଏଠାରେ ସର୍ବାଧିକ ୧୮୨ ରନ୍ ଅଷ୍ଟ୍ରେଲିଆ ସଂଗ୍ରହ କରିଛି। ଏଣୁ ସ୍ପିନରଙ୍କ ନିୟନ୍ତ୍ରଣରେ ଥିବା ଏହି ପିଚ୍‌ରେ ୧୭୦ରୁ ୧୯୦ ରନ୍ ବଡ଼ ସ୍କୋର ଭାବେ ବିବେଚିତ ହେବ। ଉଭୟ ଦଳରେ ଏକାଧିକ ପାୱାର ହିଟର ଅଛନ୍ତି। ଏମାନଙ୍କ ବ୍ୟାଟ କଥା କହିଲେ, ୨୫୦ ରନ୍ ମଧ୍ୟ ଡିଫେଣ୍ଡ କରିବା କଷ୍ଟକର ହୋଇପାରେ।

### ● ବାଧାପ୍ରାପ୍ତ ହୋଇପାରେ ମୁକାବିଲା

କଲମ୍ବୋରେ ଆସନ୍ତାକାଲି ରାତିରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଶ୍ରୀଲଙ୍କାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି ଆକାଶରେ ବାଦଲ ଢ଼ାଙ୍କିହୋଇ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷା ହେବାର ସମ୍ଭାବନାକୁ ଆଦୌ ଏଡ଼ାଇଦେଇହେବ ନାହିଁ। ଏଭଳି ସ୍ଥିତିରେ ଏହି ମ୍ୟାଚ୍ ଦେଖିବାକୁ ଭାରତରୁ ଯାଇଥିବା ୧୬,୦୦୦ ଦର୍ଶକ ଆଶଙ୍କା ମଧ୍ୟରେ ରହିଛନ୍ତି। ପ୍ରେମଦାସା ଷ୍ଟାଡିୟମ୍‌ରେ କ୍ଷମତା ହେଉଛି ୨୮,୦୦୦। ଏଠାରେ ମ୍ୟାଚ୍ ହେଲେ ଭାରତରେ ଖେଳ ହେଉଛି ବୋଲି ଜଣାଯିବ। କିନ୍ତୁ ମ୍ୟାଚ୍ ନ ହେଲେ କେବଳ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ନୁହଁନ୍ତି, ଟେଲିଭିଜନ ଏବଂ ଅନ୍ୟାନ୍ୟ ଆପ୍‌ରେ ଖେଳ ଦେଖିବାକୁ ଅପେକ୍ଷା କରିଥିବା ଦର୍ଶକ ଯେ ନିରାଶ ହେବେ ଏହା ନିଃସନ୍ଦେହରେ କୁହାଯାଇପାରେ।

## ସେଦିନ ବି ଥିଲା 'ଜାଗର': ଧୂଳି ଚାଟିଥିଲା ପାକିସ୍ତାନ

ପୁଣିଥରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ମହା ଶିବରାତ୍ରି ଅର୍ଥାତ ଜାଗରରେ ଆଉ ଏକ ବିଶ୍ୱକପ୍ ମ୍ୟାଚ୍‌ରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ରବିବାର ସାରା ଦେଶରେ ଜାଗର ପାଳନ କରାଯିବ। ଏହି ଦିନ ଦୁଇ ଦେଶ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ପାଖାପାଖି ୨୩ ବର୍ଷ ତଳେ ଜାଗର ଦିନ ୨୦୦୩ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ପୁଲ୍ ଏ'ର ଏକ ମୁକାବିଲାରେ ଦୁଇ ଦେଶ ପରସ୍ପରକୁ ଭେଟିଥିଲେ। ମାର୍ଚ୍ଚ ୧ରେ ଅନୁଷ୍ଠିତ ଏହି ରୋମାଞ୍ଚକ ମୁକାବିଲାରେ ଭାରତ ୨୬ଟି ବଲ ବାକି ରଖି ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଥିଲା। ପୁଣିଥରେ ଭାରତ ଏଥର ସେହି ପ୍ରଦର୍ଶନକୁ ଦୋହରାଇବ ବୋଲି ଆଶା କରାଯାଉଛି। ୨୦୦୩ରେ ଦକ୍ଷିଣ ଆଫ୍ରିକାର ସେଞ୍ଚୁରିସଆନରେ ଟସ୍ ଜିତି ପାକିସ୍ତାନ ଓପନର ସଇଦ ଅନୱାରଙ୍କ ୧୦୧ ରନର ଶତକୀୟ ପାଳି ବଳରେ ୭ ୱିକେଟ ହରାଇ ୨୭୩ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ସଚିନ ତେନ୍ଦୁଲକରଙ୍କ ୯୮ ରନର ଧୂଆଁଧାର ପାଳି (୭୫ ବଲ, ୧୨ ଚୌକା, ୧ ଛକା) ଓ ଯୁବରାଜ ସିଂହଙ୍କ ଅପରାଜିତ ୫୦ ରନର ଅର୍ଦ୍ଧଶତକୀୟ ପାଳି ବଳରେ ୪୫.୪ ଓଭରରେ ୪ ୱିକେଟ ହରାଇ ୨୭୬ ରନକରି ବାଜି ମାରିଥିଲା। ସଚିନ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ଭାରତ -୧୨, ପାକିସ୍ତାନ-୩

ଭାରତ ଓ ପାକିସ୍ତାନ ମଧ୍ୟରେ ୨୦୦୭ ବିଶ୍ୱକପ୍‌ରୁ ଟି-୨୦ ଫର୍ମାଟରେ ମୁକାବିଲା ହୋଇଆସୁଛି। କଲମ୍ବୋରେ ଆସନ୍ତାକାଲି ଖେଳାଯିବାକୁ ଥିବା ମୁକାବିଲା ପୂର୍ବରୁ ଉଭୟ ଦଳ ପରସ୍ପର ସହ ୧୬ଥର ସାମ୍ନାସାମ୍ନି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲାବେଳେ ପାକିସ୍ତାନ ୩ଟିରେ ଜିତିଛି। ୨୦୦୭ ବିଶ୍ୱକପ୍‌ରେ ଗୋଟିଏ ମ୍ୟାଚ୍ ଟାଇ ରହିଥିଲାବେଳେ ବୋଲ୍‌ଆଉଟରେ ଭାରତ ଏହି ମ୍ୟାଚ୍‌କୁ ମଧ୍ୟ ଜିତିନେଇଥିଲା। ଟି-୨୦ ବିଶ୍ୱକପ୍‌ରେ ଉଭୟ ଦେଶ ୮ଥର ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଭାରତ ଗୋଟିଏ ବୋଲ ଆଉଟ ମ୍ୟାଚ୍‌କୁ ମିଶାଇ ୭ଥର ଓ ପାକିସ୍ତାନ ଥରେ ବିଜୟୀ ହୋଇଛି। ସେହିପରି ଦିନିକିଆ ଫର୍ମାଟରେ ଭାରତ ଓ ପାକିସ୍ତାନ ପରସ୍ପର ସହ ୮ଥର ଲଢ଼େଇ କରିଛନ୍ତି। ସମସ୍ତ ୮ଟି ଯାକ ମୁକାବିଲାରେ ଭାରତ ବିଜୟୀ ହୋଇଛି।

### ଭାରତ-ପାକ୍ ଟି-୨୦ ବିଶ୍ୱକପ୍ ଫଳାଫଳ

| ବିଶ୍ୱକପ୍ | ଭେନ୍ୟୁ | ଫଳାଫଳ |
|---|---|---|
| ୨୦୦୭ | ଡର୍ବାନ | ମ୍ୟାଚ୍ ଟାଇ/ଭାରତ ବୋଲଆଉଟରେ ବିଜୟୀ |
| ୨୦୦୭ | ଜୋହାନ୍ସବର୍ଗ | ଭାରତ ୫ ରନରେ ବିଜୟୀ |
| ୨୦୧୨ | କଲମ୍ବୋ | ଭାରତ ୮ ୱିକେଟରେ ବିଜୟୀ |
| ୨୦୧୪ | ମିରପୁର | ଭାରତ ୭ ୱିକେଟରେ ବିଜୟୀ |
| ୨୦୧୬ | କୋଲକାତା | ଭାରତ ୬ ୱିକେଟରେ ବିଜୟୀ |
| ୨୦୨୧ | ଦୁବାଇ | ପାକିସ୍ତାନ ୧୦ ୱିକେଟରେ ବିଜୟୀ |
| ୨୦୨୨ | ମେଲବୋର୍ଣ୍ଣ | ଭାରତ ୪ ୱିକେଟରେ ବିଜୟୀ |
| ୨୦୨୪ | ନ୍ୟୁୟର୍କ | ଭାରତ ୬ ରନରେ ବିଜୟୀ |
| ୨୦୨୬ | କଲମ୍ବୋ | -------- |


| | | |
|---|---|---|
| ଖେଳ ଆରମ୍ଭ | : | ରାତି ୭ଟା |
| ଭେନ୍ୟୁ | : | ପ୍ରେମଦାସା ଷ୍ଟାଡିୟମ୍ |
| ପ୍ରସାରଣ | : | ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ |
| ଲାଇଭ୍ ଷ୍ଟ୍ରିମିଂ | : | ଜିଓହଟ୍‌ଷ୍ଟାର |

### ଉଭୟ ଦଳ

**ଭାରତ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।

**ପାକିସ୍ତାନ:** ସାହିବଜାଦା ଫରହାନ, ସାଏମ ଆୟୁବ, ବାବର ଆଜମ, ଫଖର ଜମାନ, ସଲ୍‌ମାନ ଅଲି ଆଘା (ଅଧିନାୟକ), ଉସ୍‌ମାନ ଖାନ୍ ଓ ଖ୍ୱାଜା ନାଫୟ (ଉଭୟ ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ସଦାବ ଖାନ୍, ଆବ୍ରାର ଅହମ୍ମଦ୍, ଉସ୍‌ମାନ ତାରିକ୍, ସଲମାନ ମିର୍ଜା, ଫହୀମ୍ ଆଶ୍ରଫ, ସାହିନ ଆଫ୍ରିଦୀ, ନସୀମ ଶାହ।

### ଆଜିର ବିଶ୍ୱକପ୍ ମ୍ୟାଚ୍



| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ୱେଷ୍ଟଇଣ୍ଡିଜ୍-ନେପାଳ | ପୂର୍ବାହ୍ନ ୧୧ଟା | ମୁମ୍ବାଇ |
| ଆମେରିକା-ନାମିବ୍ୟା | ଅପରାହ୍ଣ ୩ଟା | ଚେନ୍ନାଇ |
| ଭାରତ-ପାକିସ୍ତାନ | ରାତି ୭ଟା | କଲମ୍ବୋ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ତନ୍ମୟୀଙ୍କ ଶତକ; ଓଡ଼ିଶା ବିଜୟୀ

ଭୁବନେଶ୍ୱର, ୧୪।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ରାଜକୋଟରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ କ୍ରିକେଟ୍‌ରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨ ୱିକେଟ୍‌ରେ ରୋମାଞ୍ଚକ ଭାବେ ପୁଡୁଚେରୀକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁଡୁଚେରୀ ୪୮.୩ ଓଭରରେ ୨୪୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଯୁବାଶ୍ରୀ (୭୬ ରନ) ଓ ସୋନାଲ (୬୯) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଓଡ଼ିଶାର ରୀମାଲକ୍ଷ୍ମୀ ଏକ୍କା ୩ଟି ଓ ପଦାର୍ପଣକାରୀ ନିବେଦିତା ଜନ ନାଏକ ୨ଟି ୱିକେଟ୍ ନେଇଥିଲେ। ଜବାବରେ ତନ୍ମୟୀ ବେହେରା (୧୦୨ ବଲରେ ୧୦୩ ରନ)ଙ୍କ ଦମ୍‌ଦାର ଶତକ ବଳରେ ଓଡ଼ିଶା ୪୯.୪ ଓଭରରେ ୮ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରିତା ମେହେର ୪୮, ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩୦ ରନର ଉପଯୋଗୀ ପାଳି ଖେଳିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ତନ୍ମୟୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।



## ୟୁରୋପୀୟ ଦେଶ ବିପକ୍ଷରେ ଇଂଲଣ୍ଡର ପ୍ରଥମ ବିଜୟ

କୋଲକାତା, ୧୪।୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ରେ ୟୁରୋପୀୟ ଦେଶ ବିପକ୍ଷରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି ଇଂଲଣ୍ଡ। ଐତିହାସିକ ଇଡେନ ଗାର୍ଡେନ୍ସରେ ଶନିବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଇଂଲଣ୍ଡ ୫ ୱିକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଅଧିନାୟକ ରିଚି ବେରିଙ୍ଗଟନଙ୍କ ୪୯ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡ ୧୯.୪ ଓଭରରେ ୧୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଇଂଲଣ୍ଡର ଆଦିଲ ରଶିଦଙ୍କୁ ୩ଟି ଏବଂ ଜୋଫ୍ରା ଆର୍ଚର ଓ ଲିଆମ ଡଶନଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ୧୦ଟି ବଲ୍ ଓ ୫ଟି ୱିକେଟ୍ ବଳକା ଥାଇ ଇଂଲଣ୍ଡ ଲକ୍ଷ୍ୟ ହାସଲ କରିନେଇଥିଲା। ଟମ୍ ବାନଟନ୍ ସର୍ବାଧିକ ୬୩, ଜାକବ ବେଥେଲ ୩୨, ସାମ କରନ ୨୮, ୱିଲ ଜ୍ୟାକ୍ସ ୧୬ ରନ କରିଥିଲେ। ଦୁଇ ଓପନର ଫିଲ୍ ସଲ୍ଟ (୨ ରନ) ଓ ଜୋଶ୍ ବଟଲର (୩ ରନ) ନିରାଶ କରିଥିଲେ। ବାନଟନ ତାଙ୍କ ୪୧ ବଲ୍ ପାଳିରେ ୪ଟି ଚୌକା ଓ ୩ଟି ଛକା ମାରିଥିଲେ। ତିନୋଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ଇଂଲଣ୍ଡ ୪ ପଏଣ୍ଟ ପାଇ ଗ୍ରୁପ୍-ସି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ସ୍କଟଲାଣ୍ଡ ୩ୟ ମ୍ୟାଚରୁ ୨ୟ ପରାଜୟବରଣ କରିଛି। ଟି-୨୦ ବିଶ୍ୱକପ୍ ଇତିହାସରେ ୟୁରୋପୀୟ ରାଷ୍ଟ୍ର ବିପକ୍ଷରେ ଇଂଲଣ୍ଡ ୬ଷ୍ଠ ମ୍ୟାଚରୁ ପ୍ରଥମ ବିଜୟ ହାସଲ କରିଛି। ଏଥିପୂର୍ବରୁ ଇଂଲଣ୍ଡ ୨୦୦୯ ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ (୪ ୱିକେଟ୍), ୨୦୧୪ ସଂସ୍କରଣରେ ନେଦରଲାଣ୍ଡ୍ସ (୪୫ ରନ) ଓ ୨୦୨୨ରେ ଆୟର୍ଲାଣ୍ଡ (ଡିଏଲ୍ ୫ ୱିକେଟ୍) ନିକଟରୁ ପରାସ୍ତ ହୋଇଥିଲା। ସେହିଭଳି ଆୟର୍ଲାଣ୍ଡ (୨୦୧୦) ଓ ସ୍କଟଲାଣ୍ଡ (୨୦୨୪) ବିପକ୍ଷରେ ଇଂଲଣ୍ଡର ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।

ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୯୬ ରନରେ ଓମାନକୁ ହରାଇ ପ୍ରଥମ ବିଜୟ ପାଇଛି। ଅଧିନାୟକ ଲୋରକାନ ଟକର ୯୪ ରନ କରି ଆୟର୍ଲାଣ୍ଡ ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ।

### ମାର୍କରମଙ୍କ ରେକର୍ଡ ଅର୍ଦ୍ଧଶତକ

ଅହମ୍ମଦାବାଦ, ୧୪।୨ (ଏଜେନ୍ସି): ଅଧିନାୟକ ଆଇଡେନ ମାର୍କରମଙ୍କ ରେକର୍ଡ ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ଚଳିତ ଟି-୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ ବିଜୟ ସ୍ୱାଦ ଚାଖିଛି। ଶନିବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୭ ୱିକେଟରେ ୧୭୫ ରନ କରିଥିଲା। ମାର୍କ ଚାପମାନ ୪୮, ଡାରୀଲ ମିଚେଲ ୩୨, ଫିନ ଆଲେନ ୩୧ ରନର ପାଳି ଖେଳିଥିଲେ। ପ୍ରତିପକ୍ଷ ବାମହାତୀ ଦ୍ରୁତ ବୋଲର ମାର୍କୋ ଜାନସେନଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ମାର୍କରମ ସର୍ବାଧିକ ଅପରାଜିତ ୮୬ ରନ କରିଥିଲେ। ୧୯ ବଲରେ ଅର୍ଦ୍ଧଶତକ ହାସଲ କରି ମାର୍କରମ ଟି-୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବ୍ୟାଟର ଭାବେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ କ୍ୱିଣ୍ଟନ ଡି କକ୍ (୨୧ ବଲ୍)ଙ୍କ ନାମରେ ରହିଥିଲା। ହ୍ୟାଟ୍ରିକ ବିଜୟ ସହ ୬ ପଏଣ୍ଟ ପାଇ ଦକ୍ଷିଣ ଆଫ୍ରିକା ଗ୍ରୁପ୍-ଡି'ରେ ଶୀର୍ଷକୁ ଉଠିଛି। ଅପରପକ୍ଷରେ ୩ ମ୍ୟାଚରୁ ପ୍ରଥମ ପରାଜୟ ସହ ୪ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ୨ୟ ସ୍ଥାନରେ ରହିଛି।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତର ହ୍ୟାଟ୍ରିକ ପରାଜୟ

ରାଉରକେଲା, ୧୪।୨ (ସମିସ): ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଘରୋଇ ଭାରତ ହ୍ୟାଟ୍ରିକ ପରାଜୟବରଣ କରିଛି। ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚରେ ଶକ୍ତିଶାଳୀ ବେଲ୍‌ଜିୟମ ୪-୨ ଗୋଲରେ ଭାରତକୁ ମାତ୍ ଦେଇଛି। ଚଳିତ ପ୍ରୋ ଲିଗ୍‌ରେ ବେଲ୍‌ଜିୟମଠାରୁ ଭାରତର ଏହା ଦ୍ୱିତୀୟ ପରାଜୟ। ଏଥିପୂର୍ବରୁ ଭାରତ ଏହି ଗ୍ରାଉଣ୍ଡରେ ୩-୧ ଗୋଲରେ ହାରିଥିଲା। ସେହିଭଳି ଆର୍ଜେଣ୍ଟିନା ନିକଟରୁ ମଧ୍ୟ ଭାରତ ୮-୦ ଗୋଲରେ ଲଜ୍ଜାଜନକ ଭାବେ ପରାଜୟବରଣ କରିଥିଲା। ହରମନପ୍ରୀତ୍ ସିଂହ ନେତୃତ୍ୱାଧୀନ ଭାରତ କ୍ରମାଗତ ୩ଟି ମ୍ୟାଚ୍ ହାରି ପଏଣ୍ଟ ଖାତା ଖୋଲିପାରିନି। ଅପରପକ୍ଷରେ ବେଲ୍‌ଜିୟମ ୮ମ ମ୍ୟାଚରୁ ୭ମ ବିଜୟ ଓ ଗୋଟିଏ ଡ୍ର ସହ ୨୨ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ରାଉରକେଲା ପର୍ଯ୍ୟାୟରେ ଭାରତ ଏହାର ଶେଷ ମ୍ୟାଚରେ ରବିବାର ପୁଣିଥରେ ଆର୍ଜେଣ୍ଟିନାକୁ ଭେଟିବ। ଅପରପକ୍ଷରେ ଶନିବାର ବେଲ୍‌ଜିୟମ ବିପକ୍ଷରେ ଖେଳି ଅମନଦୀପ୍ ଲାକ୍ରା ତାଙ୍କ ସିନିଅର ପଦାର୍ପଣ କରିଛନ୍ତି।

### ● ନିରଞ୍ଜନ ବେହେରା ଶ୍ରେଷ୍ଠ ଖେଳାଳି

## ତମାଣ୍ଡୋ କ୍ରିକେଟ କ୍ଲବ୍‌ର ୨ୟ ବିଜୟ

ଭୁବନେଶ୍ୱର,୧୪।୨(ସମିସ): ବିଜେତା ୱାରିୟର୍ସକୁ ୪ ୱିକେଟରେ ପରାସ୍ତ କରି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଆୟୋଜକ ଟିସିସି ସେମିଫାଇନାଲ ଖେଳିବା ଆଶା ଉଜ୍ଜ୍ୱଳ କରିଛି। ତମାଣ୍ଡୋ ଖେଳ ପଡ଼ିଆରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିଜେତା ୱାରିୟର୍ସ ୧୯.୧ ଓଭରରେ ୧୪୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ନିରଞ୍ଜନ ବେହେରା ସର୍ବାଧିକ ୩ଟି ଓ ସୁଶିଲ ବାରିକ ୨ଟି ୱିକେଟ ନେଇଥିଲେ। ୱାରିୟର୍ସ ପକ୍ଷରୁ ଜି ଲାବନ ୫୦ ଓ ଆଦର୍ଶ ବର୍ମା ୫୨ ରନ୍ କରିଥିଲେ। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୦.୧ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ୨୩ ବଲ୍‌ରେ ୩୭, ସିଦ୍ଧାନ୍ତ ଜେନା ୧୦ ବଲ୍‌ରେ ୩୨ ଓ ସୟଦ ଜାକି ୫ ବଲ୍‌ରେ ୩ଟି ଛକା ଓ ଗୋଟିଏ ଚୌକା ସହ ଅପରାଜିତ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପ୍ରଶାନ୍ତଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ଆଜିର ମ୍ୟାଚ୍‌ରେ ୱାର୍ଡ ନଂ-୫୨ର କର୍ପୋରେଟର ଧୀରେନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇଥିଲେ। ଆସନ୍ତାକାଲି ସମ୍ବଲପୁରର ଏମ୍‌ଏମସିସି ଓ କାକଟପୁରର ଏମ୍‌ସିସି ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।




## ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟ୍‌ବଲ




ଭୁବନେଶ୍ୱର, ୧୪।୨ (ସମିସ): ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଅଲ୍‌ଓଡ଼ିଶା ଫୁଟ୍‌ବଲ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣ ମାର୍ଚ୍ଚ ୧୫ରୁ ଆରମ୍ଭ ହେବ। ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର ସିଟି କ୍ଲବ ଏବଂ ଭୁବନେଶ୍ୱର ଦୌଡ଼କୁଦ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବଛାବଛା ୮ଟି ଦଳ ଅଂଶଗ୍ରହଣ କରିବେ। ସେହି ଦଳଗୁଡ଼ିକ ହେଲା କିଶୋର କ୍ଲବ, ମଙ୍ଗଳା କ୍ଲବ, ସମଲେଶ୍ୱରୀ ସ୍ପୋର୍ଟିଂ, ୟୁନିଟ୍-୬ ଆଥଲେଟିକ ଆସୋସିଏସନ, ରାଉରକେଲା ରେଡ୍ ୟୁନାଇଟେଡ୍, ୟୁନାଇଟେଡ୍ ଏଫ୍‌ସି, ହରି ପ୍ଲାଷ୍ଟ ଟାଇଟନ୍ସ ଓ ରାଧାମୋହନ କ୍ଲବ। ନକ୍‌ଆଉଟ୍ ଭିତ୍ତିରେ ମ୍ୟାଚଗୁଡ଼ିକ ଖେଳାଯିବ। ମାର୍ଚ୍ଚ ୨୨ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିଟ୍-୧ ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ଏଥିରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଶନିବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ମହାନ୍ତି ସୂଚନା ଦେଇଛନ୍ତି। ପୂର୍ବତନ ଭାରତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂଙ୍କୁ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରଖାଯାଇଛି। ଆଗାମୀ ଦ୍ୱିତୀୟ ସଂସ୍କରଣରେ ଜାତୀୟସ୍ତରର ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଦୀପ ରାଉତରାୟ, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ରହିଥିଲେ।

**ଭାଗନେବେ ୮ ଦଳ; ୧୦ ଲକ୍ଷ ପୁରସ୍କାର**

### ● ପ୍ରଶାନ୍ତ ମେମୋରିଆଲ୍ ଆଇନଜୀବୀ କ୍ରିକେଟ୍

## ଭୁବନେଶ୍ୱର ବାର୍ ଚାମ୍ପିଅନ

ଭୁବନେଶ୍ୱର, ୧୪।୨ (ସମିସ): ସ୍ଥାନୀୟ ବିଜେବି ଗ୍ରାଉଣ୍ଡରେ ଚାଲିଥିବା ୧୧ତମ ପ୍ରଶାନ୍ତ ମେମୋରିଆଲ୍ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲରେ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ସଂଘକୁ ୫ ୱିକେଟରେ ପରାସ୍ତ କରି ଆୟୋଜକ ଭୁବନେଶ୍ୱର ବାର୍ ସଂଘ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବୋର୍ଡ ଅଫ୍ ରେଭିନ୍ୟୁ ୨୦ ଓଭରରେ ୯ ୱିକେଟ୍ ହରାଇ ୧୨୯ ରନ କରିଥିଲା। ଜବାବରେ ଭୁବନେଶ୍ୱର ବାର୍ ଦଳ ୧୧ଟି ବଲ୍ ବଳକା ଥାଇ ୫ ୱିକେଟ୍‌ରେ ମ୍ୟାଚ୍ ଜିତିନେଇଥିଲା। ୧୯ ବଲରେ ୩୨ ରନ କରିଥିବା ଲଳିତ ମହାନ୍ତିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେହିଭଳି ପ୍ରିୟବ୍ରତ ପ୍ରିୟରଞ୍ଜନ (୮୨ ରନ ଓ ୪ଟି ୱିକେଟ୍) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପ୍ରିୟମ ମଲ୍ଲିକ ଶ୍ରେଷ୍ଠ ବୋଲର, ଆଶୁତୋଷ ବେହେରା ଶ୍ରେଷ୍ଠ ବ୍ୟାଟର ଓ ଶରତ ଜେନା ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ଫାଇନାଲରେ ହାଇକୋର୍ଟର ବିଚାରପତି ସାବିତ୍ରୀ ରଥ, ବିଚାରପତି ବି. ନରସିମା, ସିନିଅର ଆଡଭୋକେଟ୍ ମାନସ ରଞ୍ଜନ ମହାପାତ୍ର, ବାର୍ କାଉନସିଲର ଚେୟାରମ୍ୟାନ ସୀତାଂଶୁ ମୋହନ ଦ୍ୱିବେଦୀ ଅତିଥିଭାବେ ଯୋଗଦେଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS